ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୮ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 18 August 2024

Vol.No. 35 ■ No.222 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିଜୁଳି ମାରି ଦେଲା ୧୦ : ୧୭ ଆହତ



ଭୁବନେଶ୍ୱର, ୧୭/୮ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରାଘାତରେ ଏକ ଦମ୍ପତିଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୭ ଜଣ ଆହତ ହୋଇଛନ୍ତି। ମୟୂରଭଞ୍ଜ, ଭଦ୍ରକ, କେନ୍ଦ୍ରାପଡ଼ା, ଗଞ୍ଜାମ, ଯାଜପୁର, କେନ୍ଦୁଝର ଓ ▶▶ପୃଷ୍ଠା ୭

# ନୂଆ ବିଧାୟକଙ୍କୁ ରିଜିଜୁଙ୍କ ଟିପ୍ସ: 'ଗୃହରେ ହଙ୍ଗାମା କମ୍ କର ଓ ଶୃଙ୍ଖଳା ଅଧିକ ରଖ'

ଭୁବନେଶ୍ୱର, ୧୭/୮ (ନି.ପ୍ର): ବିଧାନସଭାରେ ଭଲ ପରଫର୍ମାନ୍ସ ଦେଖାଇ ଶ୍ରେଷ୍ଠ ବିଧାୟକ ହେବାକୁ ପାଠଶାଳାରେ ଜ୍ଞାନ ଦେଲେ ହେଭିୱେଟ୍ । ବିଧାନସଭାରେ ଦୁଇ ଦିନିଆ ଜ୍ଞାନ ସଂସ୍କାର କାର୍ଯ୍ୟକ୍ରମରେ ଯୋଗ ଦେଇ ବିଧାୟକମାନଙ୍କୁ ମନ୍ତ୍ର ଦେଲେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ । ହେଡ୍ ଲାଇନ୍ ବନାଇବାକୁ ଚେଷ୍ଟା କରନି, ଲମ୍ବା ରେସ୍ ର ଘୋଡ଼ା ହୁଅ । ଗୃହରେ ହଙ୍ଗାମା କମ୍ କର, ଶୃଙ୍ଖଳା ଅଧିକ ରଖ । ନୂଆ ବିଧାୟକମାନଙ୍କୁ



କିରନ ରିଜିଜୁଙ୍କ ଟିପ୍ସ । ବିଧାନସଭାରେ ଦୁଇ ଦିନିଆ ଜ୍ଞାନ ସଂସ୍କାର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ । ବାଚସ୍ପତିଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମେ ନୂଆ ବିଧାୟକମାନଙ୍କୁ ଅଭିଜ୍ଞତା ବାଣ୍ଟିଥିଲେ କେନ୍ଦ୍ରମନ୍ତ୍ରୀ । କେମିତି ଶ୍ରେଷ୍ଠ ବିଧାୟକ ବନିବେ ସେ ନେଇ ଦେଇଥିଲେ ମନ୍ତ୍ର । ପରାମର୍ଶ ଦେଇଥିଲେ, ଜୀବନ ସାରା ଶିଖିବାର ଆବଶ୍ୟକ ଅଛି, ତେଣୁ ବିଧାନସଭାରେ ଅଯଥା ହଙ୍ଗାମା ନକରି ଶୃଙ୍ଖଳା ରଖ। ସବୁଦିନ ଗୃହରେ ଉପସ୍ଥିତ ରୁହ। ଗବେଷଣା ଏବଂ କଠିନ ପରିଶ୍ରମ ହିଁ ସଫଳତା ଦେବ ବୋଲି କହିଥିଲେ କେନ୍ଦ୍ରମନ୍ତ୍ରୀ। ପରେ ସରପଞ୍ଚରୁ ମୁଖ୍ୟମନ୍ତ୍ରୀ ହେବା ଅଭିଜ୍ଞତାକୁ ନୂଆ ବିଧାୟକଙ୍କୁ ବାଣ୍ଟିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ବିଶେଷ କରି ସରକାରୀ ଦଳରେ ବିଧାୟକମାନଙ୍କ ଭୂମିକା, ବିରୋଧୀଙ୍କୁ ଗଠନମୂଳକ ଢଙ୍ଗରେ କାଉଣ୍ଟର ▶▶ପୃଷ୍ଠା ୭

## ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ ପଦ ଛାଡ଼ିଲେ ଅସିତ୍ ତ୍ରିପାଠୀ



ଭୁବନେଶ୍ୱର, ୧୭/୮ (ନି.ପ୍ର): ପଶ୍ଚିମଓଡ଼ିଶା ବିକାଶ ପରିଷଦର ଅଧକ୍ଷ ପଦରୁ ପୂର୍ବତନ ମୁଖ୍ୟସଚିବ ଅସିତ୍ କୁମାର ତ୍ରିପାଠୀ ଇସ୍ତଫା ଦେଇଛନ୍ତି । ତାଙ୍କର ଇସ୍ତଫାକୁ ରାଜ୍ୟ ସରକାର ଆଜି ଅପରାହ୍ଣରୁ ଗ୍ରହଣ କରିଥିବା ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଶ୍ରୀ ତ୍ରିପାଠୀଙ୍କୁ ବିଜେଡି ସରକାର ୨୦୨୦ ଡିସେମ୍ବର ମାସରେ ପଶ୍ଚିମଓଡ଼ିଶା ବିକାଶ ପରିଷଦ ଅଧକ୍ଷ ପଦରେ ଥଇଥାନ କରିଥିଲେ। ▶▶ପୃଷ୍ଠା ୭


ସାଗରିକା

ଧ୍ୱନି ପ୍ରତିଧ୍ୱନି

୩୫ଶ

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୪

ଅବଗଣନା

୦୭ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ ।

୨୫ ଅଗଷ୍ଟ, ୨୦୨୪, ରବିବାର ପୂର୍ବାହ୍ନ @ ୯.୩୦ ଘଟିକା
ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର


## ନିର୍ବାଚନ ପୂର୍ବରୁ ମହାବିକାଶ ଅଘାଡି ମେଣ୍ଟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବାକୁ ଉଦ୍ଧବ ଠାକରେଙ୍କ ଦାବି

ନୂଆଦିଲ୍ଲୀ, ୧୭/୮ : ଶିବସେନା ମୁଖ୍ୟ ଉଦ୍ଧବ ଠାକରେଙ୍କ ମତରେ ମହାବିକାଶ ଅଘାଡି ବା ଏମଭିଏ ନିର୍ବାଚନ ଯଥେଷ୍ଟ ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ଉଚିତ ।ଏହା ସାଧାରଣ ଜନତାଙ୍କୁ ଏମଭିଏ ପ୍ରତି ଆକୃଷ୍ଟ କରିବ ବୋଲି ଠାକରେଙ୍କ ଯୁକ୍ତି। ଏଥିପାଇଁ ସେ ମେଂଟ ପ୍ରାର୍ଥୀ କଂଗ୍ରେସ କିମ୍ବା ଏନସିପିଙ୍କ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଖୋଲାଖୋଲି ଘୋଷଣା କରିଛନ୍ତି। ମାତ୍ର ଠାକରେଙ୍କ ଘୋଷଣା ପଛରେ ବଡ କାରଣ ରହିଛି । ଉଦ୍ଧବ ଭଲଭାବେ ଜାଣିଛନ୍ତି ,




କଂଗ୍ରେସ କିମ୍ବା ଏନସିପି ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା ସପକ୍ଷରେ ନାହାଁନ୍ତି । ଏମଭିଏର ଏହି ଦୁଇ ମେଂଟ ସାଥୀ ନିର୍ବାଚନ ପରେ ବୃହତମ ଦଳର ପ୍ରାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ରୂପେ ବାଛିବା ସପକ୍ଷରେ ଅଛନ୍ତି । ହୁଏତ ଉଦ୍ଧବଙ୍କ ଏହି ଘୋଷଣା ଦୁଇମେଂଟ ପ୍ରାର୍ଥୀଙ୍କୁ ଉପରେ ନିଶ୍ଚୟ ଚାପ ପକାଇବ । ଗତ ଲୋକସଭା ନିର୍ବାଚନରେ ଏମଭିଏ ମେଂଟ ୪୮ ଆସନରୁ ୩୦ରେ ଜିତି ଭଲ ପ୍ରଦର୍ଶନ କରିଛି । ▶▶ପୃଷ୍ଠା ୭

## ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲାରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ହସ୍ତକ୍ଷେପ ଲୋଡିବ ଆଇଏମଏ : ଦେଶବ୍ୟାପୀ ଡାକ୍ତରଙ୍କ ୨୪ ଘଣ୍ଟିଆ ବନ୍ଦ ଜାରି

ନୂଆଦିଲ୍ଲୀ, ୧୭/୮ : କୋଲକାତା ଦୁଷ୍କର୍ମ ଓ ହତ୍ୟା ମାମଲାରେ ଆଜି ମୃତ ଟ୍ରେନି ଡାକ୍ତରଙ୍କ ସର୍ମକୀୟଙ୍କୁ ଭେଟିଛି ସିବିଆଇ । ନିର୍ମମ ହତ୍ୟା ପଛରେ ଆରଜି କଲେଜର କିଛି ଇନଟର୍ଣ୍ଣ ଓ ଡାକ୍ତରଙ୍କ ହାତ ଥିବା ନେଇ ସନ୍ଦେହ ପ୍ରକାଶ କରିଛି ପରିବାର । ଅଭିଯୋଗକ୍ରମେ ୩୦ଜଣ ଡାକ୍ତରଙ୍କୁ ସିବିଆଇ ଜେରା କରିବାକୁ ତାଲିକା ପ୍ରକାଶ କରିଛି । ଅନ୍ୟପଟେ ସୁରକ୍ଷାକୁ ଗୁରୁତ୍ୱ ଦେଇଛି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରାଳୟ । ଯଦି କୌଣସି ଡାକ୍ତର,ନର୍ସ ବା ଚିକିତ୍ସାକ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଏ ତେବେ ୬ଘଂଟା ମଧ୍ୟରେ ଏଫଆଇଆର ରୁଜୁ କରାଯିବାକୁ ନିର୍ଦ୍ଦେଶ




ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ ଇଣ୍ଡିଆନ ମେଡିକାଲ ଆସୋସିଏସନ ପ୍ରଧାନମନ୍ତ୍ରୀ ମୋଦୀଙ୍କ ହସ୍ତକ୍ଷେପ ଲୋଡି ଚିଠି ଲେଖିବାକୁ ଯାଉଛି । ଏନେଇ ସୂଚନା ଦେଇଛନ୍ତି ଆଇଏମଏ ଅଧକ୍ଷ ଡକ୍ଟର ଅଶୋକନ । ସେପଟେ ଆଜି ୨୪ଘଂଟିଆ ଆନ୍ଦୋଳନକୁ ମଧ ଓହ୍ଲାଇଛି ଇଣ୍ଡିଆନ ମେଡିକାଲ ଆସୋସିଏସନ । ଫେଡେରେସନ ଅଫ ରେସିଡେଂଟ ଡାକ୍ତର ଆସୋସିଏସନ, ଇଣ୍ଡିଆନ ମେଡିକାଲ ▶▶ପୃଷ୍ଠା ୭

# ଡ. ସଂଘମିତ୍ରା ମିଶ୍ରଙ୍କୁ 'ଧ୍ୱନି ପ୍ରତିଧ୍ୱନି' ଓ ଦୟାନିଧି ଦାଶଙ୍କୁ 'ସାଗରିକା' ସାରସ୍ୱତ ସମ୍ମାନ

**ବିଜୟଙ୍କୁ ବାଲେଶ୍ୱର ବରପୁତ୍ର; କବିତାରେ ଅବନୀ କୁମାର, ଗଳ୍ପରେ ଦେବପ୍ରସାଦ, ଗୀତିକବିତାରେ ଶ୍ରୀଧର, ପ୍ରବନ୍ଧରେ ଶ୍ରୀହରି, ଶିଶୁସାହିତ୍ୟରେ ଶରତ କୁମାର, ଯୁବ ପ୍ରତିଭାରେ ଶ୍ରୀନିବାସ, ସମ୍ପାଦନାରେ ବନମାଳୀ, ଅନୁବାଦରେ ଚିତ୍ତରଂଜନ, ସମାଜସେବାରେ ସୁବ୍ରତ, ଶିକ୍ଷା ଓ ଅନୁଷ୍ଠାନ ପାଇଁ ସୁମନ୍ତ, ଶିକ୍ଷାବିତ୍ ଶ୍ରୀକାନ୍ତ, ସାମ୍ବାଦିକତାରେ ସୁଧାଂଶୁ ଓ ଭବାନୀଙ୍କୁ ତରୁଣ ପ୍ରତିଭା ସମ୍ମାନ**



ଡ. ସଂଘମିତ୍ର ମିଶ୍ର



ଦୟାନିଧି ଦାଶ



ବିଜୟ ଉପାଧ୍ୟାୟ



ଡ. ଅବନୀ କୁମାର ପ୍ରଧାନ



ଦେବପ୍ରସାଦ ଦାଶ



ଡ. ଶ୍ରୀଧର ସାମଲ



ଡ. ଶ୍ରୀହରି ପଣ୍ଡା



ଶରତ କୁମାର ଦାସ



ଶ୍ରୀନିବାସ ସେଠୀ



ବନମାଳୀ ସେନାପତି



ଡ. ଚିତ୍ତରଂଜନ ନାହାକ



ସୁବ୍ରତ କୁମାର କର



ସୁମନ୍ତ କୁମାର ସାହୁ



ଶ୍ରୀକାନ୍ତ କୁମାର ମିଶ୍ର



ସୁଧାଂଶୁ ପୃଷ୍ଟି



ଭବାନୀ ଶଙ୍କର ଆଚାର୍ଯ୍ୟ

ବାଲେଶ୍ୱର, ତା ୧୭/୦୮ (ନି.ପ୍ର) ବାଲେଶ୍ୱରରୁ ଦୀର୍ଘ ୩୫ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଇଆସୁଥିବା ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ୩୫ତମ ବାର୍ଷିକ ଉତ୍ସବ ସମାରୋହ ଏବଂ 'ଧ୍ୱନିପ୍ରତିଧ୍ୱନି' ଓ ସାହିତ୍ୟ ପତ୍ରିକା 'ସାଗରିକା'ର ମିଳିତ ସମ୍ମାନ ପ୍ରଦାନ ଉତ୍ସବ ଆସନ୍ତା ୨୫ ତାରିଖ ରବିବାର ଦିନ ପୂର୍ବାହ୍ନ ୯.୩୦ ଘଟିକା ସମୟରେ ବାଲେଶ୍ୱର ସହରସ୍ଥ ଭେନିୟା ପାରାଡାଇଜ୍ ଠାରେ ଯଥାରୀତି ଅନୁଷ୍ଠିତ ହେବ। ଚଳିତବର୍ଷ ବିଶିଷ୍ଟ ଲେଖିକା ଡ. ସଂଘମିତ୍ରା ମିଶ୍ରଙ୍କୁ 'ଧ୍ୱନି ପ୍ରତିଧ୍ୱନି' ସାରସ୍ୱତ ସମ୍ମାନ ଓ କଥାକାର ଦୟାନିଧି ଦାଶଙ୍କୁ 'ସାଗରିକା' ସମ୍ମାନ ପ୍ରଦାନ କରାଯିବା ବେଳେ ବାଲେଶ୍ୱରର ବରପୁତ୍ର ସମ୍ମାନ ବିଶିଷ୍ଟ ଗବେଷକ ତଥା ସମାଜସେବୀ ବିଜୟ ଉପାଧ୍ୟାୟଙ୍କୁ ପ୍ରଦାନ କରାଯିବ। ଏଥିସହିତ ଡ. ଅବନୀ କୁମାର ପ୍ରଧାନଙ୍କୁ କବିତା ସମ୍ମାନ, ଦେବପ୍ରସାଦ ଦାଶଙ୍କୁ ଗଳ୍ପ ସମ୍ମାନ, ଡ. ଶ୍ରୀଧର ସାମଲଙ୍କୁ ଗୀତିକବିତା ସମ୍ମାନ, ଡ. ଶ୍ରୀହରି ପଣ୍ଡାଙ୍କୁ ପ୍ରବନ୍ଧ ସମ୍ମାନ, ଶରତ କୁମାର ଦାସଙ୍କୁ ଶିଶୁସାହିତ୍ୟ ସମ୍ମାନ, ଶ୍ରୀନିବାସ ସେଠୀଙ୍କୁ ଯୁବ ପ୍ରତିଭା ସମ୍ମାନ, ବନମାଳୀ ସେନାପତିଙ୍କୁ ସଂପାଦନା ସମ୍ମାନ, ସୁବ୍ରତ କୁମାର କରଙ୍କୁ ସମାଜସେବୀ ସମ୍ମାନ, ସୁମନ୍ତ କୁମାର ସାହୁଙ୍କୁ ଶିକ୍ଷା ଓ ଅନୁଷ୍ଠାନ ସମ୍ମାନ, ଶ୍ରୀକାନ୍ତ କୁମାର ମିଶ୍ରଙ୍କୁ ଶିକ୍ଷାବିତ୍ ସମ୍ମାନ, ସୁଧାଂଶୁ ପୃଷ୍ଟିଙ୍କୁ ସାମ୍ବାଦିକ ସମ୍ମାନ ଓ ଭବାନୀ ଶଙ୍କର ଆଚାର୍ଯ୍ୟଙ୍କୁ ତରୁଣ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ଧ୍ୱନି ପ୍ରତିଧ୍ୱନିର ପରିଚାଳନା ସଂପାଦକ ସୃଷ୍ଟିଧର ପରିଡା ଘୋଷଣା କରିଛନ୍ତି । ଏହି ଅବସରରେ ପୂର୍ବାହ୍ନ ୯.୩୦ ମିନିଟ ଓ ମଧ୍ୟାହ୍ନ ଭୋଜନ ବିରତି ପରେ ଦ୍ୱିତୀୟ ପର୍ଯ୍ୟାୟରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହେବ । ଏହି ଉତ୍ସବରେ ସଂପାଦିକା ସୈରିନ୍ଧ୍ରୀ ସାହୁଙ୍କର କବିତା ପୁସ୍ତକ 'ଅନୁଚ୍ଚାରିତ' ଓ ସାଗରିକାର ବାର୍ଷିକ ସଂଖ୍ୟା ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ମଧ ରହିଛି । ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ ଲେଖିକା ପ୍ରଫେସର ସଂଘମିତ୍ରା ମିଶ୍ର, କବି ରତ୍ନାକର ରାଉତ, କବି ପ୍ରଶାନ୍ତ କୁମାର ହୋତା, ଗାଳ୍ପିକ ଡ. ଅଜୟ ସ୍ୱାଇଁ, କବି ପ୍ରଫେସର ଗିରିଜା ଶଙ୍କର ଶର୍ମା, ସଂଳାପ ଲେଖକ ଡ. ରଜନୀ ରଂଜନ, କବି ପ୍ରମିଳା ପଣ୍ଡା, ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. କାଳୀପଦ ପଣ୍ଡା ଯୋଗ ଦେଉଥିବା ବେଳେ ଏହି ସଭାକୁ ପୂର୍ବତନ ମନ୍ତ୍ରୀ ତଥା ଧ୍ୱନି ପ୍ରତିଧ୍ୱନିର ଉପଦେଷ୍ଟା ରଘୁନାଥ ମହାନ୍ତି ସଭାପତିତ୍ୱ କରିବାର କାର୍ଯ୍ୟକ୍ରମ ମଧ ରହିଛି ।

## ଖୁସି ଖବର: ରାସନକାର୍ଡ ହିତାଧିକାରୀ ପାଇବେ ଚାଉଳ ସହ ଗହମ



ଭୁବନେଶ୍ୱର, ୧୭/୮ (ନି.ପ୍ର): ଏଣିକି ରାସନ କାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ଗହମ ମିଳିବ। ମୁଣ୍ଡପିଛା ମାସକୁ ୪ କିଲୋ ଚାଉଳ ଓ ୧କିଲୋ ଗହମ ମିଳିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଘୋଷଣା କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଲୋକଙ୍କର ଲୋକଙ୍କ ଗହମ ଚାହିଦାକୁ ଦୃଷ୍ଟିରେ ରଖି ଏହି ଦାବି ରଖାଯାଇଛି। ରାସନ କାର୍ଡ ହିତାଧିକାରୀଙ୍କୁ ମିଳୁଥିବା ଚାଉଳର ୨୦ ପ୍ରତିଶତ ଗହମ ମିଳିବ। ତେବେ ପୂର୍ବରୁ ରାସନ କାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ମିଳୁଥିବା ଗହମକୁ ବନ୍ଦ କରି ଦେଇଥିଲେ ପୂର୍ବ ସରକାର। ଅଧିକ ଚାଉଳ ଦେବାକୁ କେନ୍ଦ୍ରକୁଦାବି କରାଯିବା ପରେ ଗହମ ଯୋଗାଣକୁ ବନ୍ଦ କରି ଦିଆଯାଇଥିଲା। ପୂର୍ବସରକାର ଗହମକୁ ବନ୍ଦ କରି ରାସନ କାର୍ଡ ହିତାଧିକାରୀଙ୍କୁ କେବଳ ଚାଉଳ ଯୋଗାଇ ଦେଉଥିଲେ।ଏବେ ରାସନ କାର୍ଡ ହିତାଧିକାରୀଙ୍କୁ ଚାଉଳ ସହ ଗହମ ଦେବାକୁ ▶▶ପୃଷ୍ଠା ୭

# ଚନ୍ଦ୍ରଶେଖର ଏକାଡେମୀରେ ଲାଗିଲା ୨୫୫ଟି ଗଛ

ପୁରୀ, ୧୭/୦୮ (ନି.ପ୍ର): ପ୍ରତିଟି ବ୍ୟକ୍ତି, ପରିବାର ଓ ଅନୁଷ୍ଠାନ ପରିବେଶ ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣ କରିବା ପ୍ରଥମ ଓ ପ୍ରଧାନ ଆବଶ୍ୟକତା ବୋଲି କହିଛନ୍ତି ପୁରୀର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁଚରଣ ପତି। ପୁରୀ - କୋଣାର୍କ ମେରାଇନ ଡ୍ରାଇଭ୍ ରୋଡ ବାଲିଘାଇ ସ୍ଥିତ ଚନ୍ଦ୍ରଶେଖର ଏକାଡେମୀ ପରିସରରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପତି କହିଥିଲେ, ଉନ୍ନତମାନର ଶିକ୍ଷା ବ୍ୟବସ୍ଥା ସହ ବୈଷୟିକ ଶିକ୍ଷା ଓ ଜାପାନି ଭାଷା ଶିକ୍ଷାଦାନ ପାଇଁ ଚର୍ଚ୍ଚିତ ଏହି ଶିକ୍ଷାନୁଷ୍ଠାନ। କିଛି ବର୍ଷ ଧରି ଯେପରି ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ଉପରେ କାର୍ଯ୍ୟକ୍ରମମାନ କରିଆସୁଅଛି ତାହା ପ୍ରଶଂସନୀୟ। ଏକାଡେମୀର ଚେୟାରମ୍ୟାନ ତଥା ସମାଜସେବୀ ଶ୍ରୀମନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ସୁରକ୍ଷାର ସହକାରୀ କମାଣ୍ଡାଂଟ ଜୀତେନ୍ଦ୍ର କୁମାର ଦେହୁରୀ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ ଦେହୁରୀ କହିଥିଲେ, ଗ୍ରାମାଚଂଳରେ ଶିକ୍ଷାର ବିକାଶ ସହ ପରିବେଶ ସୁରକ୍ଷା ପାଇଁ ଶିକ୍ଷାନୁଷ୍ଠାନର ପ୍ରୟାସ ସ୍ୱାଗତଯୋଗ୍ୟ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ପ୍ରିନ୍ସିପାଲ ସମୀର ରଞ୍ଜନ ସ୍ୱାଇଁ, ସମ୍ପାଦକ ସଞ୍ଜୀବ କୁମାର ନାୟକ, ଶିକ୍ଷୟିତ୍ରୀ ଅମିତା ପଟ୍ଟନାୟକ, ସୁଚିତ୍ରା ନାୟକ, ସସ୍ମିତାରାଣି ଦଳବେହେରା ଓ ପକ୍ଷର୍ବତୀ ସୋରେନ୍। ଏହି କାର୍ଯ୍ୟକ୍ରମରେ ହେମନ୍ତ କୁମାର ନାୟକ, ଦୁଷ୍ମନ୍ତ କୁମାର ସାହୁ, ଜୀତେନ୍ଦ୍ର କୁମାର ସ୍ୱାଇଁ, ମାନସ କୁମାର ଦାସ ଓ ନିତୀନ୍ ଦାସଙ୍କ ସମେତ ଛାତ୍ର ଛାତ୍ରୀମାନେ ୨୫୫ଟି ଗଛ ଲଗାଇଥିଲେ। କେବଳ ବୃକ୍ଷରୋପଣ ନୁହେଁ, ଆଗାମୀ ଦିନରେ ଏକାଡେମୀ ଛାତ୍ର ଛାତ୍ରୀଙ୍କ ପାଇଁ 'ରକ୍ତଦାନ ମହତ ଦାନ' ଶୀର୍ଷକ ଆଲୋଚନାଚକ୍ର କରାଯିବ ବୋଲି ଚେୟାରମ୍ୟାନ ଶ୍ରୀ ଦାଶ ଜଣାଇଛନ୍ତି। ପରିଶେଷରେ ଅନୁଷ୍ଠାନର ଚେୟାରମ୍ୟାନ ତଥା ଭାରତ-ଜାପାନ ମୈା ତ୍ରୀ କେନ୍ଦ୍ରର ସଭାପତି ଶ୍ରୀମନ୍ତ କୁମାର ଦାଶଙ୍କ ଦ୍ୱାରା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇଥିଲା।

# ହଂସପାଳ ଓଭରବ୍ରିଜରେ ନିମ୍ନମାନର କାର୍ଯ୍ୟ ପ୍ରତିବାଦରେ ଯୁବ କଂଗ୍ରେସ ପକ୍ଷରୁ ଧାରଣା

ଭୁବନେଶ୍ୱର , ୧୭/୦୮ (ନି.ପ୍ର): ଭୁବନେଶ୍ୱର ସ୍ଥିତ ହଂସପାଳ ବ୍ରିଜ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଏବଂ ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ଯୁବ କଂଗ୍ରେସ ଅଭିଯୋଗ କରି ଧାରଣା ଦେବା ସହ ପ୍ରତିବାଦ ଜଣାଇ ହଂସପାଳ ଓଭରବ୍ରିଜ ନିକଟରେ ରାସ୍ତାରୋକ କରିଛି। ଯୁବ କଂଗ୍ରେସର ଅଭିଯୋଗ ଥିଲା ଯେ ଦୀର୍ଘ ବର୍ଷଧରି ଏହି ଓଭରବ୍ରିଜର କାର୍ଯ୍ୟ ଶେଷ ନହୋଇ ପଡ଼ିରହିଛି। ଇତି ମଧ୍ୟରେ ଏନଏଚଆଇ କର୍ତୃପକ୍ଷ ପୂର୍ବରୁ କାର୍ଯ୍ୟକରୁଥିବା ଠିକା ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଇଥିବା ବେଳେ ସେ କାର୍ଯ୍ୟ ଶେଷ ନକରି ମୋଟା ଅଙ୍କର ବିଲ କରିନେଇଛି। ଉକ୍ତ ଠିକା ସଂସ୍ଥା ବ୍ରିଜେଶ ଅଗ୍ରୱାଲଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବଦଳରେ ଚୁପ ବସିଛନ୍ତି ଏନଏଚଆଇ କର୍ତୃପକ୍ଷ। ବର୍ତମାନ ଅଭିସା କନଷ୍ଟ୍ରକସନ କାମର ଦାୟିତ୍ୱ ନେଇଥିବା ବେଳେ ତରବରିଆ ଭାବରେ ନିମ୍ନମାନର କାର୍ଯ୍ୟ କରୁଥିବା ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ବାହା ବାହା ନେବାପାଇଁ ତରବରିଆ ଭାବରେ ଗତ କିଛିଦିନ ତଳେ ଏକ ପାଖିଆ ରାସ୍ତାକୁ ଉନ୍ମୋଚନ କରିଥିଲେ। ଯୁବ କଂଗ୍ରେସ ଅଭିଯୋଗ କରିଛିଯେ ଉକ୍ତ ରାସ୍ତାରେ ଦୈନିକ ଦୁର୍ଘଟଣା ଘଟୁଥିବା ବେଳେ ପ୍ରତ୍ୟେକ ଦିନ ଉକ୍ତ ରାସ୍ତାରେ ନାହିଁ ନଥିବା ଭିଡ଼ ହେଉଥିବାରୁ ସାଧାରଣ ଲୋକମାନେ ଗମନାଗମନ ପାଇଁ ନାହିଁ ନଥିବା ହଇରାଣ ହେଉଛନ୍ତି। ଯଦି ଉକ୍ତ ଓଭରବ୍ରିଜର କାର୍ଯ୍ୟକୁ ଦ୍ୱରାନ୍ୱିତ କରିବା ସହ କାର୍ଯ୍ୟର ମାନ ସଠିକ ନହୁଏ ତାହାଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବାପାଇଁ ଯୁବ କଂଗ୍ରେସ ଚେତାବନୀ ଦେଇଛି। ଏହି ଆନ୍ଦୋଳନରେ ରଣଜିତ ପାତ୍ର, ୟାସିର ନୱାଜ, ସୁଦୀପ ସାମଲ, ନିହାର ବେହେରା, ମିର୍ଜ ଇସଲାମ ବେଗ, ଗଣେଶ ଦାଶ, ବିଶ୍ୱଭୂଷଣ ମହାପାତ୍ର, ବାଦଲ ନାୟକ, କିରଣ ସାହୁ, ଶ୍ରୀୟାସ୍ମିତା ପଣ୍ଡା, ସାଗର ପଟ୍ଟନାୟକ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

# ରାଜ୍ୟରେ ମଦ ଓ ମାଦକ ଦ୍ରବ୍ୟ ସଂପୁର୍ଣ୍ଣ ନିଷିଦ୍ଧ ଦାବି

ଜୟପୁର, ୧୭/୦୮ (ନି.ପ୍ର): ଅଖିଳ ଭାରତ ମହିଳା ସାଂସ୍କୃତିକ ସଂଗଠନ ତରଫରୁ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଷ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି । ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡାଙ୍କ ଜରିଆରେ ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି କୋମଳମତି ଶିଶୁ କନ୍ୟା ଠାରୁ ୮୦ ବର୍ଷର ବୃଦ୍ଧା ଦୁଷ୍କର୍ମର ଶୀକାର ହେବା ସହ ନାନାଦି ଅପରାଧ ଉଦ ବେଗ ଜନକ ଭାବେ ବଢିଚାଲିଛି । ଏହା ପଛର ଅନ୍ୟତମ ଗୁରୁତ୍ୱ ପୁଣ୍ଡ କାରଣ ହେଲା ମଦ । ଏଥି ପାଇଁ ଅନେକ ପରିବାର ମଧ୍ୟ ଆଜି ଧ୍ୱଂସମୁକୀ । ଏଣୁ ମଦ ଓ ମାଦକ ଦ୍ରବ୍ୟରକୁ ସମ୍ପୁଣ୍ଣ ନିଷିଦ୍ଧ କରି ଓଡିଶାକୁ ନିଶାମୁକ୍ତ ରାଜ୍ୟ କରିବା ପାଇଁ ଦାବି କରାଯାଇଛି । ଏହା ସହ ପ୍ରତ୍ୟକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଅସ୍ୱାଭାବିକ ଆକାଶଛୁଆଁ ଦର ବୃଦ୍ଧି ସାଧାରଣ ମଣିଷର ଜୀବନ ଜୀବିକାକୁ ବିପର୍ଯ୍ୟୟ କରି ଦେଇଛି । ଏଣୁ ସମସ୍ତ ଅତ୍ୟାବଷ୍ୟକୀୟ ଜିନିଷ ପତ୍ରର ଦରବୃଦ୍ଧିକୁ ନିୟନ୍ତ୍ରଣ ସହ ବର୍ଦ୍ଧିତ ଦର ପ୍ରତ୍ୟାହାର ପାଇଁ ଦାବି କରାଯାଇଛି । ମେଡିକାଲ କଲେଜରେ ଡାକ୍ତରି ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ସଂପୃକ୍ତ ସମସ୍ତ ଦୋଷୀଙ୍କୁ କଠୋର ଦଣ୍ଡ ସହ ଏସସିବି ମେଡିକାଲ କଲେଜରେ ରୋଗିକୁ ଡାକ୍ତର ଙ୍କ ବଳତ୍କାର ଅଭିଯୋଗର ତଦନ୍ତ କରି ଦୋଷିକୁ ଦଣ୍ଡ ଦେବାକୁ ସଂଗଠନର ସଭାପତି ଇନ୍ଦୁ ମତି ଦାସ, ସମ୍ପାଦକ ଲକ୍ଷ୍ମୀ ବାରିକ, ସଂଗଠନ ସମ୍ପାଦକ ପ୍ରମିଳା ପୁଜାରୀ, ସଂଯୁକ୍ତା ପାଣିଗ୍ରାହୀ, ରଞ୍ଜିତା ପାଣିଗ୍ରାହୀ ପ୍ରମୁଖ ଦାବି କରିଛନ୍ତି ।

# ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ସଂଗଠନର ଆଲୋଚନାଚକ୍ର

ପୁରୀ, ୧୭/୦୮ (ନି.ପ୍ର): ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମୁଖ୍ୟ ଦି ବେଲ୍ ଓ ରୋଟାରୀ କ୍ଲବ ମିଲିତ୍ ଆନୁକୁଲ୍ୟରେ ସ୍ଥାନିୟ ରୋଟାରୀ କ୍ଲବ କମ୍ୟୁନିଟି ହଲ ପରିସରରେ ' ଅଧୁନା ପରିସ୍ଥିତିରେ ଭାରତରେ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ଭୂମିକା 'ଶୀର୍ଷକ ଏକ ରାଜ୍ୟ ସ୍ତରୀୟ ଆଲୋଚୋନାଚକ୍ର ଆୟୋଜିତ ହୋଇଯାଇଛି। ସ୍ୱାଧିନତା ଦିବସ ଅବସରରେ ଆୟୋଜିତ ଏହି ଆଲୋଚନାଚକ୍ରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨୦ ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ମୁଖିଆ ମାନେ ଯୋଗ ଦେଇଥିଲେ। ବର୍ତମାନ ପରିସ୍ଥିତିରେ ସରକାର ଲୋକାଭିମୁଖି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କ ମତା ମତ ବା ସହଭାଗିତାକୁ ଆଦୌ ଗୁରୁତ୍ୱ ଦେଉ ନଥିବାରୁ ଏହାକୁ ନେଇ ଆଲୋଚକ ମାନେ କ୍ଷୋଭ ପ୍ରକାଶ କରିଥିଲେ। ଏଥି ସହିତ ସ୍ଥାଣୁ ଅବସ୍ଥାରେ ରହିଥିବା ଜିଲ୍ଲା ସ୍ତରରେ ସରକାରଙ୍କ ଦ୍ୱାରା ଗଠିତ ସ୍ୱେଚ୍ଛାସେବୀ ସଙ୍ଗଠନ ସମିତିକୁ ଗତିଶୀଳ କରାଇବା ସହିତ ଜନହିତକର କାର୍ଯ୍ୟ ଗୁଡିକରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗ ସରକାର ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ସେହି ପରି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକ ଉପରେ ସରକାରଙ୍କ ଅତ୍ୟଧିକ ଅଙ୍କୁଶ ମଧ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପରିବ୍ୟପକତା ଉପରେ ମଧ୍ୟ ପ୍ରଭାବ ପକାଉଛି ବୋଲି ବକ୍ତା ମାନେ ମତ ରଖିଥିଲେ। ଏହି ଆଲିଚୋନାଚକ୍ରକୁ କାର୍ଯ୍ୟକ୍ରମକୁ ଦି ବେଲ୍ ଅଧକ୍ଷ ସିଦ୍ଧାର୍ଥ ରାୟ ସଂଚାଳନ କରିଥିବା ବେଳେ ଅନୁଷ୍ଠାନ ସାଧାରଣ ସମ୍ପାଦକ ରାଜକିଶୋର ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ରୋଟାରି କ୍ଲବ ସଭାପତି କୃଷ୍ଣଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ବେଳେ ରୋଟାରୀୟାନ ନାରାୟଣ ଦାସ ଧନ୍ୟବାଦ୍ ଦେଇଥିଲେ। ସଂଯୋଗ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂ ଏହି ଆଲୋଚନାଚକ୍ରରେ ସଭାପତି ରୂପେ ଯୋଗ ଦେଇ ଆଲୋଚନାଚକ୍ର ର ନିର୍ଯ୍ୟାଶ ପ୍ରଦାନ କରିଥିଲେ। ପରିଶେଷରେ ଅତିଥି ମାନେ ସମସ୍ତ ଅଂଶଗ୍ରହଣ କାରିଙ୍କୁ ପ୍ରଶଂସା ପତ୍ର ଓ ଉପଢୋକନ ପ୍ରଦାନ କରିଥିଲେ।ଏହି ଅବସରରେ ରୋଟାରୀ କ୍ଲବ ର ସମ୍ପାଦକ ରୋଟାରୀୟାନ୍ ଶୈଳେଶ କୁମାର ବେହେରା ଅନ୍ୟତମ ଅତିଥି ଭାବରେ ଉପସ୍ଥିତି ଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଥି ଅନୁଷ୍ଠାନ ନିର୍ଦ୍ଦେଶକ ବିଶ୍ୱଭୂଷଣ ପଟ୍ଟନାୟକ, କୁମାର କବି ଫାଉଣ୍ଡେସନ ର ସମ୍ପାଦକ ଦିଗମ୍ବର ବେହେରା, ନିହିଡ଼ା ର ସମ୍ପାଦକ ଭକ୍ତ ବିହାରୀ ମିଶ୍ର, ହୋପ ଇନ୍ ଲାଇଫ ଅନୁଷ୍ଠାନର ଦିବାକର ଦଳାଇ, ସୁନ୍ଦରଗଡ଼ ର ସି .ଆଇ ଆର୍ .ଆଇ. ଡି ଅନୁଷ୍ଠାନ ନିର୍ଦ୍ଦେଶିକା ରୁଚିମିତ୍ରା ଜଗଦ୍ଦେବ, ଆମେ ଶ୍ରୀକ୍ଷେତ୍ର ବାସୀ ଅନୁଷ୍ଠାନର ଜିତେନ୍ଦ୍ର ନାରାୟଣ ମିଶ୍ର, ଆଇ ଏସ ଆର୍ ଡି ପ୍ରୋଗ୍ରାମ ମ୍ୟାନେଜର କେଳୁ ଚରଣ ଦାସ, ଆପଣଙ୍କ ସେବା ଅନୁଷ୍ଠାନର ଉପଦେଷ୍ଟା ମନୋଜ ରଥ, ହ୍ୟାପିନେଶ ଫାଉଣ୍ଡେସନ ର ସଭାପତି ଇଂଜିନିୟର ପ୍ରଦୀପ କୁମାର ପ୍ରଧାନ, ସଂକଳ୍ପ ଫାଉଣ୍ଡେସନର ସୁଚରିତା ପାଢ଼ୀ ପ୍ରମୁଖ ଆଲୋଚୋନାଚକ୍ରରେ ଯୋଗଦେଇ ନିଜର ମତାମତ ରଖିଥିଲେ।

# ଶିକାଛିଡାରେ ଚକ୍ଷୁ ପରୀକ୍ଷା ଶିବିର

ବଲାଙ୍ଗିର, ୧୭/୦୮ (ନି.ପ୍ର): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଶିକାଛିଡା ଗ୍ରାମରେ ଗଣପତି କଳା ପରିଷଦ ଆନୁକୂଲ୍ୟରେ ଅଠସ୍ତରୀତମ ସ୍ୱାଧୀନତା ଦିବସ ଅବସରରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଶିକାଛିଡା ଗ୍ରାମ ପଂଚାୟତର ସମିତି ସଭ୍ୟା ବିନୀତ ପ୍ରଧାନ ଏବଂ ସମାଜ ସେବୀ ସନ୍ଦୀପ ବାଗ ଉଦ୍‌ଘାଟନ କରିଥିଲେ । ମହାନଦୀ ନେତ୍ର ଚିକିତ୍ସାଳୟ, ବୀରମହାରାଜପୁରର ଡାକ୍ତର ସୁଜିତ କୁମାର ଥପା, ମନୋଜ କୁମାର ସାହୁ, ବିକାଶ ପଣ୍ଡା, ପୂର୍ଣ୍ଣିମା ଏବଂ ନୁରା ଶିକାଛିଡା ପଂଚାୟତର ଶତାଧିକ ଚକ୍ଷୁ ରୋଗୀଙ୍କୁ ଚକ୍ଷୁ ପରୀକ୍ଷା କରିଥିଲେ ଏବଂ ସେଥି ମଧ୍ୟରୁ କିଛି ରୋଗୀଙ୍କୁ ଚକ୍ଷୁ ଅସ୍ତ୍ରୋପ୍ରଚାର ପାଇଁ ମହାନଦୀ ନେତ୍ର ଚିକିତ୍ସାଳୟକୁ ବସ୍ ଯୋଗେ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଗଣପତି କଳା ପରିଷଦର ସଭାପତି ଆଦିକନ୍ଦ ବରଗର୍ଭୀ, ସମ୍ପାଦକ ରମାକାନ୍ତ ନାଏକ, ଅଟଳ ବିହାରୀ ବିଶି, ବୁଲୁ ବାଗ, ପ୍ରଦୀପ ଦେହେରି, ରିତିକ ପାଣ୍ଡେ ଏବଂ ହେମ ସାଗର ସେଲମା ପ୍ରମୁଖ ନିଜର ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ ।

# କୁଡୁମୁଲୁଗୁମ୍ମା ମା' ଭୈରବୀ ସ୍ପୋର୍ଟିଙ୍ଗ କ୍ଲବ ତରଫରୁ ଫୁଟବଲ ଟୁର୍ଣ୍ଣାମେଂଟ

ମାଲକାନଗିରି, ୧୭/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ମା ଭୈରବୀ ସ୍ପୋର୍ଟିଙ୍ଗ କ୍ଲବ ତରଫରୁ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଂଟରେ ୧୬ ଗୋଟି ଦଳ ଭାଗ ନେଇଥିବା ବେଳେ ଗତକାଲି ଅନୁଷ୍ଠିତ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା !ଏହି ଫାଇନାଲ ମ୍ୟାଚରେ କୁଡୁମୁଲୁଗୁମ୍ମା ବଜରଙ୍ଗୀ ଦଳ ସହିତ ପାଖନାଗୁଡା ଦଳ ମଧ୍ୟରେ ଏକ ସଂଘର୍ଷପୁର୍ଣ୍ଣ ମ୍ୟାଚ ହୋଇଥିଲା । ଅନ୍ତିମ ମ୍ୟାଚରେ ପାଖନାଗୁଡା ଦଳ ପେନାଲଟି ସୁଟ ଆଉଟରେ ୫/୪ ଗୋଲ ବ୍ୟବଧାନରେ ବିପକ୍ଷ ବଜରଙ୍ଗୀ ଦଳ ଠାରୁ ଜିତି ବିଜୟ ଟ୍ରଫି ସହ ୧୫୦୦୦/- ଟଙ୍କାର ନଗଦରାଶି ପାଇଛନ୍ତି ଓ ଉପ ବିଜେତା ଦଳକୁ ଟ୍ରଫି ସହ ୧୦୦୦୦/- ଟଙ୍କାର ନଗଦରାଶି ମୁଖ୍ୟ ଅତିଥି ଗୋପୀ ପାଙ୍ଗି ପ୍ରଦାନ କରିଥିଲେ । ମ୍ୟାଚର ଦର୍ଶକ ଗ୍ୟାଲେରୀ ରେ ପାଖାପାଖି ୧୦୦୦ ରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ରହି ମ୍ୟାଚ ଉପଭୋଗ କରିଥିଲେ ! ଏଥିରେ ଲଳିତ କୁମାର ରାଉତ ମୁଖ୍ୟ ରେଫେରୀ ଭାବେ ମ୍ୟାଚ ପରିଚାଳନା କରିଥିଲାବେଳେ ଉମାଶଙ୍କର ମାଝୀ ଓ ରିଙ୍କୁ ପଣ୍ଡା ଲାଇନ୍ ମ୍ୟାନ ଭାବେ ସହଯୋଗ କରିଥିଲେ । ମା ଭୈରବୀ ସ୍ପୋର୍ଟିଙ୍ଗ କ୍ଲବ ର ସଭାପତି ଦିବାକର ସୁନାଙ୍କ ସହ ଭକ୍ତ ଚନ୍ଦ୍ର ବନୀକ, ଗୋପୀ ପାଙ୍ଗି,ସାୟାଦ ମୁନାଓ୍ୱର ବାସା, ଜ୍ୟୋତି ରଞ୍ଜନ ବେହେରା, ଦେବେନ୍ଦ୍ର ରାଉତ, ଚିତ୍ତରଞ୍ଜନ ମିଶ୍ର, ସରୋଜ ବିଶ୍ୱାସ, ସୁଜିତ କୁମାର ପ୍ରଧାନ,ମାଧବ ଟାକ୍ରି, ସୁଧିର କୁମାର ପ୍ରଧାନ,ପରିମଳ ଦେବନାଥ, ନରେନ୍ଦ୍ର ମାଝୀ, କନ୍ଦର୍ପ ଦଳେଇ , ସଂଗ୍ରାମ ମହାଲିକ, ଘନଶ୍ୟାମ ହନ୍ତାଳ ଓ ଶତୃଘ୍ନ ବେହେରା ପ୍ରମୁଖଙ୍କ ସହଯୋଗ ରେ ଟୁର୍ଣ୍ଣାମେଂଟଟି ସଫଳତାର ସହ ଆୟୋଜିତ ହୋଇଥିଲା ।

# କଳାହାଣ୍ଡି ଜିଲ୍ଲାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଗସ୍ତ ଓ ସମୀକ୍ଷା ବୈଠକ

ଭବାନୀପାଟଣା , ୧୭/୦୮ (ନି.ପ୍ର): ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, , କଳାହାଣ୍ଡି ଜିଲ୍ଲା ଗସ୍ତ ପୂର୍ବକ ଜିଲ୍ଲାରେ ସାଧାରଣ ବଂଟନର କାର୍ଯ୍ୟକାରିତା ଏବଂ ଧାନ ସଂଗ୍ରହର ବ୍ୟବସ୍ଥାକୁ ସମିକ୍ଷା କରିଥିଲେ । ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପ୍ରଥମେ କଳାହାଣ୍ଡି ଜିଲ୍ଲାପାଳ ଶ୍ରୀ ସଚିନ ପାୱାର ସ୍ୱାଗତ ଜଣାଇଥିଲେ । ଜିଲ୍ଲାରେ ଧାନ ସଂଗ୍ରହ ପାଇଁ ଚାଷୀ ମାନଙ୍କର ପାଞ୍ଜିକରଣ ପ୍ରକ୍ରିୟା, ମଣ୍ଡି ବ୍ୟବସ୍ଥା, ରାସନ କାର୍ଡ, ଯୋଗ୍ୟ ଓ ଅଯୋଗ୍ୟ ହିତଡିକାରୀଙ୍କ ଉପରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, କଳାହାଣ୍ଡି ପବିତ୍ର ସାହୁ ବୈଠକରେ ତଥ୍ୟ ରଖିଥିଲେ । ୨୦୨୩-୨୪ ଖରିଫରେ ୧,୧୨,୨୮୨ ଜଣ ଚାଷୀ ପଞ୍ଜୀକରଣ କରିଥିବା ଏବଂ ସରକାରଙ୍କ ଦ୍ୱାରା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଂଟାଲ ପ୍ରତି ଟ. ୩,୧୦୦/- ବୃଦ୍ଧି ଘୋଷଣା ଯୋଗୁଁ ଏହି ପଞ୍ଜୀକରଣ ଆହୁରି ବୃଦ୍ଧି ହେବ ବୋଲି ଚିଫ ସି.ଏସ.ଓ. ବୈଠକରେ କହିଥିଲେ । ମନ୍ତ୍ରୀ ଉପସ୍ଥିତ ସମସ୍ତ ଯୋଗାଣ ଅଧିକାରୀଙ୍କୁ ଦାୟିତ୍ୱବାନ ହୋଇ କାର୍ଯ୍ୟ କାଳେ ସମସ୍ତ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ପାଖରେ ପହଂଚିପାରିବ ବୋଲି କହିଥିଲେ । ଜିଲ୍ଲାରେ ମୃତ ବ୍ୟକ୍ତିଙ୍କ ନାମରେ ଥିବା ରାସନ କାର୍ଡ ଗୁଡିକୁ ତୁରନ୍ତ ଖାରଜ କରିବା, ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ଚିହ୍ନଟ କରି ଯୋଜନାରୁ ବାଦ ଦେବା, ଅନ୍ତୋଦୟ ଯୋଜନାରେ ୩୦ ରୁ ୪୦ ପ୍ରତିଶତ ଅଯୋଗ୍ୟ ହିତାଧିକାରୀ ଅନ୍ତର୍ଭୁକ୍ତ ଥିବା ସରକାରଙ୍କ ଦୃଷ୍ଟିକୁ ଆସିଥିବାରୁ ତଦନ୍ତ କରି ସେମାନଙ୍କୁ ବାଦ ଦେବା, ନୂତନ କାର୍ଡ ନିମନ୍ତେ ଆସିଥିବା ଦରଖାସ୍ତ ଗୁଡିକର ଉପଯୁକ୍ତ ତଦନ୍ତ କରି ଯୋଗ୍ୟ ହିତାଧିକାରୀ ମାନଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରିବା, ସର୍ବନିମ୍ନ ସହାୟକ ମୂଲ୍ୟ ଯେମିତି ଦଲାଲଙ୍କ ହାତକୁ ନ ଯାଇ ପ୍ରକୃତ ଚାଷୀ ପାଇବା, ସମବାୟ ସଂସ୍ଥା ଦ୍ୱାରା ପ୍ରତ୍ୟେକ ମଣ୍ଡିରେ ଚାଷୀ ମାନଙ୍କ ନିମନ୍ତେ ପାନୀୟ ଜଳ ଯୋଗାଣ, ଶୌଚାଳୟ, ବିଶ୍ରାମ ସ୍ଥାନ ତଥା ଆନୁଷଙ୍ଗିକ ସୁବିଧାର ବ୍ୟବସ୍ଥା କରିବା ନିମନ୍ତେ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେସ ପ୍ରଦାନ କରିଥିଲେ । ସଭାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଉପ-ଜିଲ୍ଲାପାଳ, ଧର୍ମଗଡ ଧୀମନ ଚକମା, ଭାରପ୍ରାପ୍ତ ଉପ-ଜିଲ୍ଲାପାଳ ଭବାନୀପାଟଣା ଜୟଦେବ ଦାସ, ସି.ଏସ.ଓ, କଳାହାଣ୍ଡି, ଡି.ଆର.ସି.ଏସ, ଡି.ପି.ସି., ମିସନ ଶକ୍ତି, ଏ.ସି.ଏସ.ଓ ଓ ସମସ୍ତ ବ୍ଲକର ଏମ.ଆଇ ଉପସ୍ଥିତ ଥିଲେ ।

# ଚନ୍ଦ୍ରଶେଖରପୁରରେ ନିଶା ନିବାରଣ ସଚେତନତା

ଚମ୍ପୁଆ, ୧୭/୦୮ (ନି.ପ୍ର): ଚମ୍ପୁଆ ବ୍ଲକ ଚନ୍ଦ୍ରଶେଖରପୁର ପଂଚାୟତରେ ସ୍ୱାଧୀନତା ଦିବସ ପାଳନ ପରିପ୍ରେକ୍ଷୀରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଓ ମଦ ମୁକ୍ତ ଅଂଚଳ ସକାଶେ କାର୍ଯ୍ୟ ସମାପିତ ହୋଇଯାଇଛି। ବାଲେଶ୍ୱର ଗ୍ରାମରୁ ପଦଯାତ୍ରା ରାଲିରେ ସ୍ଲୋଗାନ ଦେଇ ସିଲିପୁଞ୍ଜି ଛକ ଦେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସ୍କୁଲ ର ଛାତ୍ର ଛାତ୍ରୀ, ଯୁବକ ସଙ୍ଘ ର ସଦସ୍ୟ ମାନେ ପଂଚାୟତ ସଭାଗୃହରେ ଏକତ୍ରିତ ହୋଇ ସଚେତନତା ସଭାରେ ସାମିଲ ହୋଇଥିଲେ। ସଚେତନତା ସଭାରେ ସରପଂଚ ଜୟମନି ନାୟକ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ମୁଣ୍ଡା, ସମାଜସେବୀ ମୋହନ ନାୟକ, ସଂଗଠକ ଦିବାକର ମହାନ୍ତ, କୈଳାସ ଚନ୍ଦ୍ର ନାଏକ ପ୍ରମୁଖ ଅତିଥି ମାନେ ଗରିବୀ ଆମର ଶତ୍ରୁ ନୁହେଁ ନିଶା (ମଦ ) ହିଁ ଶତ୍ରୁ, ନିଶା ପାଇଁ ସଂସାର ଉଜୁଡି ଯାଉଛି, ପରିବାର ଛାରଖାର ହୋଇ ଯାଉଛି। ନିଶା ଠାରୁ ଦୁରେଇ ରହିବାକୁ ଦିଗଦର୍ଶନ ଦେଇଥିଲେ। ନିଶା ଠାରୁ ଦୂରେଇବାକୁ ସମୂହ ଶପଥ ପାଠ କରି ଅନ୍ୟକୁ ଏଥିରୁ ନିବୃତ ରହିବାକୁ ଶପଥ ପାଠ କରାଇ ଥିଲେ। କାର୍ଯ୍ୟକ୍ରମକୁ ଯୁବକ ସଂଘ ସଦସ୍ୟ ପ୍ରଶାନ୍ତ ମହାନ୍ତ, ରୂପଚନ୍ଦ୍ର ମହାନ୍ତ, କୁଳମଣି ନାଏକ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ରଶ୍ମିତା ମହାନ୍ତ, ମାଧୁରୀବାଳା ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

# ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧବାର୍ଷିକୀ

ଘଟଗାଁ, ୧୭/୦୮ (ନି.ପ୍ର): ଘଟଗାଁ ଭାରତୀୟ ଜନତା ପାର୍ଟି ଅଫିସ ଗୃହରେ କାର୍ଯ୍ୟ କର୍ତ୍ତା ମାନେ ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ, ଭାରତ ରତ୍ନ ରେ ସମ୍ମାନିତ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଷଷ୍ଠ ତମ ଶ୍ରାଦ୍ଧ ଦିବସ ପାଳନ କରିଛନ୍ତି। ଶ୍ରୀ ଅଟଳ କେବଳ ନାମରେ ଅଟଳ ନଥିଲେ ପ୍ରତି କାମରେ ମଧ୍ୟ ଅଟଳ ରହୁଥିଲେ ବାଜପେୟୀ। ସେ ଏମିତି ପ୍ରଧାନ ମନ୍ତ୍ରୀ ଥିଲେ ଯାହାଙ୍କ କଥା ଓ କବିତାରେ ବିରୋଧିବି ତାଳି ମାରିବାକୁ ପଛାଉ ନଥିଲେ।ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଦେଶ ଇତିହାସ ପୃଷ୍ଠା ରେ ଲେଖା ଯାଇଛି।ବାଜପେୟୀଙ୍କ ଅମଳରେ ଅନେକ ଦୁର୍ଗମ ଅଂଚଳରୁ ସହରାଅଂଚଳକୁ ପ୍ରଧାନ ମନ୍ତ୍ରୀ ସଡକ ଯୋଜନା ସଂଯୋଗ କରିଛି। ବାଜପେୟୀ ଥିଲେ ପ୍ରଥମ ଅଣ କଂଗ୍ରେସ ପ୍ରଧାନ ମନ୍ତ୍ରୀ। ଯାହାକି ଭାରତ ରାଜନୀତିର ଅଜାତ୍ ଶତ୍ରୁ। ସ୍ୱାଧୀନ ଭାରତର ରାଜନୀତିକ ଆକାଶରେ ସବୁଠାରୁ ଦୀର୍ଘ ସମୟ ଚମକିଥିବା ତାରକା ବାଜପେୟୀ। ସେ ଜଣେ ତୁଙ୍ଗ ଜାତୀୟ ନେତା, ବିଚକ୍ଷଣ ରାଜନୀତିଜ୍ଞ, ନିଃସ୍ୱାର୍ଥପର ସାମାଜିକ କର୍ମୀ, କବି ଓ ସାହିତ୍ୟିକ ସାମ୍ବାଦିକ ଓ ନିର୍ବିବାଦରେ ଜଣେ ବିବିଧ ପ୍ରତିଭାଧରୀ ବ୍ୟକ୍ତି ଥିଲେ ଅଟଳ। ତାଙ୍କର ପ୍ରତେକ କାର୍ଯ୍ୟରେ ଜାତୀୟତାବାଦର ଝଲକ ବାରିହୁଏ। ୨୦୧୮ ମସିହା ଅଗଷ୍ଟ ମାସ ୧୬ ତାରିଖ ଏହି ଯୋଗ ପୁରୁଷଙ୍କ ପରଲୋକ ଘଟିଥିଲା। ତେଣୁ ସେ ଜନନାୟକ ଙ୍କୁ ସ୍ମରଣ ରଖିବା ପାଇଁ ଆଜି ସବୁଠି ପାଳନ ହେଉଛି ତାଙ୍କ ଶ୍ରାଦ୍ଧ ବାର୍ଷିକୀ । ଏହି ଅବସରରେ ସଭାପତି ରବି ନାରାୟଣ ଦେହୁରୀ ଙ୍କ ତତ୍ତ୍ୱାବଧାନରେ ଘଟଗାଁ ମଣ୍ଡଳ ବିଜେପି କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସ୍ୱର୍ଗତ ଭରତ ରତ୍ନ ସମ୍ମାନିତ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଫୋଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହିତ ନିରବ ପ୍ରାର୍ଥନା କରିଥିଲେ। ଶେଷରେ ସମସ୍ତ କାର୍ଯ୍ୟ କର୍ତ୍ତା ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗାକୁ ବଢିବା ପାଇଁ ମନସ୍ଥ କରିଛନ୍ତି।

# ଗ୍ରାମକୁ ମଦ ମୁକ୍ତ କରିବା ପାଇଁ ଦାବି

ଜୟପୁର, ୧୭/୦୮ (ନି.ପ୍ର): କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ବି.ସିଂପୁର ଥାନା ଗୁମୁଡା ପଂଚାୟତ ଅଧିନସ୍ଥ ଭୁମିଆଗୁଡା ଗ୍ରାମ ବାସୀ ଆଜି ପ୍ରଶାସନର ଦ୍ୱରସ୍ଥ ହୋଇଛନ୍ତି । ଏନେଇ ଜିଲାପାଳ ଙ୍କ ଉଦ୍ଦେଷ୍ୟରେ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡାଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଗୁମୁଡା ଗ୍ରାମରେ ପ୍ରାୟ ୧୧ ଜଣ ମଦ ମାଫିଆ ବେଆଇନ ଭାବେ ଦେଶି ମଦ ପ୍ରସ୍ତୁତ କରି ନିରୀହ ଆଦିବାସୀ ଯୁବକ ଯୁବତୀଙ୍କୁ ଶୋଷଣ କରି ବିପଥ ଗାମୀ କରିଛନ୍ତି । ଯଦ୍ୱାରା ଗ୍ରାମରେ ସବଦା ଗଣ୍ଡଗୋଳ, ବିଶୃଙ୍ଖଳା ହୋଇ ଗ୍ରାମରେ ଶାନ୍ତି ଶୃଙ୍ଖଳା ଭଗ୍ନ ହେଉଛି । ଗ୍ରାମବାସୀ ସେହି ମଦ ମାଫିଆ ମାନଙ୍କୁ ଯେତେ ମନା କଲେବି ସେ ମାନେ କାହାରି କଥାକୁ ଗୁରୁତ୍ୱ ନଦେଇ କାରବାର ଚଲାଇଛନ୍ତି । ତେଣୁ ଦେଶି ମଦ ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗ୍ରାମକୁ ମଦ ମୁକ୍ତ କରାଇବାକୁ ଧନୁର୍ଯ୍ୟୟ ମୁଦୁଲି, ବ୍ରଜ ଜାନୀ, ନିଳାମ୍ବର ନାୟକ ପ୍ରମୁଖ ଦାବି କରିଛନ୍ତି । ଏହା ଦାବି ପତ୍ରର ନକଲ କୋରାପୁଟ ଅଧିକ୍ଷକ କୋରାପୁଟ, ବିଂସିପୁର ଥାନା ଅଧିକାରି ଆଦିଙ୍କୁ ପ୍ରଦାନ କରାଯାଇଛି ।

# ବଜ୍ରକାପ୍ତା ଚାଲାଣ ବେଳେ ଏସଟିଏଫ୍ ଦ୍ୱାରା ୩ ଗିରଫ

ଜୟପୁର, ୧୭/୦୮ (ନି.ପ୍ର): କୋରାପୁଟ ଜିଲ୍ଲାରେ ବଜ୍ରକାପ୍ତା ଚାଲାଣକୁ ପୋଣ୍ଡ କରିଛି ଏସଟିଏଫ୍। ବଜ୍ରକାପ୍ତା ଚାଲାଣ ବେଳେ ମାଡ଼ି ବସିଲା ଏସଟିଏଫ। କୋରାପୁଟ ଫରେଷ୍ଟ ଡିଭିଜନ ଓ ପୋଲିସ ସହାୟତାରେ ଏକ ଜୀବନ୍ତ ବଜ୍ରକାପ୍ତାକୁ ଉଦ୍ଧାର କରାଯାଇଛି । ଘଟଣାରେ ୩ ଜଣଙ୍କୁ କାବୁ କରିଛି କ୍ରାଇମବ୍ରାଂଚର ସ୍ପେଶାଲ ଟାସ୍କଫୋର୍ସ । ଗିରଫ ଅଭିଯୁକ୍ତମାନେ ହେଲେ ସିମିଳିଗୁଡାର ସଦା ଦିଶାରୀ, ପଟାଙ୍ଗୀର ମୋସେସ ଖରା ଓ ସିମିଳିଗୁଡାର ଲାଷ୍ଟୁ ଟାଡିଙ୍ଗି । ଅଭିଯୁକ୍ତଙ୍କ ନାଁରେ ଦଫା ୩୦୩ (୨ ) , ୩୦୭ (୨) , ୬୧(୨) ଭାରତୀୟ ନ୍ୟାୟ ସଂହିତା ସେକ୍ସନ ୫୧ ଓ ୱାଇଲ୍ଡ ଲାଇଫ ପ୍ରୋଟେକ୍ସନ ଆକ୍ଟରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି । ବଜ୍ରକାପ୍ତାକୁ କେଉଁଠୁ ଧରାଯାଇଥିଲା । କେଉଁଠିକୁ ଚାଲାଣ କରାଯାଉଥିଲା ? ଏହି ରାକେଟ ପଛରେ ଆଉ କାହାର ସମ୍ପୃକ୍ତି ରହିଛି ? ତାହା ଜାଣିବାକୁ ଅଧିକ ତଦନ୍ତ କରଛି କ୍ରାଇମବ୍ରାଂଚର ସ୍ପେଶାଲ ଟାସ୍କଫୋର୍ସ ।

# ରାଜନୀତିର ରଣବୀର, ଶବ୍ଦର ଶିଳ୍ପୀ ଅଟଳଜୀ ସଡକ କ୍ରାନ୍ତିର ଜନକ ଭାବେ ପରିଚିତ : ମନମୋହନ ସାମଲ

ଭୁବନେଶ୍ୱର, ୧୭/୦୮ (ନି.ପ୍ର): ମହାନ୍ ରାଷ୍ଟ୍ରପୁରୁଷ, ଦୂରଦ୍ରଷ୍ଟା, ଭାରତରତ୍ନ ତଥା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୬ଷ୍ଠ ତମ ବାର୍ଷିକ ପୁଣ୍ୟତିଥିରେ ରାଜ୍ୟ ବିଜେପି ନେତୃବୃନ୍ଦ ଓ କାର୍ଯ୍ୟକର୍ତାଙ୍କ ସମେତ ସାରା ଓଡିଶାବାସୀ ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି । ଏହି ଅବସରରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଭୁବନେଶ୍ୱରରେ ଏମସ୍ ହସ୍ପିଟାଲ ପରିସରସ୍ଥିତ ବାଜପେୟୀଜିଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ଭାରତର ରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଜୀ କେବଳ ଜଣେ ରାଜନୀତିଜ୍ଞ ନଥିଲେ ସେ ଜଣେ ଯୁଗଜନ୍ମା ଓ ରାଷ୍ଟ୍ରନୀତିଜ୍ଞ ଥିଲେ। ଭାରତର ବିକାଶ ଅଗ୍ରଗତିକୁ ପ୍ରୋତ୍ସାହିତ କରି ବ୍ୟାପକ କ୍ଷେତ୍ରରେ ଦେଶକୁ ଏକବିଂଶ ଶତାବ୍ଦୀକୁ ଘେନି ଯିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଟଳଜୀ ଭାରତବର୍ଷର ଐତିହାସିକ ପରିବର୍ତନ କରିଥିଲେ। ଅଟଳଜୀଙ୍କ ପାଇଁ ଓଡ଼ିଶା ପରେ ବର୍ତମାନ ଦେଶର ଏକାଧିକ ରାଜ୍ୟରେ ଏମ୍ସ ହସ୍ପିଟାଲ ନିର୍ମାଣ ହେଉଥିବାରୁ ସାଧାରଣ ଲୋକେ ଚିକିତ୍ସାର ସୁବିଧା ପାଉଛନ୍ତି। ରାଜନୀତିର ରଣବୀର, ଶବ୍ଦର ଶିଳ୍ପୀ ଭାରତରତ୍ନ ଅଟଳଜୀ "ସଡକ କ୍ରାନ୍ତିର ଜନକ" ଭାବେ ପରିଚିତ। ଅଟଳଜୀଙ୍କ ଶାସନ କାଳରେ ଦେଶରେ ଗମନାଗମନ କ୍ଷେତ୍ରରେ ହୋଇଥିଲା ଯୁଗାନ୍ତକାରୀ ପରିବର୍ତନ। ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ହେଉ କି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଭାରତକୁ ନୂଆ ଦିଶା ଦେଇଛନ୍ତି ଅଟଳଜୀ। ଓଡିଶାକୁ ଜାତୀୟ ରାଜପଥରେ ୧୫୦୦ କିଲୋମିଟରରୁ ୩୪୦୦ କିଲୋମିଟର ରେ ପହଁଚାଇଥିଲେ। ୧୯୯୯ ମହାବାତ୍ୟା ପରେ ଓଡିଶାବାସୀଙ୍କ ଦୁର୍ଦ୍ଦୀନରେ ବାଜପେୟୀଜୀଙ୍କ ସାହାଯ୍ୟ ଓ ସମର୍ଥନ ଅବିସ୍ମରଣୀୟ। ଗ୍ରାମ ସଡକ ଯୋଜନା, ଗାଁ ଗାଁରେ ମୋବାଇଲ ସଂଯୋଗ କରାଇବା, ଅନ୍ତୋଦୟ ଏବଂ ଅନ୍ନପୂର୍ଣ୍ଣା ଯୋଜନାରେ ଗରୀବଙ୍କ ପାଖରେ ଅନ୍ନ ପହଂଚାଇବାରେ ସ୍ୱର୍ଗତଃ ବାଜପେୟୀଙ୍କ ଯୋଗଦାନ ଅତୁଳନୀୟ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଦିଲ୍ଲୀ ପରେ ଅନ୍ୟତମ ଭୁବନେଶ୍ୱର ସ୍ଥିତ ଏମ୍ସ ମେଡିକାଲ କଲେଜ ଆଜି ସମସ୍ତଙ୍କ ବିଶ୍ୱାସଯୋଗ୍ୟ ହୋଇପାରିଛି। ସରକାର ବର୍ତମାନ କ୍ୟାନସର୍ ଠାରୁ ଆରମ୍ଭ କରି ଚାରୋଟି ବିଭାଗରେ ଏକ୍ସେଲେନ୍ସ ଆରମ୍ଭ ହେବାକୁ ଯାଉଛି।

# ଅଲମ୍ପିଆନ୍ ଅମିତ ରୋହିଦାସଙ୍କୁ ପୂର୍ବତଟ ରେଳପଥ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୧୭/୦୮ (ନି.ପ୍ର): ପୂର୍ବତଟ ରେଳପଥ (ଇକୋର) କ୍ରୀଡ଼ା ଅଧିକାରୀ ତଥା ହକି ଅଲମ୍ପିଆନ୍ ଅମିତ ରୋହିଦାସ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ଭାରତୀୟ ପୁରୁଷ ହକି ଦଳର ଏକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ରୋହିଦାସ ନିକଟରେ ଶେଷ ହୋଇଥିବା ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ପାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅମିତ ରୋହିଦାସଙ୍କୁ ବିଶ୍ୱସ୍ତରରେ ଉତ୍ସର୍ଗୀକୃତ ତଥା ଅତୁଳନୀୟ ପ୍ରଦର୍ଶନ ପାଇଁ ଶ୍ରୀ ଫୁଙ୍କୱାଲ ପ୍ରଶଂସା କରିଥିଲେ। ରୋହିଦାସଙ୍କୁ ଯୁବ ହକି ଖେଳାଳି ଏବଂ ଉତ୍ସାହୀମାନଙ୍କ ପାଇଁ ପ୍ରେରଣା ଭାବରେ ଆଲୋକିତ କରୁଛନ୍ତି ବୋଲି ମହାପ୍ରବନ୍ଧକ କହିଛନ୍ତି । ଶ୍ରୀ ଫୁଙ୍କୱାଲ ଆତ୍ମବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ ରୋହିଦାସଙ୍କ ମାର୍ଗଦର୍ଶନରେ ପୂର୍ବ ତଟ ରେଳପଥର କ୍ରୀଡା କାର୍ଯ୍ୟକ୍ରମ ନୂତନ ଦିଗନ୍ତରେ ପହଂଚିବ ଏବଂ କ୍ରୀଡା ସଂଗଠନ ମଧ୍ୟରେ କ୍ରୀଡ଼ାବିତ୍ ତଥା ଉତ୍କର୍ଷର ଆତ୍ମାକୁ ଆହୁରି ପ୍ରୋତ୍ସାହିତ କରିବ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୮ ଅଗଷ୍ଟ ୨୦୨୪
email :
rabibarachayan2015@gmail.com



## ଧାରାବାହିକ ଉପନ୍ୟାସ



# ବୈଦେହୀ

## ଡ.ଭାଗବତ ବେହେରା



‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୬୪
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଯାହା ରାବଣ ଦଶଶିରରେ କରିବାର ସାମର୍ଥ୍ୟ ରଖିନଥିଲା, ତାହା ତୁମ ସ୍ୱାମୀ କରି ଦେଖାଇ ଦେଇଛନ୍ତି । ସେଥିପାଇଁ ଦୂରରୁ ଥାଇ ତୁମ ସ୍ୱାମୀଙ୍କୁ ମୁଁ କୋଟିକୋଟି ପ୍ରଣାମ ଜଣାଉଛି । ତାଙ୍କର ଏହି ମହତ୍ ବନ୍ଧ ପ୍ରତିଷ୍ଠା କାର୍ଯ୍ୟରେ ତୁମେ କ’ଣ ସାହାଯ୍ୟ କରିବ ନାହିଁ ଦେବୀ ?

ମୁଁ ଏଠାରେ ଥାଇ ତାଙ୍କୁ କି ପ୍ରକାର ସାହାଯ୍ୟ କରିବି ? ସେ ତ ସମୁଦ୍ର ଆରତଟରେ, ଆଉ ମୁଁ ରାବଣର ଅଶୋକବନରେ ବନ୍ଦିନୀ ସୀତା... ଏହାକହି ମୁଁ ଭୋ ଭୋ ହୋଇ କାନ୍ଦି ଉଠନ୍ତେ, ମୋ ପାଖକୁ ଲାଗିଆସି ସେ କହିଥିଲେ, “ଦେବୀ କାହିଁପାଇଁ ଏ ଅଶ୍ରୁବର୍ଜନ କରୁଛନ୍ତି । ଏ ଅଶ୍ରୁ ପୋଛି ପକାନ୍ତୁ । ସୁଖ ଦିନର ସୂର୍ଯ୍ୟ ତୁମର ଉଦୟ ହେବାକୁ ଆଉ ଅଳ୍ପଦିନ ବାକି । ମୋ କଥା ରଖ ଦେବୀ । ମୋ ରଥରେ ବିଜେ କର । ମୁଁ ତୁମକୁ ତୁମ ସ୍ୱାମୀଙ୍କ ନିକଟକୁ ନେଇଯିବି ।”

ନାଁ କ୍ରୋଧରେ କମ୍ପିଉଠିଥିଲି ମୁଁ । ଅରଣ୍ୟରେ ଜଳୁଥିବା ଅଗ୍ନି, ହଳାହଳ ବିଷ ବହନ କରୁଥିବା ସର୍ପ, ତ୍ରସ୍ତା ହରିଣୀ ସମ୍ମୁଖରେ ଦଣ୍ଡାୟମାନ ବ୍ୟାଘ୍ରକୁ ବିଶ୍ୱାସ କରା ଯାଇପାରେ, ହେଲେ ତୁମ ଭଳି ମହାପାପୀକୁ ନୁହେଁ । ମୁଁ ତୁମ ଆଜ୍ଞା ବହନକାରୀ ଦାସୀ ନୁହେଁ, ଯେ ତୁମ ଆଜ୍ଞାମାନି ତୁମ ରଥରେ ବସିଯିବି ।

ମୋ କଥା ଶୁଣି ଧୀର ନମ୍ର ଭାବରେ ରାବଣ କହିଥିଲା ଦେବୀ, ମୁଁ ପ୍ରଥମରୁ କହିଛି ତୁମେ ଯେଉଁ ରାବଣକୁ ପଞ୍ଚବଟୀରେ ଦେଖିଥିଲ ମୁଁ ସେ ରାବଣ ନୁହେଁ । ତୁମେ ମୋତେ ବିଶ୍ୱାସକର ଦେବୀ । ମୁଁ ତୁମ ସ୍ୱାମୀର ଶତ୍ରୁ ନୁହେଁ ବରଂ ଆଜ ଦିନ ପାଇଁ ପରମମିତ୍ର । ତାଙ୍କ ସେତୁବନ୍ଧ ଯଦି ସୁରୁରୂପେ ପ୍ରତିଷ୍ଠା ନହୁଏ, ତାହେଲେ ସେ ଲଙ୍କା ଆସିପାରିବେ ନାହିଁ କି ରାବଣର ମୃତ୍ୟୁ ହେବନାହିଁ । ରାବଣ ନମଲେ ତୁମେ ଏଠାରୁ ଉଦ୍ଧାର ହେବ କେମିତି ?

ରାବଣ! ମୁଁ ଆଶ୍ଚର୍ଯ୍ୟ ହୋଇ ତା ମୁହଁକୁ ଅନାଇ ରହିଥାଏ ପ୍ରୀତିଦା । ସେ କହି ଚାଲିଥାନ୍ତି । ମୋତେ ବିଶ୍ୱାସ କର ଦେବୀ । ତୁମ ସ୍ୱାମୀଙ୍କ ଠାରୁ ନିମନ୍ତ୍ରଣ ପାଇ ବନ୍ଧପ୍ରତିଷ୍ଠା ନିମିତ୍ତ ସମସ୍ତ ସାମଗ୍ରୀ ମୁଁ ଯୋଗାଡ଼ କରିଆଣିଛି । ଏହି ଦେଖ ରଥ ଉପରେ କାଷ୍ଠ, ଘୃତ, ଦୁର୍ବା, ଅକ୍ଷତ, ଫଳମୂଳାଦି ସମସ୍ତ ଉପଚାର ମୁଁ ସଂଗ୍ରହ କରିନେଇ ଯାଉଛି । କାରଣ ମୁଁ ଜାଣିଛି ତୁମ ବନାଚାରୀ ସ୍ୱାମୀ ଏ ସବୁ ଯୋଗାଡ଼ କରିବେ କେଉଁଠାରୁ । ଏ ସମସ୍ତ ଦ୍ରବ୍ୟ ସଜାଡ଼ି ସାରିବା ପରେ ମୁଁ ଚିନ୍ତାକଲି ବିନା ସ୍ତ୍ରୀରେ ପ୍ରଭୁ ରାମଚନ୍ଦ୍ର ଯଜ୍ଞାନୁଷ୍ଠାନରେ ବସିବେ କେମିତି ? ଏକା ଶ୍ରୀରାମରେ ବନ୍ଧ ପ୍ରତିଷ୍ଠା ହେବ କେମିତି ?

ସେଦିନ ରାବଣ ତୁଣ୍ଡର ବଚନକୁ ମୁଁ ବିଶ୍ୱାସ କରିପାରୁ ନଥାଏ ପ୍ରୀତିଦା । ମୋ ପ୍ରଭୁ ରାମଚନ୍ଦ୍ରଙ୍କୁ ରାବଣ ଯେ ପ୍ରଭୁ ବୋଲି କହୁଛି । ରାବଣ ସମ୍ମୁଖରେ ମୁଁ ପଥର ଖମ୍ବଟିଏ ପରି ଛିଡ଼ା ହୋଇ ରହିଥାଏ । କହିଚାଲିଥାଏ ରାବଣ । ମୋତେ ବିଶ୍ୱାସ କରନ୍ତୁ ଦେବୀ । ଏ ବ୍ରହ୍ମସୂତ୍ରକୁ ଛୁଇଁ ଶପଥ କରି ମୁଁ କହୁଛି । ରାବଣ ଆଜି ତିଳେହେଲେ ମିଥ୍ୟା କହୁନାହିଁ । କାଳବିଳମ୍ବ ନକରି ମୋ ରଥରେ ବିଜେ କର । ବିଳମ୍ବ କଲେ ଧାର୍ଯ୍ୟ ସମୟ ଅତିକ୍ରାନ୍ତ କରିଯିବ । ମାହେନ୍ଦ୍ର ମୁହୂର୍ତ୍ତ ଗଡ଼ିଯିବ ।

ଏଥର ମୁଁ ସାହସ ସଂଚୟ କରି ଦୃଢ଼କଣ୍ଠରେ ରାବଣକୁ ଭର୍ତ୍ସନା କରି କହିଥିଲି, ତୁମେ ଯଦି ଏପରି ପଣ୍ଡିତ, ବେଦଜ୍ଞ ପୁଣି ବ୍ରହ୍ମର୍ଷି, ତାହେଲେ ପର ସ୍ତ୍ରୀକୁ ଅପହରଣ କରୁଥିଲ କେଉଁ ନ୍ୟାୟରେ ? ମୋ ସ୍ୱାମୀଙ୍କ ଅନୁପସ୍ଥିତିରେ ମୋତେ ଏକାକୀ ଦେଖି, ଛଳନା କରି ଭିକ୍ଷା ମାଗିବାକୁ ଯାଇ, ବଳପୂର୍ବକ ମୋତେ ଓଟାରି ଆଣି ରଥରେ ବସାଇଥିଲ କେମିତି ? ସେତେବେଳେ କେଉଁଠି ଥିଲା ତୁମର ଏ ବେଦଜ୍ଞାନ ? କେଉଁଠିଥିଲା ତୁମର ବିବେକ ?

ତାହା ବିଧିନିର୍ଦ୍ଦିଷ୍ଟ ଥିଲା ଦେବୀ । ତାହା ହୋଇନଥିଲେ....

ଗର୍ଜି ଉଠିଥିଲି ମୁଁ । ବନ୍ଦ କର ତୁମର ସେ ପ୍ରହସନ । ତୁମର ଏ ଛଳନାର ମାୟାରେ ମୋତେ ଆଉ ବାନ୍ଧିବାକୁ ଚେଷ୍ଟା କର ନାହିଁ ।

ମୋ କଥା ଶୁଣି ରାବଣ ତା ଛାତିରେ ଓହଳୁଥିବା ଏକ ସ୍ୱର୍ଣ୍ଣପଦକ ଦେଖାଇ କହିଥିଲା, “ଦେଖିଲ ଦେବୀ ଏଥିରେ କ’ଣ ଲେଖା ହୋଇଛି । ପଢ଼ିବାକୁ ଚେଷ୍ଟାକର । ମୁଁ ହୁଏତ ମିଥ୍ୟା କହିପାରେ । ତୁମେ ନିଜେ ପାଠ କରି ଦେଖ ଏଥିରେ କ’ଣ ଲେଖା ହୋଇଛି ।”

ରାବଣ କଥାରେ ମୁଁ ଅନାଇ ଦେଖେ ତ ସେ ପଦକରେ ଲେଖାଯାଇଛି, ‘ସୀତାହରଣ, ରାବଣ ମରଣ ।’ ଚମକି ଉଠିଥିଲି ମୁଁ । ମୁଁ ଏ କ’ଣ ପଢୁଛି ରାବଣ ?

ଏହାକୁ ମୋ ସ୍ତ୍ରୀ ମନ୍ଦୋଦରୀ ପ୍ରଥମେ ପଢ଼ିଛି । ଦ୍ୱିତୀୟରେ ତୁମେ ପଢ଼ିଲ । ଏବେ ଜାଣିପାରୁଛ ତ ମୁଁ କ’ଣ ପାଇଁ ତୁମକୁ ହରଣ କରିଛି ।

ବିଶ୍ରବାନନ୍ଦନ...

ହଁ ଦେବୀ । ଏହା ଧ୍ରୁବ ସତ୍ୟ । ତୁମକୁ ହରଣ ନକଲେ ମୋର ମରଣ ନାହିଁ । ବ୍ରହ୍ମାଙ୍କ ଠାରୁ ମୁଁ ବର ପାଇଛି ଛପନ ଗଣ୍ଡା ଯୁଗ ଜିଇଁବି । ଛପନଗଣ୍ଡା ଯୁଗ ଯେ କେତେ ଲକ୍ଷ ବର୍ଷ ବିତିବ ତାହା ମୁଁ ଜାଣେ । ଏତେଦିନ କ’ଣ ରାବଣ ଦେହଧରି ରହିପାରିବ ? ଯଦି ରହିବ ତାହେଲେ ମୋର ମୋକ୍ଷ ହେବ କେମିତି ?

ମୋକ୍ଷ....

ହଁ ଦେବୀ ମୋକ୍ଷ । ତୁମେ ଜାଣିପାରୁ ନାହିଁ, ହେଲେ ମୋର ସ୍ପଷ୍ଟ ମନେଅଛି ମୁଁ ଅଭିଶପ୍ତ । ତିନିଯୁଗ ରାକ୍ଷସ ଯୋନିରେ ଜନ୍ମ ଲଭିବି ବୋଲି ବ୍ରହ୍ମର୍ଷି ମାନେ ମୋତେ ଅଭିଶାପ ଦେଇଛନ୍ତି । ଜୟ ବିଜୟ ଆମେ ବେନିଭ୍ରାତା ବୈକୁଣ୍ଠ ବିହାରୀ ନାରୟଣଙ୍କ ଦ୍ୱାରପାଳ ଥିଲୁ । ଏକଦା ସନକ ସନନ୍ଦ ଆଦି ଚାରି ବ୍ରହ୍ମାପୁତ୍ର ପ୍ରଭୁଙ୍କ ଦର୍ଶନକୁ ଆସିଥିଲେ । ଆମେ ତାଙ୍କୁ ଚିହ୍ନି ନପାରି ଦ୍ୱାର ନ ଛାଡ଼ିବାରୁ ସେମାନେ କ୍ରୋଧିତ ହୋଇ ଆମକୁ ଅଭିଶାପ ଦେଇଥିଲେ । ଆମେ ତିନିଯୁଗ ଅସୁର ଯୋନିରେ ଜନ୍ମଗ୍ରହଣ କରିବୁ । ସେ ଅଭିଶାପ ପାଇ ଆମେ ଗୋଲକବିହାରୀଙ୍କୁ ପ୍ରାର୍ଥନା କରିବାରୁ ସେ ଆମ ଉପରେ ସନ୍ତୁଷ୍ଟ ହୋଇ କହିଥିଲେ, ସତ୍ୟ, ତ୍ରେତୟା, ଦ୍ୱାପର ଏହି ତିନିଯୁଗରେ ତୁମେ ଦୁଇଭାଇ ରାକ୍ଷସ ରୂପରେ ଜନ୍ମ ନେବ । ମୋ ଦ୍ୱାରା ତୁମେ ମୋକ୍ଷ ପ୍ରାପ୍ତ ହୋଇ ବୈକୁଣ୍ଠକୁ ଫେରିବ । ସତ୍ୟଯୁଗରେ ହିରଣ୍ୟ, ହିରଣାକ୍ଷ ଭାବରେ ଜନ୍ମି ପ୍ରଭୁଙ୍କ ହସ୍ତରୁ ଆମେ ମୁକ୍ତି ପାଇ ସାରିଛୁ । ଏ ଯୁଗରେ ପ୍ରଭୁ ମୋର ରାମାବତାର ଗ୍ରହଣ କରିଛନ୍ତି, ଆଉ ଆମେ ବେନିଭାଇ ରାବଣ, କୁମ୍ଭକର୍ଣ୍ଣ ଭାବରେ ଲଙ୍କାରେ ଜନ୍ମିଛୁ । ମୁଁ ଯଦି ବ୍ରହ୍ମାଙ୍କ ବରରେ ଛପନଗଣ୍ଡା ଯୁଗ ଭୋଗିବି ତେବେ ମୋର ମୁକ୍ତି ହେବ କେମିତି ? ପ୍ରଭୁ ମୋର ଶ୍ରୀରାମ ଆଉ ଆପଣ ମାତା ମହାଲକ୍ଷ୍ମୀ ସୀତା । ଆପଣ ଜନକ କନ୍ୟା ଭାବରେ ବସୁଧାରୁ ଜନ୍ମି ପ୍ରଭୁଙ୍କୁ ବରଣ କଲେ । ପୂର୍ବରୁ ମୋତେ ଯେଉଁ ଶାପ ଥିଲା ‘ସୀତାହରଣ, ରାବଣ ମରଣ’ ସେହି ବାଣୀକୁ ଲିଖନ କରି ମୁଁ ମୋ ବକ୍ଷରେ ଧାରଣ କରିଛି । ଦୈନିକ ରାତି ପାହିଲେ ମୁଁ ଏ ବାଣୀକୁ ଅନାଇ ଦେଖେ କେବେ ସେଦିନ ଆସିବ ।

(କ୍ରମଶଃ)

♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଦାନ କରନ୍ତୁ

### ଅଜୟ କୁମାର ବେହେରା



ସଂସାର ବଡ଼ଦାନୀ କିଏ ? ଏକଥା ଅନୁସନ୍ଧାନ କଲେ ଆମେ ନିଷ୍ଟେ ସୂର୍ଯ୍ୟଙ୍କୁ, ବାୟୁ ଦେବତା, ପୃଥିମାତା, ଗଙ୍ଗାମାତା ଏମିତି କେତେ ଧାଡ଼ିରେ ଦାନୀମାନେ ଆସିଯିବେ। ମନୁଷ୍ୟ ଏମାନଙ୍କ ବିନା ବଞ୍ଚିବା କେବେ ସମ୍ଭବ ନୁହେଁ। ଦାନ ନେଇ ଦାନ ଦେବା ଦ୍ୱାରା ତିନିପୁରରେ ଜିତାପଟ କରାଇଥାଏ। ମାତ୍ର ଏବେ ଦାନର ମର୍ଯ୍ୟାଦା କେହି ରଖିବାକୁ ଚାହୁଁ ନାହାନ୍ତି। ଆପଣା ପେଟପୁରା ଭୋଜନ ସୁନ୍ଦର ପୋଷାକ ପରିଚ୍ଛନ୍ନ ଅଳଙ୍କାର ଧାରଣ ଉତ୍ତମ ଘର ଜାଗା ଜମି ଯାନ ବାହାନ ଇତ୍ୟାଦି ସମସ୍ତେ ମଜଗୁଲ ଭଲ ଚାକିରୀ ପାଇଁ ଉଦ୍ୟମୀ, ଏସବୁରେ ସବୁ ବ୍ୟକ୍ତିଙ୍କର ଆଖି ଜଣେ ଜଣେ ଅନେକ ରୋଜଗାର କରି ତାଙ୍କର ସମ୍ପତ୍ତି ବଢ଼ାଇ ଚାଲିଛି ଓ ନଶ୍ୱର ଶରୀରକୁ ଚରିନ୍ତନୀ ଲୀଳାରେ ଜଡ଼ିତ କରି ଅନେକ ସ୍ୱପ୍ନ ଦେଖୁଛନ୍ତି କିନ୍ତୁ ଘଟ ଛୁଟିଲେ ତୋତେ ବୋଲି ଭୂତ ଏ ଉକ୍ତି ସେମାନେ ଭୁଲିଯାଉଛନ୍ତି। ଗୁରୁ ଗୋବିନ୍ଦ ନାମ ତୁଣ୍ଡରେ ଧରନ୍ତି ନାହିଁ। ବିଦ୍ୟାଗୁରୁ ମଧ୍ୟରେ ଅକ୍ଷର ଶିକ୍ଷାଦାତା କଥା କୁହାଇବା ଶିକ୍ଷା ଦାତାଙ୍କୁ ଅଣଦେଖା କରି ବିଦ୍ୟାର୍ଜନର ଶେଷକାଳ ଶିକ୍ଷକଙ୍କୁ ସମସ୍ତେ ମନେରଖନ୍ତି। ଗୋବିନ୍ଦ କିଏ ? ଏକଥା ବୁଝିବାକୁ ତର ନାହିଁ।

ନାରାୟଣ ଅଛନ୍ତି, ନର ରୂପୀ ନାରାୟଣ ଭଗବାନ ବାମନ ରୂପରେ ଦାନର୍ଥି ଥିଲେ। ବାମନଙ୍କୁ ଦେଖିବେ କେଉଁଠି ରଥେରୁଢ଼ ବାମନ ଦୃଷ୍ଟା ପୁନର୍ଜନ୍ମ ନବିଦ୍ୟତେ। ଏ ବାମନ ଅବତାର ଆସିଥିଲେ ଲୋକେ ଯେତେବେଳେ କାମ ନକରି ରାଜଧନକୁ କେବଳ ଆଶ୍ରା କରୁଥିଲେ ସେତିକିବେଳେ ବାମନ ଆସିଥିଲେ ସେ ତିନିପାଦ ଭୂମି ମାଗିଥିଲେ। ପାଦର ଚୌଡ଼ା ଲମ୍ବା ଅଛି ଏମିତିବା ଭୂମି ଖଣ୍ଡିଏ କଣ ହେବ ? ଏପରି ଭାବନା ମନରେ ଆସିବା ସ୍ୱାଭାବିକ ହେଲେ ଅସଲ ରହସ୍ୟ ନାନୋପଦ୍ଧତି ସବୁଠାରୁ ଦରକାରୀ ଆବଶ୍ୟକକୁ ଛୋଟେଇ ଆକାଂକ୍ଷା କଲେ ଯାଇଁ ଜଗତରେ ତିଷ୍ଠି ହେବ। ଏଇଟା ବାମନଙ୍କ ଶିକ୍ଷାଦାନ। ଅନେକ ଆଶ୍ରମରେ ଭଣ୍ଡାରା ହେଉଛି, ମୋଫତ ଖାଦ୍ୟ ଦିଆ ଯାଉଛି, କିନ୍ତୁ ଆଶ୍ରମରେ ଅର୍ଥ ଅର୍ଜନ ଭିକ୍ଷା ମାଧୁକରୀରେ ହିଁ ହୁଏ। ଭିକ୍ଷା କରି ସେମାନେ ଅନ୍ୟକୁ ଖୁଆନ୍ତି ଏହା ନାରାୟଣ ପୂଜା ଅନ୍ନ ଅଛି ଅନ୍ନପୂର୍ଣ୍ଣାଙ୍କ ହାତରେ ଅନ୍ନପୂର୍ଣ୍ଣା କାଶିରେ ପାର୍ବତିମାଙ୍କ ନାମ ଭଗବାନ ଶଙ୍କର ଝୋଲି ପାତି ଅନ୍ନପୂର୍ଣ୍ଣାଙ୍କ ଠାରୁ ଅନ୍ନଭିକ୍ଷା କରିବା ଛବି କାଶୀରେ ବଜାରରେ ବିକ୍ରୀ ହୁଏ। ଆମ ଓଡ଼ିଶାରେ ଖୋଜ କଲେ ମିଳେ। ଶଙ୍କରଙ୍କ ଅବତାର ଗୁରୁ ଗୋରଖନାଥ ତାଙ୍କର ଗୁରୁ ମଚ୍ଛିନ୍ଦ୍ରନାଥ ଓ ତାଙ୍କର ଗୁରୁ ଏଇ ଶଙ୍କରଙ୍କ ରୂପ ଆଦିନାଥ, ତାଙ୍କର ପ୍ରବର୍ତ୍ତିତ ମାର୍ଗ ନାଥଧର୍ମ। ନାଥମାନେ ଭିକ୍ଷାଥାଳ ଧରି ଘରେ ଘରେ ଭିକ୍ଷାକରି ତାଙ୍କର ଭୋଜନ ସଂଗ୍ରହ କରନ୍ତି। ଆମ ରାଜ୍ୟରେ ମହିମା ଧର୍ମର ଉପାସକମାନେ କାହାରି ଘରେ ଅନ୍ନଭିକ୍ଷା କଲେ ଗୃହସ୍ଥର ଆଭ୍ୟନ୍ତର ଗୃହକୁ ନଯାଇ ପଦାରେ ବାହାରେ ଭୋଜନ ମାତ୍ର ଏକଥର କରନ୍ତି। କେତେବେଳେ ଦ୍ୱିତୀୟ ଥର କେବେ ଭୋଜନକୁ ରହନ୍ତି ନାହିଁ। ବୌଦ୍ଧ ଧର୍ମର ଭିକ୍ଷୁମାନେ ଗୃହସ୍ଥ ଦ୍ୱାରକୁ ଗଲେ ଭିକ୍ଷା ମାଗିବା ସହିତ ଦାକୁ ଭିକ୍ଷାଦାନ କାଳରେ ତାଙ୍କ ଆଖିକୁ ଆସିଥିବା ତତ୍କାଳ ପରିସ୍ଥିତିରେ କିଛି ବ୍ୟତିକ୍ରମ ଉପରେ ଉପଦେଶ ଦିଅନ୍ତି। ଧର୍ମମାସରେ ଆସେ ବୈଶାଖ, କାର୍ତ୍ତିକ, ମାଘ ଓ ଆଷାଢ଼ ମାସ। ଏ ମାସ ଗୁଡ଼ିକ ସଂକ୍ଷିପ୍ତରେ ଆକାମାବୈ, କ୍ରମରେ ରହିଛି। ଆଷାଢ଼ ମାସରେ ବର୍ଷା, ଝଡ଼ତୋଫାନ ଏଥିରେ ପାଦରେ ଚାଲି ଚାଲି ଘର ବୁଲିବା ଏକ ପ୍ରକାର କଷ୍ଟ କାମ। ଏହାବାଦ ଅନ୍ୟ ତିନି ମାସରେ ପୁରୀ ଜିଲ୍ଲା କିଛି ବ୍ରାହ୍ମଣ ଶାସନରୁ କିଛି ଉପଦେଶ ଦେବା ବ୍ରାହ୍ମଣ ତାଙ୍କୁ ଚକ୍ରକୁ ଚକ ଭଳି ବୁଲିବା ପଣ୍ଡା (ପଣ୍ଡିତ)ମାନେ ଚକୁଳିଆ ପଣ୍ଡା ଭାବରେ ପରିଚିତ ସେମାନେ ଗୃହସ୍ଥଙ୍କ ଘର ସଂଲଗ୍ନ ରାସ୍ତା ରାସ୍ତାରେ କିଛି ଧର୍ମକଥା ଶୁଣାଇ ଶୁଣାଇ ଉପଦେଶ ଦେଇ ଦେଇ ସିଦ୍ଧା ଅନ୍ନ ପରିବା ଭିକ୍ଷା ରୂପେ ଗ୍ରହଣ କରନ୍ତି। ଏସବୁରେ ଗୃହସ୍ଥ ଦାନ ସହିତ ଅମୂଲ୍ୟ ଉପଦେଶମାନ ପାଆନ୍ତି। ଆମ ରାଜ୍ୟରେ ଯେକୌଣସି ମନ୍ଦିରକୁ ଦର୍ଶନ ପାଇଁ ଗଲେ ମନ୍ଦିର ପାଖ ସମ୍ମୁଖ ରାସ୍ତା ଭାଗରେ କିଛି ଭିକ୍ଷାର୍ଥୀ ବସିଥାନ୍ତି। ଏମାନେ ମନ୍ଦିର ପ୍ରବେଶ ବେଳକୁ କିଛି ମାଗନ୍ତି ନାହିଁ ମାତ୍ର ଦର୍ଶନ ସାରି ଫେରିବା ବେଳକୁ କିଛି ଦାନ ସଂଗ୍ରହ ପାଇଁ ମାଗୁଣି କରନ୍ତି। ପ୍ରକୃତରେ ଏମାନେ ପ୍ରାପ୍ତ ଦାନ ନେବାକୁ ଏ ପ୍ରକାର ବେଶରେ ଏଠାରେ ବସିଛନ୍ତି। ଯେଉଁମାନେ ରୋଜଗାରକୁ ଅକ୍ଷମ, ବିକଳାଙ୍ଗ ବା ଉପାୟ ଶୂନ୍ୟ। ମାତ୍ର ଏ ମଧ୍ୟରେ ଦଳେ ମାୟାବୀ ଠକ ବି ସାମିଲ ଏବେ ହେଲେଣି। ପ୍ରକୃତରେ ଏପରି ଆମାର ଦେବଭକ୍ତଙ୍କର ଏକ ଧର୍ବ ବିଶ୍ୱାସ ଯେ ଏମାନଙ୍କୁ ନିଜର ଅର୍ଜିତ ଆୟ ଦାନ କଲେ ପୂଣ୍ୟ ହୁଏ। ଏହା ଅନେକାଂଶରେ ଠିକ। ସେମାନଙ୍କୁ ବଞ୍ଚିବା ପାଇଁ ସହାୟକ ହେଲେ ଦାନ କରି ମଙ୍ଗଳ ହିଁ ହୁଏ। ମାତ୍ର ଠକଙ୍କୁ ନୁହେଁ, ଠକ ମାନେ ଦାନ ଅର୍ଥ ଅସଦ ବିନିଯୋଗ, ନିଶାପାଣିରେ ବୃଥା ମଜଲିସ କରିଥାନ୍ତି। ଡାକ୍ତରଖାନାରେ ଅନେକ ସାଂଘାତିକ ରୋଗୀଙ୍କର ଔଷଧ ବା ଚିକିତ୍ସା ପାଇଁ ଅର୍ଥ ନଥାଏ। ଏଠାରେ ରୋଗୀର ଲୋକ ବିକଳ ହୋଇ ଔଷଧ ଚିଠା ଦେଖାଇ ଭିକ୍ଷା ମାଗନ୍ତି। ଚିଠାରେ ଔଷଧ ନାମ ଡାକ୍ତରଙ୍କ ନାମ ଥାଏ ମାତ୍ର କେତେ ସ୍ଥଳରେ କିଛି ଠକ ଏମାନଙ୍କୁ ଆଗରେ ରଖି ଲୋକଙ୍କ ସହାନୁଭୂତିରେ ପ୍ରାପ୍ତ ଅର୍ଥକୁ ନିଜେ ଚଳୁକରନ୍ତି। ଏ ପାଇଁ ଭଲ କରି ଅନୁଧ୍ୟାନ କରି ଏମାନଙ୍କୁ ଅର୍ଥ ସହାୟକ ଆବଶ୍ୟକ। କ୍ୟାନସର ରୋଗୀ, ଥାଲାସେମିଆ ରୋଗୀ ଜାରୁରୀ ରକ୍ତ ଆବଶ୍ୟକ ପାଇଁ ବିକଳ, ମୂତ୍ରଯନ୍ତ୍ରର ଜଟିଳ ରୋଗୀ ଇତ୍ୟାଦିଙ୍କୁ ସହାୟ ନିହାତି ବିବେକୀ ଦାନ ଦେବା ଉଚିତ।

ଚାଷୀ ଧାନ କ୍ଷେତ୍ରର ଧାନ ସଂଗ୍ରହ ବେଳେ ଆମ ପିଲା କାଳରେ ଚାହାଳି ପଢ଼ୁଥିବା ବେଳେ କ୍ଷେତ୍ରରେ ବଳଦହରି ବେ ମୁଖାରୀ ପୁରି ଗୀତ ବୋଲି ଧାନ ହଳା ମାଗୁଥିଲେ। ଲୋକେ ଖୁସିରେ ଦେଉଥିଲେ ଫଳରେ ସେ ସଂଗୃହୀତ ଧାନ ଚାହାଳି ▶▶ପୃଷ୍ଠା ୭

## କବିତା...

### ଜରି ଗୋଟାଳି

#### ● ଭକ୍ତ ଚରଣ ସୁନାନୀ



ସିଲଟରେ ଲେଖୁ ଲେଖୁ ଅ ଆ
ଲିଭିଯାଏ ଅକ୍ଷର
ଭିଜିଯାଏ ଥପ୍ ଥପ୍ ଲୁହରେ ବହିବସ୍ତାନି
ଏଇନେ ଫୁଟୁଥିବା ସ୍ୱପ୍ନ
ଆଖି ଖୋଲୁଥିବା ଆଶା
ପାଦ ଥାପୁଥିବା ଇଚ୍ଛା
ମୁରୁକି ହସୁଥିବା ଭବିଷ୍ୟତ।

ଭୁଲିଯାଏ ଇସ୍କୁଲକୁ ଠିକଣା
ପାଠପଢ଼ା, ସାଙ୍ଗ ସାଥୀ
ସଂସାର ବୋଝରେ ନଇଁଯାଏ କଅଁଳ ଅଣ୍ଟା
ଅସହ୍ୟ ଯନ୍ତ୍ରଣାରେ ଡବକିଉଠେ ଛାତି।

ଜୀବନ ହଜେ, ସହରର ପ୍ରତିଟି
ଗଳିକନ୍ଦିରେ
ଡଷ୍ଟବିନ୍‌ରୁ ଜରି ଗୋଟେଇ ପ୍ଲାଷ୍ଟିକ୍
ବୋତଲ ସାଉଁଟି
ଖଣ୍ଡେ ଚିରା ବସ୍ତାରେ।

କେବେ ଖାଇବାକୁ ମିଳେ
ତ କେବେ ଭୋକରେ ଦିନ ସରେ, ରାତି
କଟେ
ଭଂଗା ଚାଳଘରେ ଏକୁଟିଆ ଛଟପଟ ହୁଏ।

ନିଦ ଖୋଜେ ରାତିରେ
କାଳେ ଶୋଇପଡିଲେ ମରିଯିବ ଭୋକ,
ସରିଯିବ ଦୁଃଖ,
ହେଲେ ସେ ଶୋଇ ପାରେନି ଶାନ୍ତିରେ
ରାତି ସାରା ଉଜାଗର ରହେ,
ସୁକ୍ ସୁକେଇ କାନ୍ଦେ
ବେସାହାରା କାନ୍ଥକୁ ଆଉଜି ଗୋଟେ
କୋଣରେ।

ଖୁଣ୍ଟିଆ, ପର୍ଲା, କଳାହାଣ୍ଡି
(ମୋ) ୯୩୩୭୬୭୪୬୭୧

### ଅବୁଝା ବର୍ଷା

#### ● ସୁମିତା ବେହେରା



ଏମିତି କାହିଁକି ଯେ ହୁଏ ପ୍ରତିଥର ?
ହୃଦୟ ଇଚ୍ଛିଲା ବେଳେ
ବର୍ଷା ବହୁ ଦୂର
ମାଟି ନ ଛୁଇଁ ମାନମୟୀ
ମାୟା କାଟି ମୁକୁଳି ଯିବାରେ
ଭାରି ତରତର,
ପୁଣି ,ଆଶ୍ଚର୍ଯ୍ୟକରି ସେଇ ଆକାଶରେ
ରଚିପାରେ ନୂଆ ପ୍ରେମ
କେତେକେତେ ଈର୍ଷା, ଦ୍ୱନ୍ଦ,
ପ୍ରଶ୍ନର ଜଂଜିର,
ତୋଳି ଧରି ଭାଗ୍ୟ ଭବିତବ୍ୟ
ଶୁଣାଇପାରେ ଗୀତ ମହାପୁଲକର ।

ବର୍ଷା ଗୋଟେ ଅନ୍ୟମନସ୍କ ଝିଅ
ନିଜର ନିଃଶେଷ ବୋଲି
ମାଟିରେ ଜୀବନ ସଂଭବ
ନିଜକୁ ନଷ୍ଟ କରିଛି ବୋଲି ବାରମ୍ବାର
ପାହାଡ, ଚାରଣ ଛୁଇଁ
ବିଲମାଳ ତୋଟା ବଣେ
ଅଗଣନ ହସଫୁଲର ସମ୍ଭାର ।

ଭାରି ଅବୁଝା ଏ ବର୍ଷା
ମହମହ ଗୋଟେ ପ୍ରେମିକାର ମନ
କେତେବେଳେ ଧରାଦିଏ
କେତେବେଳେ ଲୁଚିଯାଏ
ଭଙ୍ଗା ଗଡାର ଅଛିଣ୍ଡା କାହାଣୀ,
ପ୍ରସରି ଥାଏ
ଆକାଶରୁ ମାଟି
ପୁଣି ମାଟିରୁ ମୃତ୍ୟୁଯାଏ
ମାଟି ପାଇଁ ସଦା ତାର ଉନ୍ମୁଖ ଚାହାଣି ।

♥ ବାରିପଦା
(ମୋ) ୬୩୭୨୮୫୬୯୯୪

### ପ୍ରେମିକାର ଶେଷ ଚିଠି

#### ● ମାନସ ରଞ୍ଜନ ପଣ୍ଡା



ଏବେ ବି ରହିଛି ଛାତି ପକେଟରେ
ପ୍ରେମିକାର ଶେଷ ଚିଠି,
ଏବେ ବି ମୋ ଓଠ ପିଉଅଛି ଲୁହ
ଗାଇ ବରଷାର ଗୀତି।

ଶେଷ ଚିଠିରେ ସେ ଭୁଲିଯିବା ପାଇଁ
କରିଥିଲା ଅନୁରୋଧ
ତଥାପି କାହିଁକି ଜଳେ ସେ ମୋ ପାଇଁ
ଛାତିରେ ଭରି ଦରଦ
ଏବେ ବି ମୋ ଶୁଭ ମନାସୁଛି ସିଏ
ଜାଳିସାରି ସଂଜବତୀ
ଏବେ ବି ରହିଛି ଛାତି ପକେଟରେ
ପ୍ରେମିକାର ଶେଷ ଚିଠି।

ପ୍ରୀତି ମରେନାହିଁ ସ୍ମୃତି ସରେନାହିଁ
କାଳକାଳ ରହେ ଜିଇଁ
ବିରହ ନିଦାଘ ବିତିଗଲା ପରେ ବୁ
ଫୁଟେ ବରଷାରେ କଇଁ
ଏବେବି ସପନ ଶାମୁକାରୁ ଆମେ
ଖୋଜୁଛୁ ପ୍ରେମର ମୋତି
ଏବେ ବି ରହିଛି ଛାତି ପାକେଟ ରେ
ପ୍ରେମିକାର ଶେଷ ଚିଠି।

♥ ସମ୍ପାଦକ ‘ଏଯାବତ୍’
ସତ୍ୟଶିବ ନିଳୟ
ଆରଡ଼ି, ଭଦ୍ରକ - ୭୫୬୧୩୮
( ମୋ) ୯୮୨୭୬୩୧୫୩୪

### ଅତୀତ

#### ● ଦିନେଶ ମେହେର



କିଛି ବି ରହିଲାନି
ଯାହାକୁ ନିଜର ବୋଲି ଆପଣେଇ ନେଇଥିଲି
ଯାହା ପାଖରେ ଗଢ଼ି ଦେଇଥିଲି
ଝିଲିମିଲି ରଙ୍ଗର ଗୋଟେ ସୁନ୍ଦର ମହଲ
ସେ ସବୁ ଏବେ ଇତିହାସ ବହିର
ଗୋଟେ ଫର୍ଦ୍ଦ ହେଇ ରହି ଯାଇଛି !

ଭାବିଥିଲି,
ଛାଇ ଆଲୁଅର ଖେଳ ଖେଳି
ସଂପର୍କ ଗଢ଼ି ଦେବି ନିଜ ନିଜ ଭିତରେ,
ସ୍ୱାଭିମାନ ଓ ସହାନୁଭୂତି ରେ ହଜି
ଯିବାପାଇଁ,
ହେଲେ ସେ ସଂପର୍କ ସବୁ ଶେଷ ହେଇ ଗଲା
ନିଜର ଅହମିକା, ଅହଙ୍କାର ଭିତରେ,
ଏବେ
ସରିଗଲା ଶୀତ ସନ୍ଧ୍ୟାର ଲୁଚକାଳି ଖେଳ !

କେବଳ ସେଇ ଛିଣ୍ଡା ସ୍ମୃତି
ଆଉ କେଇ ମୁଠା ଅଭିମାନ ଛଡ଼ା
କିଛି ନାହିଁ ହାତରେ।।

ଜାଣେ,
ଅବହେଳିତ ବର୍ତ୍ତମାନ,
ଆଉ ଆଗକୁ ଅପେକ୍ଷା କରି ବସିରହିଥିବା
ବନ୍ଧ୍ୟା ଭବିଷ୍ୟତ ହିଁ ତ
ଏକମାତ୍ର ସାହାରା ଜୀବନ ଟିକେ
ଜିଇଁବାକୁ !

♥ ପଳାସ, କଳାହାଣ୍ଡି

### ତୋଷାମଦିଆ

#### ● କ୍ଷମାନିଧି ଭୋଇ



ହେ ବନ୍ଧୁ ! ଜାଣିରଖ,
ବିଷ ଭଳି ଅତ୍ୟନ୍ତ ମାରାତ୍ମକ
ଏ ଦୁନିଆର ତୋଷାମଦିଆ ଲୋକ ।

ଖୁବ୍ ଚତୁର ପୂର୍ବକ
ସିଏ ସର୍ବଦା ଚେଷ୍ଟିତ
ଜିଣି ରଖିବାକୁ ଆପଣା ମୁନିବ ହୃଦୟ
କୁତ୍ସାରଟନା କରି ପର କାର୍ଯ୍ୟକଳାପ ।

କେଜାଣି କେତେବେଳେ
ଲମ୍ଭି ଆସିବ ନିଜ ଆଡ଼େ
ଏମାନଙ୍କ ଏତାଦୃଶ ହୀନ ଚକ୍ରାନ୍ତ ।

ଏମିତି ତୋଷାମଦିଆ
ମିଛିମିଛିକା ପ୍ରଶଂସାରେ ପୋତି ଦିଅନ୍ତି
ନିଜ ମୁନିବର ମନପ୍ରାଣକୁ
କେବଳ ଚରିତାର୍ଥ କରିବାପାଇଁ
ଆତ୍ମସ୍ୱାର୍ଥକୁ ।

ତା’ ବୋଲି ବୋଧେ
ସିଏ ପୋଷା ବିଲେଇ ସଦୃଶ
ଉପସ୍ଥିତ ଥାଏ ନିଜ ମାଲିକ ପାଖେ ପାଖେ ।

ସାବଧାନ !
ଏମାନେ ପରା କାଉ ଭଳି ଭାରି ଚତୁର
ଦରକାର ପଡ଼ିଲେ ପାଣିରେ ବି
ସହଜେ ପକାଇ ପାରନ୍ତି ସର ।

ଉତ୍ତମ ସମାଜ ପାଇଁ
ସଦା କ୍ଷତିକାରକ ତୋଷାମଦିଆ ଲୋକ
ଜଣା ପଡ଼େନି
କେତେବେଳେ ଧରିଥାନ୍ତି
ଏମାନେ କେଉଁ ରୂପ ।

ହେ ବନ୍ଧୁ !
ଏ ସଂସାରର ହିତ ପାଇଁ
ଏଭଳି ତୋଷାମଦିଆମାନଙ୍କୁ
ନିଜ ପାଖେ କେବେହେଁ ନଦିଅ ପ୍ରଶ୍ରୟ ।

♥ ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ଦେଓଗାଁ
ଜି: ବଲାଙ୍ଗୀର ( ଓଡ଼ିଶା )
ପିନ୍: ୭୬୭୦୨୯
ମୋ: ୯୪୩୮୨୯୨୯୩୩

# ସାହିତ୍ୟର ଭାଷା ମଧୁର, ଭାବ ସରଳ ଓ ସୁନ୍ଦର ହେଲେ ସାଧାରଣ ମଣିଷର ହୃଦୟକୁ ଛୁଇଁପାରିବ ନିଶ୍ଚୟ : ଶରତ କୁମାର ଦାସ

**ଶରତ କୁମାର ଦାସ** ଓଡିଆ କାବ୍ୟ ଜଗତର ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଏକାଧାରରେ ଜଣେ ଶିକ୍ଷାବିତ୍, କବି, ଲେଖକ, ସ୍ତମ୍ଭକାର ଓ ଆଗଧାଡିର ଶିଶୁସାହିତ୍ୟିକ । ନିତିଦିନିଆ ସମାଜର ଜୀବନ୍ତ ଛବି ହିଁ ତାଙ୍କ ସୃଷ୍ଟିଶୀଳତାର ଆଧାର ଓ ଜୀବନର ବାସ୍ତବତା ତାଙ୍କ ଲେଖନୀର ଅନ୍ତଃସ୍ୱର । କଳ୍ପନାରେ ଜୁଡୁବୁଡୁ ହେବା ଅପେକ୍ଷା ବାସ୍ତବତାର କଥା କହି ସାହିତ୍ୟରେ ସଦା ମେହେନତି ମଣିଷର ଛବି ଦେଖିବାକୁ ଇଚ୍ଛା କରୁଥିବା କବିଙ୍କ ସହ ଏଥରର ଆଳାପ..

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ସର୍ବପ୍ରଥମେ ଖୁବ୍ ବିନମ୍ରତାର ସହିତ ମୁଁ କହିବାକୁ ଚାହେଁ ଯେ ମୋର ଜନ୍ମ କୌଣସି ସାହିତ୍ୟିକଙ୍କ ପରିବାରରେ ନୁହେଁ । ନିପଟ ମଫସଲର ଅତି ସାଧାରଣ ପରିବାରରେ ମୋର ଜନ୍ମ। ମାତ୍ର ଗୀତ, କବିତା, ନାଟକ ଓ ଗପ ପ୍ରତି ପିଲାଦିନରୁ ମୋର ଥିଲା ଅହେତୁକ ଆକର୍ଷଣ । ଗୁଣୁଗୁଣୁ ହୋଇ ଏକାଏକା ଗୀତ ଗାଇବା, ରେଡିଓରୁ ଗୀତ ଓ ନାଟକ ଶୁଣିବା, କବିତା ଲେଖି ସାଙ୍ଗସାଥୀମାନଙ୍କୁ ପଢି ଶୁଣାଇବା ଓ ଭଲ ନଲାଗିଲେ ସେଗୁଡିକୁ ଚିରି ନଷ୍ଟ କରିଦେବା ଇତ୍ୟାଦି ମୋର ସତେଯେମିତି ଅଭ୍ୟାସରେ ପରିଣତ ହୋଇଯାଇଥିଲା । ଏସବୁ ମଧରେ କେତେବେଳେ ଯେ ମୋ ସୃଜନଶୀଳତାର ଆଦ୍ୟସ୍ଫୁରଣ ହୋଇଛି ତାହା କହିବା ମୋ ପକ୍ଷେ ଆଦୌ ସମ୍ଭବପର ନୁହେଁ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ସାରସ୍ୱତ ପ୍ରେରଣା ସମ୍ପର୍କରେ ପଚାରିଲେ ମୁଁ ଦୃଢ ଭାବେ କହିବି ଯେ ମୋ ବାପାମାଆ ଓ ସର୍ବୋପରି ସେଇ ଅଦୃଶ୍ୟ ଶକ୍ତି ପରମେଶ୍ୱରଙ୍କ ଅଯାଚିତ କରୁଣା ହିଁ ମୋ ସାରସ୍ୱତ ସମ୍ଭାରର ଶ୍ରେଷ୍ଠ ପ୍ରେରଣା । ଓଡିଆ ସାହିତ୍ୟ ଜଗତରେ ଅନେକ ରଥୀ ମହାରଥୀ ଅଛନ୍ତି । ସେମାନେ ନିଶ୍ଚିତ ଭାବେ ବରେଣ୍ୟ , ଅଭିଜ୍ଞ, ଜ୍ଞାନଦୀପ୍ତ ଓ ପ୍ରାତଃସ୍ମରଣୀୟ । ସେମାନଙ୍କୁ ଗୁରୁ ରୂପେ ଗ୍ରହଣ କରିବାରେ ମୋର କୌଣସି ଅସୁବିଧା ନାହିଁ । ତଥାପି ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ କାଳିନ୍ଦୀ ଚରଣ ପାଣିଗ୍ରାହୀ, ସଚ୍ଚି ରାଉତରାୟ, ମାୟାଧର ମାନସିଂହ ଓ ରବି ସିଂଙ୍କ ଭଳି କାଳଜୟୀ ସ୍ରଷ୍ଟାମାନଙ୍କର ସୃଷ୍ଟି ମୋତେ ବହୁତ ଭଲଲାଗେ ଓ କଲେଜରେ ପଢିବା ସମୟରୁ ସେମାନଙ୍କ ଲେଖା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ମଧ୍ୟ । ଏତଦବ୍ୟତୀତ ବର୍ତ୍ତମାନ ସମୟର କିଛି ଯୁବଲେଖକଙ୍କ ଲେଖାର ଶୈଳୀ ବିଶେଷକରି ଭାବ ଉପସ୍ଥାପନା ଓ ଶବ୍ଦ ସଂଯୋଜନା ଅତୀବ ଚମତ୍କାର ଓ ହୃଦୟସ୍ପର୍ଶୀ । ସେମାନଙ୍କୁ କେବେବି ଅଣଦେଖା କରାଯାଇପାରିବ ନାହିଁ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧରୁ ଆପଣଙ୍କର କେଉଁଟି ପ୍ରିୟ ଓ କାହିଁକି ?

■■ ସାହିତ୍ୟ ମୋ ଜୀବନର ସ୍ପନ୍ଦନ, ଆଷାଢର ଆଶାବରୀ, ମେଘର ମହ୍ଲାର ଓ ନିଦାଘର ଶୀତଳ ଚନ୍ଦନ। ସାହିତ୍ୟ ପ୍ରତି ମୋ ଅନୁରାଗ ନିହାତି ନିଆରା । ସାହିତ୍ୟର ପ୍ରତିଟି ବିଭାଗ ପ୍ରତି ମୁଁ ଅନୁବନ୍ଧିତ। ମୁଁ ଆଗରୁ କହିଛି ସ୍କୁଲରେ ପଢିବା ସମୟରୁ ରଫ୍ ଖାତାରେ କିଛି ଲେଖିବା ଓ ଲେଖିସାରି ସେଗୁଡିକୁ ଚିରିଦେବା ଭିତରେ ମୋ ସାହିତ୍ୟ ସୃଷ୍ଟି ସୀମିତ ଥିଲା । ମାତ୍ର ସବୁବେଳେ ଇଚ୍ଛାଟିଏ ହେଉଥିଲା ଯେ କେତେବେଳେ କେମିତି ଲେଖାଟିଏ କୌଣସି ପତ୍ରପତ୍ରିକାର ପୃଷ୍ଠା ମଣ୍ଡନ କରନ୍ତା କି ! ସଂଯୋଗବଶତଃ ଚୌଦ୍ୱାରରୁ ସେ ସମୟରେ ପ୍ରକାଶ ପାଉଥିବା ଦୈନିକ ଖବରକାଗଜ 'ଦହନ'ରେ 'ଅଗ୍ନିଶିଖା' ଶୀର୍ଷକ ମୋ କବିତାଟି ପ୍ରକାଶ ପାଇଥିବାର ଦେଖି ଖୁସିରେ ଆତ୍ମହରା ହୋଇପଡିଥିଲି, ଯାହାକୁ ଭାଷାରେ ବ୍ୟକ୍ତ କରିବା ଏବେ ମୋ ପାଇଁ ଆଦୌ ସମ୍ଭବ ନୁହେଁ। ଏହା ସମ୍ଭବତଃ ୧୯୮୫-୮୬ ମସିହାର କଥା । ଏହାପରେ ନିୟମିତଭାବେ ଅନ୍ୟ କେତେକ ପତ୍ରପତ୍ରିକାରେ ଲେଖା ପ୍ରକାଶ ପାଇଥିଲେ ବି ୧୯୯୨ ମସିହାରେ 'ସମାଜ ସାପ୍ତାହିକୀ' ରେ ପ୍ରକାଶିତ 'ମୁକ୍ତି' ଶୀର୍ଷକ କବିତାଟି ମୋତେ ଅଜସ୍ର ଲେଖକୀୟ ସଫଳତା ଦେବାରେ ସାହାଯ୍ୟ କରିଛି । ସେହିଦିନଠାରୁ ଆଉ ପଛକୁ ଫେରିଚାହିଁନି । ବର୍ତ୍ତମାନ ସୁଦ୍ଧା ମୋର ତିନିଖଣ୍ଡ ପୁସ୍ତକ ପ୍ରକାଶିତ। ଆଉ କିଛି ପ୍ରକାଶ ଅପେକ୍ଷାରେ । ସ୍ରଷ୍ଟାର ସବୁ ସୃଷ୍ଟି ପ୍ରିୟ । କେହି ସାନ କି ବଡ ନୁହେଁ । ମାତ୍ର ସତ କହିବାକୁ ଗଲେ ମୁଁ ମୋର କୌଣସି ସୃଷ୍ଟି ନେଇ ଏଯାବତ୍ ସନ୍ତୁଷ୍ଟ ନୁହେଁ । ସବୁଥିରେ କିଛି ନା କିଛି ଅଭାବବୋଧର ଅନୁଭବ କରେ, ଯାହାକି ମୋତେ ପ୍ରତିମୁହୂର୍ତ୍ତରେ ଆଘାତ ଦିଏ ଓ ଆହୁରି ଅଧିକ ଭଲ ଲେଖିବାକୁ ପ୍ରେରଣା ଯୋଗାଏ।



ସାହିତ୍ୟସଭାରେ ବକ୍ତବ୍ୟ ରଖୁଥିବା ସମୟରେ କବି ଶରତ କୁମାର...

■ କୁହାଯାଏ ଈଶ୍ୱରଦତ୍ତ ପ୍ରତିଭା ନଥିଲେ ଜଣେ ମଣିଷ ଲେଖକ ବା କବି ହୋଇପାରେନା । ଆପଣ ଏ ସମ୍ପର୍କରେ କ'ଣ ମତ ରଖିବେ ?

■■ ହଁ, ଏହା ନିରାଟ ସତକଥା । ଅତ୍ର ତତ୍ର ସର୍ବତ୍ର ଈଶ୍ୱର-କୃପା କେବଳମ୍ । କେବଳ ଲେଖକ ବା କବି ନୁହନ୍ତି, ଈଶ୍ୱରଙ୍କ ଆଶୀର୍ବାଦ ନଥିଲେ ଜଣେ ଭଲ ମଣିଷଟିଏ ବି ହୋଇପାରେନି । ଲେଖିବା ତ ଗୋଟିଏ ଐଶ୍ୱରିକ କଳା । ଈଶ୍ୱରଙ୍କ କରୁଣାର ପ୍ରତିଫଳନ ମାତ୍ର। ଈଶ୍ୱରଦତ୍ତ ପ୍ରତିଭା ନଥିଲେ ଜଣେ ଗୋଟିଏ ଶବ୍ଦ ସୃଷ୍ଟି କରିବା ନିହାତି ଅସମ୍ଭବ। ଯେତେ ଚାହିଁଲେ ବି ଲେଖା ଆସିବ ନାହିଁ ଯେପର୍ଯ୍ୟନ୍ତ ମା' ବାଗ୍‌ବାଦିନୀ ବୀଣାପାଣିଙ୍କର ଆଶୀର୍ବାଦ ନମିଳିଛି । ଯେଉଁମାନେ ଏଥିରେ ଏକମତ ନୁହନ୍ତି, ସେମାନଙ୍କୁ ମୋର କିଛି କହିବାରେ ନାହିଁ ।

■ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସତ୍ତ୍ୱେ ଯେତିକି ଅଗ୍ରଗତି କରିବା କଥା ସେତିକି କରିପାରିନାହିଁ ବୋଲି କୁହାଯାଏ । ଏସମ୍ପର୍କରେ କ'ଣ କହିବେ ?

■■ ୨୦୧୪ ମସିହାରେ କେନ୍ଦ୍ର ସରକାର ଓଡିଆ ଭାଷା ସାହିତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ମାତ୍ର ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଆମ ଭାଷା ଯେତିକି ସଫଳତା ପାଇବା କଥା ସେତିକି ସଫଳତା ପାଇନାହିଁ । ଏହା ନିଶ୍ଚିତ ଭାବେ ଏକ କ୍ଷୋଭ ଓ ପରିତାପର ବିଷୟ । ସତକଥାଟିଏ ହେଲା ସମସ୍ତେ ଭାଷାର ବିକାଶ ପାଇଁ କାନ୍ଦୁଛନ୍ତି, ମାତ୍ର କାହାରି ଆଖିରୁ ଲୁହ ଗଡୁନାହିଁ । ମୋର ବେଳେବେଳେ ଏମିତି ହୃଦବୋଧ ହୁଏ କି ଆଧୁନିକ ପାଶ୍ଚାତ୍ୟ ସଭ୍ୟତାର ଚାକଚକ୍ୟ ତଳେ ଆମ ଭାଷା ସାହିତ୍ୟ ଯେମିତି କଣ୍ଠରୁଦ୍ଧ ହୋଇ ଚିତ୍କାର କରୁଛି। ଦିନକୁଦିନ ଓଡିଆ ଭାଷାର ଗ୍ରହଣଶୀଳତା ଧୀରେଧୀରେ ହ୍ରାସ ପାଇବାରେ ଲାଗିଛି । ଅନୁସରଣ ପ୍ରକ୍ରିୟାରେ ଓଡିଆ ଭାଷାର କେତାକଂଶରେ ମୌଳିକତା ନଷ୍ଟ ହେବାରେ ଲାଗିଛି । ଓଡିଆ ପଢିବା, ଓଡିଆ ଲେଖିବା ଓ ଓଡିଆରେ କଥାହେବା ପାଇଁ ଆମ ପିଲାମାନଙ୍କର ଯେମିତି ଆଗ୍ରହ ନାହିଁ । ଏହା ଏକ ନକାରାତ୍ମକ ମାନସିକତା । ଏଥିରୁ ଆମ ପିଲାମାନଙ୍କୁ ମୁକୁଳେଇବାକୁ ପଡିବ । ଏଥିପାଇଁ ସେମାନଙ୍କ ମନରେ ଓଡିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ପଡିବ । କେବଳ କିଛି ଲେଖିଦେଲେ ଓ ତାହା ପତ୍ରପତ୍ରିକାର ପ୍ରକାଶ ପାଇଗଲେ ଓଡିଆ ଭାଷାର ବିକାଶ ହେବ ନାହିଁ । ଭାଷାର ବିକାଶ ପାଇଁ ଉଚ୍ଚକୋଟିର ଗବେଷଣା, ରଚନାତ୍ମକ ମନନଶୀଳତା ଓ ସକରାତ୍ମକ ମୌଳିକତାର ଆବଶ୍ୟକତା ଅଛି । ଭାଷାର ବିକାଶ ନହେଲେ ଗୋଟିଏ ଜାତିର କେବେ ବି ବିକାଶ ହୋଇପାରିବ ନାହିଁ ।

■ ଅଳ୍ପରେ କବି ଶରତ କୁମାର ଦାସ ...



ପିତା--ସ୍ୱର୍ଗତ ବଳରାମ ଦାସ
ମାତା --ସବିତା ଦାସ
ଜନ୍ମସ୍ଥାନ-ସାନଜରିଆ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା
ଜନ୍ମ--୧୦ ଏପ୍ରିଲ, ୧୯୬୯

ବର୍ତ୍ତମାନର ଠିକଣା : ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର -୭୫୮୦୩୫

■ ପ୍ରକାଶିତ ପୁସ୍ତକ ■

୧--ଭିଜାମାଟିର ବାସ୍ନା (କବିତା-୨୦୧୮)
୨--ଦୂର ଦିଗନ୍ତର ଦୃଶ୍ୟ -କବିତା-୨୦୨୨)
୩--ଛୋଟ ସିନା ବୁଦ୍ଧି ତା' ମହାନ (ଶିଶୁ-କିଶୋର ଗପ ସଙ୍କଳନ-୨୦୨୨)
୪--ଆ' ଜହ୍ନମାମୁ ସରଗୁ ଓହ୍ଲାଇ- (ଶିଶୁ-କିଶୋର କବିତା ସଙ୍କଳନ ପ୍ରକାଶ ଅପେକ୍ଷାରେ)



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ଶରତ କୁମାର ଦାସ...

■ କବିତାରେ କାହାରି ମାନସିକତାର ପରିବର୍ତ୍ତନ ସମ୍ଭବ କି ? ନିଜେ ଜଣେ କବି ଭାବରେ ଆପଣଙ୍କର ସେମିତି କିଛି ଅନୁଭବ ଅଛି ?

■■ କବିତା କିଛି ନିର୍ଜୀବ ଶବ୍ଦମାନଙ୍କର ସୁରମ୍ୟ ସୌଧ ନୁହେଁ କିମ୍ବା କିଛି ଅବାସ୍ତବ ଭାବନାର ବର୍ଣ୍ଣିଳ ପରିପ୍ରକାଶ ବି ନୁହେଁ । କବିତା କହିଲେ ମୁଁ ବୁଝେ କିଛି ସତେଜ ଅନୁଭବର ଜୀବନ୍ତ ପରିପ୍ରକାଶ । ନିଷିଦ୍ଧ ଇଲାକାକୁ ପ୍ରବେଶ କରିବାର ଦମ୍ ଥାଏ କବିତାର ପ୍ରତିଟି ଶବ୍ଦରେ । କବିତାରେ ଉଙ୍କିମାରୁଥାଏ ଧୂସର ମରୁ ଛାତିରେ ସ୍ନିଗ୍ଧ ସବୁଜିମା ଭରିଦେବାର ଦୁର୍ବାର ଅଭୀପ୍ସା। କେବଳ ଜଣେ ବ୍ୟକ୍ତି କାହିଁକି, ସମଗ୍ର ସମାଜର ମାନସିକତାକୁ ପରିବର୍ତ୍ତନ କରିବାରେ ଥାଏ କବିତାର ଭରପୂର ସାମର୍ଥ୍ୟ। ଇତିହାସ ଏହାର ମୂକସାକ୍ଷୀ । ଫରାସୀ ରାଷ୍ଟ୍ର ବିପ୍ଳବ କୁହନ୍ତୁ କିମ୍ବ ଆମେରିକାର ସ୍ୱାଧୀନତା ସଂଗ୍ରାମ ହେଉ ଅବା ରୁଷ୍ ବିପ୍ଳବ କଥା କୁହନ୍ତୁ--ଏ ସବୁଥିରେ କବି, ଲେଖକ ଓ ଦାର୍ଶନିକମାନଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ଜଣେ କବି ଭାବରେ ମୋର ସେଭଳି କିଛି ପ୍ରତ୍ୟକ୍ଷ ଅନୁଭୂତି ନଥିଲେ ମଧ୍ୟ ଅନେକ ପରୋକ୍ଷ ଅନୁଭୂତି ରହିଛି । ମୋର କିଛି କବିତାର ସ୍ପର୍ଶରେ କେହିକେହି ନିଜ ଜୀବନକୁ ଖୋଜିଛନ୍ତି । କଳ୍ପନାରେ ଜୁଡୁବୁଡୁ ହେବା ପରିବର୍ତ୍ତେ ବାସ୍ତବତାରେ ଭିଜିଛନ୍ତି । ନିଜକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା ବି କରିଛନ୍ତି । ମୋ ସହିତ ମନଖୋଲି ଦି'ପଦ କଥା ବି ହୋଇଛନ୍ତି। ପୁଣି କେତେବେଳେ ହସିଛନ୍ତି ତ କେତେବେଳେ କାନ୍ଦିଛନ୍ତି ।



କବିଙ୍କର ଏକମାତ୍ର ପୁତ୍ର...

■ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିପାରିବ ?

■■ ଓଡିଆ ସାହିତ୍ୟର ଭବିଷ୍ୟତକୁ ନେଇ ମୁଁ ଶତପ୍ରତିଶତ ଆଶାବାଦୀ । ଏବେ ଓଡିଆ ସାହିତ୍ୟ ତଥାକଥିତ ରକ୍ଷଣଶୀଳତାର ସଂକୀର୍ଣ୍ଣ ଅନ୍ଧକୂପରୁ ମୁକ୍ତ ହୋଇଛି । ଗବେଷଣାର ପରିସର ମଧ୍ୟ ବ୍ୟାପକଭାବେ ବୃଦ୍ଧିପାଇଛି । ସଂପ୍ରତି ଓଡିଆ ସାହିତ୍ୟରେ ଅନେକ ତରୁଣ ଲେଖକମାନଙ୍କର ଆବିର୍ଭାବ ଘଟିଛି । ଉଭୟ ତରୁଣ ଓ ପ୍ରବୀଣ ଲେଖକମାନେ ଓଡିଆ ସାହିତ୍ୟର ମଙ୍ଗ ଧରିଛନ୍ତି । ପ୍ରାଦେଶିକ ଚେତନା ସହ ଦେଶୀୟ ଚେତନାର ମିଶ୍ରଣ ଘଟିଛି । ସମାଜର ବାସ୍ତବ ଚିତ୍ରକୁ ନେଇ ଅନେକ ବାସ୍ତବଧର୍ମୀ ଲେଖାମାନ ସୃଷ୍ଟିହେଉଛି । ଅନେକ ପ୍ରକାଶନ ସଂସ୍ଥା ଓଡିଆ ସାହିତ୍ୟର ବ୍ୟାପକ ପ୍ରଚାର ଓ ପ୍ରସାରରେ ସାହାଯ୍ୟ କରୁଛନ୍ତି । ସମୟ ଓ ପରିସ୍ଥିତିର ପରିବର୍ତ୍ତନ ସହ ତାଳ ମିଳାଇ ଓଡିଆ ସାହିତ୍ୟ ପ୍ରଗତିର ସୋପାନ ଅତିକ୍ରମ କରିବାରେ ଲାଗିଛି । ପରିବର୍ତ୍ତନ ସତ୍ତ୍ୱେ ଆମ ଭାଷା ସାହିତ୍ୟ ତାହାର ମୌଳିକତା ବଜାୟ ରଖିପାରିଛି। ଯଥାର୍ଥରେ କହିଲେ ଓଡିଆ ସାହିତ୍ୟର ବିକାଶ ଧାରା ଆରମ୍ଭ ହୋଇଛି । ମାତ୍ର ଏତେ ପ୍ରଗତି ସତ୍ତ୍ୱେ ଓଡିଆ ସାହିତ୍ୟ ସାଧାରଣ ଲୋକଙ୍କ ପାଇଁ ଅପହଂଚ। ସାଧାରଣ ଲୋକଟିଏ ଓଡିଆ ସାହିତ୍ୟ ପ୍ରତି ବିମୁଖ । ସାହିତ୍ୟ ସାଧାରଣ ଲୋକଙ୍କର ସ୍ୱର ହେବା ଉଚିତ । ସାହିତ୍ୟ ରୂପକ ଦର୍ପଣରେ ଖଟିଖିଆ ମେହନତୀ ମଣିଷଟି ନିଜର ପ୍ରତିବିମ୍ବ ଦେଖିବା ଉଚିତ। ସାହିତ୍ୟ ସାଧାରଣ ଲୋକଙ୍କ କଥା କହିବା ଉଚିତ। ଆଧୁନିକ ସାହିତ୍ୟ ଦୁର୍ବୋଧ ଓ ଅବୋଧ ବୋଲି ଅଭିଯୋଗ ହୁଏ । ଏହା ମଧ୍ୟ ଅନେକାଂଶରେ ସତ । ସାହିତ୍ୟର ଭାଷା ମଧୁର, ଭାବ ସରଳ ଓ ସୁନ୍ଦର ହେଲେ ସାଧାରଣ ମଣିଷର ହୃଦୟକୁ ଛୁଇଁପାରିବ ନିଶ୍ଚୟ ।

■ କବି ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? କବିତା ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଜଣେ କବି ବା ଲେଖକଙ୍କର ସବୁଠାରୁ ଶ୍ରେଷ୍ଠ ପୁରସ୍କାର ହେଉଛି ପଠକୀୟ ଆଦୃତି ଓ ସ୍ୱୀକୃତି । ପାଠକମାନଙ୍କ ଶ୍ରଦ୍ଧା ଓ ଅଜସ୍ର ଭଲପାଇବା ହେଉଛି ଜଣେ ଲେଖକ ପାଇଁ ମଥାର ତିଳକ । ଏହାଠାରୁ ଆଉ କି ପୁରସ୍କାର ବା ସମ୍ମାନର ଗୁରୁତ୍ୱ ଅଛି ! ଅବଶ୍ୟ ଏହା ସତ ଯେ ପୁରସ୍କାର ଜଣେ ଲେଖକଙ୍କ ମନୋବଳ ବୃଦ୍ଧିରେ ସାହାଯ୍ୟ କରେ । ତାଙ୍କୁ ଅଧିକ ଭଲ ଲେଖିବା ପାଇଁ ପ୍ରେରଣା ଯୋଗାଏ, ଆଗ୍ରହ ଓ ଉତ୍ସାହ ସୃଷ୍ଟିକରେ ଏବଂ ସମାଜ ପ୍ରତି ଦାୟିତ୍ୱସମ୍ପନ୍ନ କରେ । ମାତ୍ର ଜଣେ ଲେଖକ ପୁରସ୍କାରମନସ୍କ ହେବା ଉଚିତ ନୁହେଁ । ପୁରସ୍କାର ପାଇଁ ସାହିତ୍ୟ ରଚନା କରିବା ଅନୁଚିତ। ଏହାଦ୍ୱାରା ସାହିତ୍ୟର ଅଧଃପତନ ଘଟିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । ସାଧନା ବଳରେ ସିଦ୍ଧି ସମ୍ଭବ । ପୁରସ୍କାର ପ୍ରାପ୍ତି କ'ଣ ଜଣେ ସାହିତ୍ୟିକଙ୍କ ଭାଗ୍ୟ ବଦଳେଇଦେବ ! ସାହିତ୍ୟ ଶସ୍ତା ନହେଉ । ସାହିତ୍ୟର ରାଜନୀତିକରଣ ବନ୍ଦ ହେଉ। ମଣିଷ ତଥା ସମାଜର ନକାରାତ୍ମକ ମାନସିକତାକୁ ପରିବର୍ତ୍ତନର ମାଧ୍ୟମ ହେଉ ସାହିତ୍ୟ।



ପରିବାରବର୍ଗଙ୍କ ସହ କବି ଶ୍ରୀ ଶରତ କୁମାର ଦାସ...



ଲକ୍ଷ୍ମୀ ଚାନ୍ଦ୍

ଯାଜପୁରର ରଙ୍ଗାଧର ଭାଇ। ରଙ୍ଗାଧର ମହାପାତ୍ର। ଲେଖାଲେଖି ପ୍ରକାଶ ପାଇଲା ଦିନଠୁ ଅନେକ ପାଠକଙ୍କ ସହ ପରିଚୟ ହୋଇଛି। ସେମାନଙ୍କ ଉଚ୍ଛ୍ୱସିତ ପ୍ରଶଂସାରେ ଆତ୍ମବିସ୍ମୃତ ହୋଇଛି। ଆଗକୁ ଲେଖିବାକୁ ପ୍ରେରଣା ପାଇଛି। ହେଲେ ରଙ୍ଗାଧର ଭାଇଙ୍କ ପରି କେହି ମୋତେ ଏତେ ପ୍ରେରିତ କରିପାରିନାହାନ୍ତି।

## ପ୍ରିୟ ପାଠକ-୨୭

# ଜଣେ ପ୍ରିୟ ପାଠକର ଆସନ ତାଙ୍କ ବ୍ୟତୀତ ମୁଁ ଆଉ କାହାକୁ ଦେଇପାରିବିନି

ମୋ ଲେଖାକୁ ନେଇ ମୋ ଭିତରେ ସେ ଆତ୍ମ ବିଶ୍ୱାସ ଭରି ଦେଇଥିଲେ ମାତ୍ର ମୁଁ ତାଙ୍କ ପାଇଁ କିଛି କରିପାରିଲି ନାହିଁ। ଏବେ ବି ସେ ନିରବ ଅଛନ୍ତି। ନିସର୍ତ୍ତ ଭଲପାଇବା କଣ ମୁଁ ତାଙ୍କଠାରୁ ଶିଖିଥିଲି। ମୁଁ ତାଙ୍କ ପାଇଁ କିଛି କରିନପାରିଲେ ମଧ୍ୟ ମୋ ଲେଖା ତାଙ୍କର ସବୁଦିନ ପ୍ରିୟ ହୋଇ ରହିଥିଲା।

ଯେବେ ସବୁ ପାଠକଙ୍କୁ ମନେ ମନେ ଆଖି ପକାଏ ସମସ୍ତଙ୍କ ମଧ୍ୟରେ ଜଣଙ୍କ ମୁହଁ ବାରମ୍ବାର ଦେଖାଯାଏ, ସେ ହେଲେ ଯାଜପୁରର ରଙ୍ଗାଧର ଭାଇ। ରଙ୍ଗାଧର ମହାପାତ୍ର। ଲେଖାଲେଖି ପ୍ରକାଶ ପାଇଲା ଦିନଠୁ ଅନେକ ପାଠକଙ୍କ ସହ ପରିଚୟ ହୋଇଛି। ସେମାନଙ୍କ ଉଚ୍ଛ୍ୱସିତ ପ୍ରଶଂସାରେ ଆତ୍ମବିସ୍ମୃତ ହୋଇଛି। ଆଗକୁ ଲେଖିବାକୁ ପ୍ରେରଣା ପାଇଛି। ହେଲେ ରଙ୍ଗାଧର ଭାଇଙ୍କ ପରି କେହି ମୋତେ ଏତେ ପ୍ରେରିତ କରିପାରିନାହାନ୍ତି। ମୋ ଲେଖାକୁ ଏତେ ଭଲ ପାଇନାହାନ୍ତି। ମୋ ଗପ ଯେମିତି ତାଙ୍କ ଆତ୍ମାକୁ ଛୁଇଁ ଯାଇଥିଲା। ୨୦୧୦ରେ ମୋର ଗୋଟେ ଗପ 'ଲଭ୍ ମାନେ ପ୍ରେମ ପ୍ରେମ ମାନେ...' ଆଇନା ପତ୍ରିକାରେ ବାହାରିଥିଲା। ପତ୍ରିକା ବାହାରିବାର ୩/୪ ଦିନ ପରେ ସେ ଫୋନ କଲେ। ପ୍ରଥମେ ଗପଟି ଆମୂଳଚୁଳ ବର୍ଣ୍ଣନା କରି ସେ କହିଲେ, 'ଆପଣ ମୋର ସାନ ଭଉଣୀ ପରି। ଶିଶୁ ମାନସିକତାକୁ ନେଇ ଏପରି ଗପ କେମିତି ଲେଖିପାରିଲେ? ମୋତେ ଲାଗିଲା ମୁଁ ଯେମିତି ଘଟଣାର ମୂକସାକ୍ଷୀ । ସବୁକିଛି ଆଖି ସାମନାରେ ଘଟିଯାଉଛି।'

ମୁଁ କହିଲି ଆଜ୍ଞା ଗପ ତ ଗପ କେତେବେଳେ କେମିତି ଉତୁରି ଯାଉଛି। ଆପଣଙ୍କୁ ଭଲ ଲାଗିଲା ସେଇ ସବୁଠୁ ଖୁସି। ସେ ଆଉ ଅଧିକା କୁହେଇ ନ ଦେଇ କହିଲେ ଆଜ୍ଞା ନାଇଁ, ଭାଇ କହିବେ ହେଲା? ମୁଁ ଆପଣଙ୍କ ପାଇଁ ରଙ୍ଗାଧର ଭାଇ। ପରଦିନ ସେ ପୁଣି ଫୋନ କଲେ। ମୁଁ 'ହାଲୋ' କହିଲା ମାତ୍ରେ ସେ ତରତର ହୋଇ କହିଲେ ଲକ୍ଷ୍ମୀ ଭଉଣୀ, ଆପଣ ବ୍ୟସ୍ତ ଅଛନ୍ତି କି? ମୁଁ ସୁଯୋଗ ପାଇ କହିଲି ଆପଣ ତ ସାନଭଉଣୀ କହିଲେ ପୁଣି ଏ ଆପଣ ଆପଣ କଣ ଯେ? ସେ ହସିଲେ । କହିଲେ ଠିକ୍ ମୋ କୁନି ଭଉଣୀଟା। ଏକଦମ୍ ନିରୀହ, ଏକଦମ୍ ସରଳ। ତୁମ ଗପ ଏହା ଭିତରେ ମୁଁ ଆମର ସାରା ପରିବାରକୁ ପଢାଇ ସାରିଲିଣି। ତୁମ ଭାଉଜ ଓ ପିଲାମାନେ ପଢି ବହୁତ ଖୁସି, ନିଅ ସେମାନଙ୍କ ସହ କଥା ହୁଅ।

ମଲା ମଣିଷ ! ଜଣେ ପାଠକଙ୍କ ସହ ଭଲରେ କଥା ହେଇ ସାରିନି, ପୁଣି ପରିବାରଟା ଯାକ !! ସେମାନଙ୍କ ସହ କିଛି ସମୟ କଥା ହେଲି। ଗପଟି ସେମାନଙ୍କୁ ବେଶ୍ ପ୍ରଭାବିତ କରିପାରିଛି ବୋଲି ସେମାନେ ଖୁବ୍ ଖୁସି ହେଲେ। ମୋତେ ସେ ଦିନଟି ହାତରେ ଆକାଶର ଚାନ୍ଦ ଖସିଲା ପରି ପ୍ରତେ ହେଲା। ଅନେକ ପାଠକ ତ ମୋତେ ପୂର୍ବରୁ ଫୋନ୍ କରୁଥିଲେ। ମାତ୍ର ଗୋଟେ ଗପ ପଢି ସାରା ପରିବାର ଫୋନ କରିବା ଏଇ ପ୍ରଥମ। ସତରେ ଖୁବ୍ ଖୁସି ଲାଗିଥିଲା। ଦିନେ ଦୁଇଦିନ ପରେ ପୁଣି ଫୋନ୍। କେବଳ ସେହି ଗପ କଥା। ଲକ୍ଷ୍ମୀ ଭଉଣୀ ମୁଁ ଗପଟିର ଆବେଶରୁ ମୁକୁଳି ପାରୁନି, ତାକୁ ୪/୫ ଥର ପଢିଲିଣି। ଯେତେ ପଢିଲେ ବି ଆହୁରି ପଢିବାକୁ ଇଛା ହେଉଛି।

ମୁଁ ଲେଖିଥିବା ଗପ ଥରେ ପତ୍ରିକାରେ ପ୍ରକାଶ ପାଇଗଲେ ମୁଁ ଆଉ ତାହା ପଢେନାହିଁ, ଖାଲି ଟିକେ ଆଖି ପକେଇ ଦିଏ ଠିକ୍‌ଠାକ୍ ଅଛିକି ନାଇଁ। ରଙ୍ଗାଧର ଭାଇଙ୍କ ସେହି ଗପ ଉପରେ ଏତେ ସୁନ୍ଦର ସୁନ୍ଦର ମନ୍ତବ୍ୟ ସବୁ ମୋତେ ମୋ ଗପ ପଢିବା ପାଇଁ ବାଧ କଲା। ସେମିତି କିଛି ଚମତ୍କାରିତା ତା ଭିତରେ ପାଇଲି ନାହିଁ। ମୋର ସବୁ ଗପ ପରି ସାଧାରଣ ଲାଗିଲା। ଭାଇ ତେବେ କାହିଁକି ଏତେ ଅସାଧାରଣ କରିଦେଉଛନ୍ତି ସେହି ଗପଟିକୁ? ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆଉ କିଛି ପାଠକ ମଧ୍ୟ ସେହି ଗପ ଉପରେ ଫୋନ କରିଥିଲେ ମାତ୍ର ସେମାନେ ରଙ୍ଗାଧର ଭାଇଙ୍କ ପରି ଏତେ ଆତ୍ମହରା ହୋଇନଥିଲେ।

ଦୁଇଦିନ ପରେ ପୁଣି ଫୋନ କରି କହିଲେ ମୋର ସାଂଗସାଥୀ ଯେତକ ଅଛନ୍ତି ସମସ୍ତଙ୍କୁ ସେ ଗପଟି ପଢାଇ ସାରିଲିଣି। ଗପଟିକୁ ନେଇ ସମସ୍ତଙ୍କର ସୁନ୍ଦର ସୁନ୍ଦର ମନ୍ତବ୍ୟ ସବୁ କହିଗଲେ। ତୁମର ଅନ୍ୟ ଗପ ସବୁ କେଉଁ ପତ୍ରିକାରେ ବାହାରିଛି କହିବକି? ସେତେବେଳେ ଯାହା ମନେ ପଡିଲା କହିଦେଲି। ଭାବିଲି ଗୋଟିଏ ସିନା ଗପ ପଢିଲେ ଆଉ କଣ ମ୍ୟାଗାଜିନ କିଣିକି ପଢିବେ ? ନା । କିନ୍ତୁ ମାତ୍ର ୪ଦିନ ଭିତରେ ସେ ଭୁବନେଶ୍ୱର ଆସି ମୋ ଗପ ବାହାରିଥିବା ସବୁ ମ୍ୟାଗାଜିନ କିଣିନେଇ ଗୋଟିକ ପରେ ଗୋଟେ ପଢି ମୋତେ ଫୋନ କରୁଥାନ୍ତି। ମୁଁ ତ ଆଚମ୍ଭିତ ଏପରି ଜଣେ ପାଠକ ପାଇ। ସେହିଦିନଠାରୁ ପାଠକ ଲେଖକ ଯେମିତି ଏକ ସୂକ୍ଷ୍ମ ଡୋରିରେ ବାନ୍ଧି ହୋଇଯାଇଥିଲୁ। ଧୀରେ ଧୀରେ ମୁଁ ତାଙ୍କ ପରିଚୟ ଜାଣିଲି। ସେ ଯେ ଜଣେ ବିଶିଷ୍ଟ ପ୍ରାବନ୍ଧିକ ଏବଂ ଓଡ଼ିଆ ଭାଷାର ଗବେଷକ ଏକଥା ଜାଣିଲା ପରେ ନିଜ ବିଷୟରେ ଟିକେ ବଢେଇ ଚଢେଇ କହୁଥିବା କଥାକୁ ସଂକୁଚିତ କରିଦେଲି। ଆହୁରି ଲଜ୍ଜିତ ହେଲି ଯେତେବେଳେ ଜାଣିଲି ସେ ନାଇଲ ପରି ଏକ ଭାଷାର ଉଦ୍ଭାବକ। ଦୀର୍ଘ ୮ ବର୍ଷ ପରିଶ୍ରମ କରି ସେ ନାଇଲ ବୋଲି ଏକ ଲିଖିତ ଭାଷା ପସ୍ତୁତ କରିଥିଲେ ଯାହା ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଏକ ସହଜ ଲିଖିତ ଭାଷା ହୋଇପାରିଥାନ୍ତା। ତାଙ୍କ ନିଜର ଅନାସକ୍ତ ଭାବ ଏବଂ ସରକାରୀ ପ୍ରୋତ୍ସାହନ ଅଭାବରୁ ସେହି ଭାଷାଟି ଲୋକଲୋଚନକୁ ଆସିପାରିଲା ନାହିଁ। ସେତେବେଳକୁ ମୁଁ 'ସମ୍ବାଦ କଳିକା' ରେ ଚାକିରି କରିଥାଏ। ନାଇଲ ଭାଷାକୁ ନେଇ ତାଙ୍କର ୨ଟି ରିଭ୍ୟୁ ପ୍ରସ୍ତୁତ କରିଥିଲି। ତାଙ୍କ ଖୁସି କହିଲେ ନସରେ। ଭାଷାଟି କାର୍ଯ୍ୟକାରୀ ହୋଇଥିଲେ ଜନଜାତିଙ୍କ ପାଇଁ ଏକ ସହଜ ଲିଖିତ ଭାଷା ମିଳିଯାଇଥାନ୍ତା। ପ୍ରଥମରୁ ସେ ନାଇଲ ଭାଷାକୁ ନେଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରି ବିଫଳ ହେଲାପରେ ହତୋତ୍ସାହ ହୋଇ ଅଚାନକ ନିରବ ହୋଇଗଲେ। ଲେଖିବାର ଆଗ୍ରହ ତାଙ୍କର କମିଯାଇଥିଲା। ମୋ ଲେଖାକୁ ନେଇ ମୋ ଭିତରେ ସେ ଆତ୍ମବିଶ୍ୱାସ ଭରି ଦେଇଥିଲେ ମାତ୍ର ମୁଁ ତାଙ୍କ ପାଇଁ କିଛି କରିପାରିଲି ନାହିଁ। ଏବେ ବି ସେ ନିରବ ଅଛନ୍ତି।



ପ୍ରିୟ ପାଠିକ

ନିସର୍ତ୍ତ ଭଲପାଇବା କଣ ମୁଁ ତାଙ୍କଠାରୁ ଶିଖିଥିଲି। ମୁଁ ତାଙ୍କ ପାଇଁ କିଛି କରିନପାରିଲେ ମଧ୍ୟ ମୋ ଲେଖା ତାଙ୍କର ସବୁଦିନ ପ୍ରିୟ ହୋଇ ରହିଥିଲା। ପରିସ୍ଥିତିର ତାଡନାରେ ଆଜି ସେ ନିରବ ହୋଇଯାଇଛନ୍ତି। ବହୁତ ଦିନ ହେଲା ମୁଁ ତାଙ୍କୁ ଫୋନ୍ କରିନି। ଏହା ମୋର ସ୍ୱାର୍ଥପରତା। ବ୍ୟସ୍ତତାକୁ ଆଳ କରି ମୁଁ ନିଜେ ତାଙ୍କଠୁ ଦୂରେଇ ଯାଇଛି। ତେବେ ସେ ମୋ ମନରେ ସବୁଦିନ ରହିଛନ୍ତି ଏବଂ ରହିବେ ମଧ୍ୟ। ଜଣେ ପ୍ରିୟ ପାଠକର ଆସନ ତାଙ୍କ ବ୍ୟତୀତ ମୁଁ ଆଉ କାହାକୁ ଦେଇପାରିବିନି। ପ୍ରିୟ ପାଠକ ହିସାବରେ ମୋତେ ସେ ଯେତିକି ଉତ୍ସାହିତ କରିଛନ୍ତି ତାହା ମୋ ପାଇଁ ସବୁଦିନେ ଏକ ସୁନ୍ଦର ସ୍ମୃତି ହୋଇ ରହିଥିବ।

♥ ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର
ଭୁବନେଶ୍ୱର-୬

# ସ୍ୱଭାବକବିଙ୍କ କମିଜର ଆତ୍ମକଥା

ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ଆପଣମାନେ ଜାଣିପାରୁଥିବେ ଯେ ମୁଁ ହେଲି ଗଙ୍ଗାଧରଙ୍କ ବ୍ୟବହୃତ କମିଜ। ଏଠାରେ ମୁଁ ଯାହା କହିବାକୁ ଯାଉଛି ସେହି ଅନ୍ତର୍ବ୍ୟଥା ଆରମ୍ଭରୁ ବର୍ଣ୍ଣନା କରୁନାହିଁ। ବାସ୍ତବିକ ମୁଁ ଧନ୍ୟ ହୋଇଛି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶରୀରକୁ ଆବୃତ୍ତ କରି ରଖିବାପାଇଁ ଦୁର୍ଲ୍ଲଭ ସୁଯୋଗ ମୋତେ ମିଳିଛି ବୋଲି। କବିଥିଲେ ଯେପରି ନିର୍ମଳ ହୃଦୟ-ସମ୍ପନ୍ନ, ତାଙ୍କ ପୋଷାକ ଥିଲା ଅନୁରୂପ ଭାବରେ ପବିତ୍ର। ସଂପୂର୍ଣ୍ଣ ପରିଷ୍କୃତ ଶରୀରକୁ ତାଙ୍କର ସୁସଜ୍ଜିତ କରି ରଖେ ଯେତେବେଳେ ମୁଁ , ସେ ସମୟରେ ମୋର ସମଗ୍ର ସତ୍ତା ହିଁ ହୋଇଯାଏ ଅପୂର୍ବ ଭାବରେ ପୁଲକିତ। ଧଳା ଧୋତି ସହିତ ଧଳାକମିଜ ପରିଧାନ କରି କବି ଯେତେବେଳେ ବାହାରନ୍ତି କର୍ମକ୍ଷେତ୍ରକୁ ସେତେବେଳେ ମୁଁ ଦେଖେ, ରାସ୍ତାରେ ଚାଲି ଯାଉଥିବା ଲୋକମାନେ ତଥା ପ୍ରତିଟି ଗୃହପ୍ରାଙ୍ଗଣରେ ଉପସ୍ଥିତ କେତେନାରୀ ଓ ପୁରୁଷ ସମସ୍ତେ ଯେପରି ଦୃଷ୍ଟିଭଙ୍ଗୀ ନେଇ କବିଙ୍କୁ ଅନାଉଥାଆନ୍ତି ସେଥିରୁ ବିକିରିତ ହେଉଥାଏ ଶୁଭ୍ର ଜହ୍ନାଲୋକ। ସମସ୍ତେ ଶ୍ରଦ୍ଧାପୂର୍ଣ୍ଣ ଆଖିରେ ଦେଖିବାବେଳେ ମୁଁ ଗୋଟାପଣେ ଭିଜି ଯାଉଥାଏ ଅବର୍ଣ୍ଣନୀୟ ଆନ୍ତରିକତାର ସ୍ପର୍ଶରେ। ମୋତେ ଲାଗେ ଯେ ଗଙ୍ଗାଧର ଯେଉଁ ରାସ୍ତାରେ ପାଦପକାଇ ପକାଇ ଚାଲିଛନ୍ତି ଆ ଗକୁ ଆଗକୁ, ତାଙ୍କ ପଦସ୍ପର୍ଶ ଲାଭ କରୁଥିବା ଧୂଳିମାଟି ମଧ୍ୟ ହୋଇ ଯାଉଛନ୍ତି ସ୍ୱର୍ଗୀୟ ଆଲ୍‌ହାଦସିକ୍ତ। କର୍ମକ୍ଷେତ୍ରରେ ବସନ୍ତି ଗଙ୍ଗାଧର ଯେଉଁ ବିନୀତ ଭଙ୍ଗୀରେ ତାହା ମୋତେ ହିଁ କରିଦେଉଥାଏ ନମ୍ରତାର ଜ୍ୟୋତିରେ ଅଧିକ ଆକର୍ଷଣୀୟ। ମୁଁ ଜାଣେ ଯେ କବି ଧଳାରଙ୍ଗକୁ ଭଲପାଆନ୍ତି ବେଶୀ। ଧଳା କମିଜ ପିନ୍ଧିବାରେ ତାଙ୍କର ମାନସିକ ପରିତୋଷ ଫୁଟିଉଠେ ସର୍ବାଙ୍ଗରେ। ସୂତାରେ ତିଆରି ଯେଉଁଲୁଗା, ତାହାହିଁ ତାଙ୍କର ପ୍ରିୟ। କାରଣ ସେ ଅନୁଭବ କରନ୍ତି ସୂତା-ନିର୍ମିତ ବସ୍ତ୍ରର ପରିଶୁଦ୍ଧତା ହେଉଛି ଅନୁପମ।

କବି ସର୍ବଦା ଏକାଧିକ କମିଜ ବ୍ୟବହାର କରିବା ଥିଲା ସ୍ୱାଭାବିକ। ମୋର ସୌଭାଗ୍ୟ ହେଲା ଯେ, ମୁଁ ତାଙ୍କ ଜୀବନର ଅନ୍ତିମ ପର୍ଯ୍ୟାୟରେ ଆସିଲି, ତାଙ୍କ ପୁଣ୍ୟ-ସାନ୍ନିଧ୍ୟ ଲାଭକରିବା ପାଇଁ। ମୋ ପୂର୍ବରୁ ଯେଉଁ କମିଜ ସବୁ କବିଙ୍କ ଅଙ୍ଗବସ୍ତ୍ର ଭାବରେ ହୋଇଛନ୍ତି ଭାଗ୍ୟଶାଳୀ, ସେମାନେ ବର୍ତ୍ତମାନ ଆଉ କେହିବି ନାହାନ୍ତି। ନିଜ ପୋଷାକ ସର୍ବଦା କବି ବଣ୍ଟନ କରି ଦେଉଥିଲେ ଅସ୍ୱଚ୍ଛଳ, ଆର୍ଥିକ ଦିଗରୁ ଦୁର୍ବଳ ନିଜ ପାଖ ପଡୋଶୀଙ୍କୁ।

୧୯୨୪ ମସିହା ଏପ୍ରିଲ ୪ତାରିଖ, ଚୈତ୍ର ଅମାବାସ୍ୟା ତିଥିରେ କବି ଚିରଦିନ ପାଇଁ ବିଦାୟ ନିଅନ୍ତି ଏ ସଂସାରରୁ। ମୋ ଅନ୍ତରରୁ ଝରୁଥିଲା ଅଶ୍ରୁ ତାହା ଧ୍ୱନି କି ଦୃଶ୍ୟରେ ପ୍ରତିଫଳିତ ହେବା ସମ୍ଭବ ନଥିଲା । ମୁଁ କେବଳ ନିଃଶବ୍ଦରେ, ନୀରବରେ କରୁଥିଲି ଅଶ୍ରୁ ବିସର୍ଜନ। ସମଗ୍ର କବି ଭବନ ହୋଇଯାଇଥିଲା ଶୂନ୍ୟତାମୟ । ବରପାଲିରେ ସର୍ବତ୍ର ଶୋକର ଛାୟା । କେଉଁ ମହାରାଜା, ରାଜା କି ଜମିଦାର ପରଲୋକ ଗମନ କଲେବି, ଏପରି ଶୋକାଚ୍ଛନ୍ନ ପରିବେଶ ସୃଷ୍ଟି ହୁଏନାହିଁ।

ସେଦିନ ଠାରୁ କବିଙ୍କ ପବିତ୍ର ଶରୀରର ସ୍ପର୍ଶ ଲାଭରୁ ମୁଁ ରହିଲି ଚିର ବଞ୍ଚିତ। କବିପୁତ୍ର ଭଗବାନ ମେହେର ନିଜ ପିତାଙ୍କ ପ୍ରତ୍ୟେକଟି ଜିନିଷକୁ ସାଇତି ରଖିବା ବେଳେ ମୋତେ ଭୁଲିଯାଇନାହାନ୍ତି, ଏଥିପାଇଁ ମୁଁ ସର୍ବଦା କୃତଜ୍ଞ। ଏକ ବିରାଟ କାଠବାକ୍ସ ମଧ୍ୟରେ ରଖାଯାଇଥିଲା ମୋତେ ସୁରକ୍ଷିତ କରି। ଗଙ୍ଗାଧର-ଅନୁରାଗୀ ଭଦ୍ରବ୍ୟକ୍ତିମାନେ ଯେତେବେଳେ ଆସନ୍ତି କବି ପରିବାରକୁ ସେତେବେଳେ ସେମାନେ ଇଚ୍ଛା କରନ୍ତି କବିଙ୍କ ସ୍ମୃତିଚିହ୍ନ ଦେଖିବାପାଇଁ। ସେହିଭଳି ଦିନମାନଙ୍କରେ, ମୋ ।ତେ କାଠବାକ୍ସ ମଧ୍ୟରୁ କେବେ କେବେ ସଯତ୍ନେ ବାହାର କରି ଅଣାଯାଉ ଥିଲା। ଉପସ୍ଥିତ ଭଦ୍ରବ୍ୟକ୍ତିମାନେ ମୋତେ ଛୁଇଁ କରୁଥିଲେ ପ୍ରଣାମ। ମୁଁ ଜାଣେ ଯେ ସେହି ଭକ୍ତି ଭାବ କାହା ପ୍ରତି ଉଦ୍ଦିଷ୍ଟ। ତତକ୍ଷଣାତ କବିଙ୍କ ଉଦ୍ଦେଶ୍ୟରେ ମନେମନେ ମୁଁ କରେ ପ୍ରଣିପାତ। ଅନେକଥର ଓଡ଼ିଶା ସରକାର ଚିଠି ଲେଖିଛନ୍ତି କବିପୁତ୍ରଙ୍କୁ ଯେ କବିଙ୍କ ସମସ୍ତ ସାମଗ୍ରୀକୁ ରାଜ୍ୟ ସଂଗ୍ରହାଳୟକୁ ଦେଇଦେବା ସକାଶେ। ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟରେ ସ୍ଥାନ ପାଇଥିଲେ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ହଜାର ହଜାର ଦର୍ଶକ ମୋତେ ଦେଖିଥାନ୍ତେ ନିଶ୍ଚିତ। କିନ୍ତୁ କବି ପୁତ୍ର ସ୍ଥିରଚିତ୍ତରେ ଭାବିଲେ ଯେ, ଏହି ସବୁ ସ୍ମୃତି ଚିହ୍ନ ସରକାରଙ୍କୁ ହସ୍ତାନ୍ତର କରିଦେବା ଦ୍ୱାରା ପିତାଙ୍କ ଅନୁପସ୍ଥିତିରେ ଯେଉଁ ସାନ୍ତ୍ୱନା ଲାଭ କରୁଥିଲେ ସେ, ଏହି ସ୍ମୃତି ସମ୍ପଦକୁ ଦେଖି ତାହା ଆଉ ସମ୍ଭବ ହେବନାହିଁ। ଦ୍ୱିତୀୟ କାରଣ ହେଲା, ଯେଉଁ ଲୋକମାନେ ଆସିବେ କବି ପରିବାରକୁ ସେମାନେ ଯେତେ ବେଳେ ଦେଖିବାକୁ ଚାହିଁବେ କବିଙ୍କ ଏହି ଅମଳିନ ସ୍ମୃତିରାଜି, ସେତେବେଳେ ତାଙ୍କୁ କି ଉତ୍ତର ଦେବେ କବି ପୁତ୍ର ବା ତାଙ୍କର ଉତ୍ତରଦାୟାଦବୃନ୍ଦ ? ସେଥିପାଇଁ ମୁଁ ଆଜି ପର୍ଯ୍ୟନ୍ତ ରହିଛି କବିଙ୍କ ପରିବାର ମଧ୍ୟରେ। ଯେତେବେଳେ ଅଧିକ ସଂଖ୍ୟକ ଲୋକଙ୍କ ଆଗମନ ହେଲା ଏହି ସ୍ମୃତି-ସାମଗ୍ରୀ ଦେଖିବା ପାଇଁ ବାରମ୍ବାର, ସେସବୁକୁ ବାକ୍ସରୁ କାଢ଼ିବା ଓ ପୁଣି ବାକ୍ସ ମଧ୍ୟରେ ସଜାଇ ରଖିବା ହେଲା କଷ୍ଟସାଧ୍ୟ।

କବିଙ୍କ ପ୍ରପୌତ୍ର ମଣୀନ୍ଦ୍ର ଏସବୁର ଯତ୍ନ ନେବା ଆରମ୍ଭକଲା ଯେଉଁଦିନଠାରୁ, ତାର କଳ୍ପନାର ଡେଣା ଉଡିବାକୁ ଲାଗିଲା ମୁକ୍ତ ଆକାଶ ବକ୍ଷରେ। ସେ ତା ବାପା, କବିଙ୍କ କନିଷ୍ଠ ପୌତ୍ର କିଶୋର ଚନ୍ଦ୍ର ମେହେରଙ୍କ ନିକଟରେ ବର୍ଷବର୍ଷ ଧରି ଅଳିଅଝଟ କରିଛି ସମଗ୍ର ସାମଗ୍ରୀକୁ ମ୍ୟୁଜିୟମର ମର୍ଯ୍ୟାଦା ଦେଇ ରଖିବାକୁ। କିଶୋର ଚନ୍ଦ୍ର ଥାନ୍ତି ସମ୍ବଲପୁରୀ ବସ୍ତ୍ରାଳୟର ସାଧାରଣ କର୍ମଚାରୀଟିଏ ମାତ୍ର। ଆର୍ଥିକ ଦୃଷ୍ଟିରୁ ଆଦୌ ସ୍ୱଚ୍ଛଳ ନୁହଁନ୍ତି। ତଥାପି ପୁଅଟିକୁ ଯେପରି ଗେହ୍ଲାକରି ବଢ଼ାଇ ଆସିଛନ୍ତି, ତାର ଦାବି ପୂରଣ ନକରି ରହିପାରି ନାହାନ୍ତି କେବେ। କିଶୋରଚନ୍ଦ୍ର ତାଙ୍କ ବଡ଼ଭାଇ ପୂର୍ଣ୍ଣଚନ୍ଦ୍ର ମେହେରଙ୍କ କନିଷ୍ଠ ଜାମାତା ଘେଁସଗ୍ରାମରେ ରହୁଥିବା ବିନୋଦବିହାରୀ ମେହେରଙ୍କୁ ଦିଅନ୍ତି ଦାୟିତ୍ୱ, କାଠ ଓ କାଚରେ ଏକ ବିରାଟକାୟ ଆଲମିରା ପ୍ରସ୍ତୁତ କରିବାକୁ। ବାବୁ ମଣୀନ୍ଦ୍ରର ସ୍ୱପ୍ନ ହେଲା ସାର୍ଥକ। ଘରକୁ ଆସିଲା ସେହି ସୁନିର୍ମିତ, ସୁଶକ୍ତ, ସୁଦୃଶ୍ୟ ଆଲମିରା ଗୋଟିକ। ଯେଉଁ ଆଗ୍ରହରେ ସବୁ ଜିନିଷପତ୍ର ବାହାର କରି ମଣୀନ୍ଦ୍ର ସଜାଇଦେଲା, ତାହା ତାର ପ୍ରପିତାମହଙ୍କ ପ୍ରତି ଏକ ଶ୍ରେଷ୍ଠ ଅର୍ଘ୍ୟ ନିଶ୍ଚୟ। ସେଦିନଠାରୁ କାଠବାକ୍ସମଧ୍ୟରୁ ଆଉ ମୋତେ କାଢ଼ିବାକୁ ପଡ଼ିଲା ନାହିଁ। ଶହଶହ ଛାତ୍ରଛାତ୍ରୀ, ଦର୍ଶକମଣ୍ଡଳୀ ଆସନ୍ତି ଯେତେବେଳେ ଏସବୁ ଦେଖିବା ପାଇଁ, ସେମାନେ ସବୁ ଜିନିଷ ଦେଖନ୍ତି କେବଳ ମୋତେ ଛାଡ଼ିଦେଇ।

କିପରି ? କଣ ତାର କାରଣ? ଯେ କେହି ମନେମନେ ଏକଥା ଭାବୁଥିବେ ଏବେ । ମୁଁ ଜାଣିଲି ଯେ, ମୁଁ କିଛି ଅଂଶରେ ହୋଇ ଯାଇଥିଲି କ୍ଷତବିକ୍ଷତ, ମୋ ଉପରେ ଦେଖା ଯାଉଥିଲା ମାଟିଆରଙ୍ଗର ଦାଗ କେତେକ ଅଂଶରେ । ଦେଖାଯାଉଥିଲି ଅସୁନ୍ଦର। ତେଣୁ ମଣୀନ୍ଦ୍ର ତାର ବୁଦ୍ଧିମତ୍ତା ଖଟାଇ ମୋତେ ଏପରି ଭାବରେ ରଖିଲା ସଜାଇ ଯେ ମୋର କ୍ଷତଚିହ୍ନ କେହିହେଲେ ଦେଖି ପାରିବେ ନାହିଁ। କବି ଯେଉଁ କୋର୍ଟଟି ପିନ୍ଧୁଥିଲେ ତାହାକୁ ପୂର୍ଣ୍ଣ ଆକାରରେ ପ୍ରଦର୍ଶିତ କରାଗଲା। ଅଥଚ ମୋତେ ଦୁଇ ତିନି ଭାଙ୍ଗ ଚଉତି ଦେଇ ରଖିଦିଆ ଗଲା ସମସ୍ତଙ୍କ ଚକ୍ଷୁ ଆଢୁଆଳରେ। ସମସ୍ତେ ମୋତେ ଦେଖୁଥିଲେ। ଆଉ ବାସ୍ତବରେ କେହି ହେଲେ ମୋର ପୂର୍ଣାଙ୍ଗ ରୂପ ଦର୍ଶନ କରିପାରିଲେ ନାହିଁ। ମୋଅନ୍ତରର ଏହି ଦୁଃଖ ମୁଁ ଜଣାଇଛି ମଣୀନ୍ଦ୍ର ପାଖରେ। ସେ ସର୍ବଦା ଉତ୍ତର ଦିଏ ଯେ, ତୁମକୁ ପୂର୍ଣ୍ଣାଙ୍ଗ ଭାବରେ ସମ୍ପୂର୍ଣ୍ଣ ପ୍ରଦର୍ଶନ କରିବା ଭଳି ନାହିଁ ଯଥେଷ୍ଟ ସ୍ଥାନ। ସେ ସେଥିପାଇଁ ସ୍ୱପ୍ନ ଦେଖେ ଏକ ବିରାଟ ମ୍ୟୁଜିୟମର, ଯେଉଁଠି କବିଙ୍କ ସମସ୍ତ ଜିନିଷ ରହିପାରିବ ସୁସଜ୍ଜିତ। ଉପାୟହୀନ ହୋଇ ମୁଁ କେବଳ ବେଦନା ଅନୁଭବ କରୁଥାଏ ପ୍ରାଣ ଭିତରେ।

> ୧୯୨୪ ମସିହା ଏପ୍ରିଲ ୪ତାରିଖ, ଚୈତ୍ର ଅମାବାସ୍ୟା ତିଥିରେ କବି ଚିରଦିନ ପାଇଁ ବିଦାୟ ନିଅନ୍ତି ଏ ସଂସାରରୁ। ମୋ ଅନ୍ତରରୁ ଝରୁଥିଲା ଅଶ୍ରୁ ତାହା ଧ୍ୱନି କି ଦୃଶ୍ୟରେ ପ୍ରତିଫଳିତ ହେବା ସମ୍ଭବ ନଥିଲା । ମୁଁ କେବଳ ନିଃଶବ୍ଦରେ, ନୀରବରେ କରୁଥିଲି ଅଶ୍ରୁ ବିସର୍ଜନ । ସମଗ୍ର କବି ଭବନ ହୋଇଯାଇଥିଲା ଶୂନ୍ୟତାମୟ । ବରପାଲିରେ ସର୍ବତ୍ର ଶୋକର ଛାୟା । କେଉଁ ମହାରାଜା, ରାଜା କି ଜମିଦାର ପରଲୋକ ଗମନ କଲେବି, ଏପରି ଶୋକାଚ୍ଛନ୍ନ ପରିବେଶ ସୃଷ୍ଟି ହୁଏନାହିଁ।

ଆପଣମାନଙ୍କର ମନେଥିବ ଗୋଟିଏ କଥା ଯେ, ଗଙ୍ଗାଧର ତାଙ୍କ ଛାତ୍ରଜୀବନରେ ଖଣ୍ଡିଏ କୁର୍ତ୍ତା କରିବାର ସମ୍ବଳ ମଧ୍ୟ ନଥିଲା। ଏହା ନିଜ ଆତ୍ମଜୀବନୀରେ ସେ ଲେଖିଛନ୍ତି ଓ ତାଙ୍କ ପୁତ୍ର ଭଗବାନ ମେହେର ପିତୃପ୍ରସଙ୍ଗ ଗ୍ରନ୍ଥରେ ମଧ୍ୟ ତାହାର ଉଲ୍ଲେଖ କରିଛନ୍ତି। ଦିନେ ସ୍କୁଲକୁ ଇନିସପେକ୍ଟର ଆସିବାର ବାର୍ତ୍ତା ଆସି ପହଞ୍ଚେ। ଶିକ୍ଷକଙ୍କ ନିର୍ଦ୍ଦେଶ ଥିଲା ସବୁପିଲା ନିଶ୍ଚୟ କମିଜ ପିନ୍ଧି ପ୍ରବେଶ କରିବେ ସ୍କୁଲ ପରିସରକୁ। କବିଙ୍କ ପିତା ଚୈତନ୍ୟ ମେହେର ନିଜ ପୁଅ ପାଇଁ ଏକ କମିଜ ତିଆରି କରିବା ନିମନ୍ତେ ମଧ୍ୟ ସମର୍ଥ ନଥିଲେ। ତେବେ ପରିସ୍ଥିତିର ଆହ୍ୱାନ ଅନୁସାରେ ସେ ସାର୍ଟ ଖଣ୍ଡେ ତିଆରି କରିବାକୁ ଦେଲେ ଦରଜିକୁ। ମାତ୍ର ଯେଉଁଦିନ ଇନିସପେକ୍ଟର ଆସିବା ଥିଲା ନିର୍ଦ୍ଧାରିତ, ସେଦିନ ପର୍ଯ୍ୟନ୍ତ ଉକ୍ତ କମିଜର ସିଲେଇ କାମ ସମ୍ପୂର୍ଣ୍ଣ ହୋଇପାରିଲାନାହିଁ। ଗଙ୍ଗାଧର ଲେଖିଛନ୍ତି, ସେହି ଅଧା ସିଲେଇ ହୋଇଥିବା କୁର୍ତ୍ତା ପିନ୍ଧି ସେ ଯାଇଥିଲେ ସ୍କୁଲକୁ। ପରବର୍ତ୍ତୀ ସମୟରେ ନିଜେ କବି ତାକୁ ହାତରେ ସିଲାଇ କରି ଦେଇଥିଲେ। ପୂର୍ଣ୍ଣତାର କି ସ୍ୱତନ୍ତ୍ର ତୃପ୍ତି ଅନୁଭବ କରିଥିବ ସେଇ କମିଜ ଖଣ୍ଡିକ ସେଇ କଥାଭାବିଲେ ମୁଁ ରୋମାଂଚିତ ହୋଇଉଠେ। ଆହା !! କବି ଯଦି ସଶରୀରେ ଆଜିବି ଥାନ୍ତେ, ମୋର ଅବସ୍ଥା କଣ ଏପରି ଦୁର୍ଦ୍ଦଶାଗ୍ରସ୍ତ ହୋଇରହିଥାନ୍ତା ?



ମୁଁ କାହା ଉପରେ ଦୋଷ ଦେଉନାହିଁ। ମୋତେ ଯେ ସଂରକ୍ଷିତ କରି ରଖାଯାଇ ପାରିଛି ସେତିକିରେ ମୁଁ ଲାଭକରିଛି ଅପୂର୍ବ ଆନନ୍ଦ ଓ ସୁଗଭୀର ସମର୍ପଣର ଅନୁଭୂତି। ମାତ୍ର ଏକଥା ସତ୍ୟ ଯେ, ଯେଉଁ ସ୍କୁଲ ଛାତ୍ର ଗଙ୍ଗାଧର ନିଜ ଅଧା ସିଲାଇ ହୋଇଥିବା ସାର୍ଟଖଣ୍ଡିକୁ ସେଦିନ ହାତରେ ସିଲେଇ କରିଦେଇଥିଲେ ଅପୂର୍ବ ଶ୍ରଦ୍ଧାର ସହିତ, ସେ ଯଦି ଏବେ ଥାଆନ୍ତେ କେବେଠାରୁ ତାଙ୍କରି ହାତରେ ମୋର କ୍ଷତଚିହ୍ନ ଲିଭି ସାରିଥାନ୍ତା। କେବେଠୁଁ ମୋ ଉପରେ ଲାଗିଥିବା ଦାଗ ଲିଭି ସାରିଥାନ୍ତା। କବିଙ୍କ ଲୁଗା ସବୁ ଯେଉଁ ଧୋବା ସଫା କରିଦିଅନ୍ତି ସେତପରିବାରର ଅବିଚ୍ଛେଦ୍ୟ ଅଂଶ। ସେ ଦେଖିବା ମାତ୍ରକେ ଏହାକୁ ନେଇ ପରିଷ୍କାର କରି ଦେଇଥାନ୍ତେ। କବିଙ୍କ ପୁତ୍ରବଧୂ ପାର୍ବତୀ ଦେବୀ ମଧବଞ୍ଚି ରହିଥିଲେ ମୁଁ କେବେହେଲେ ଏପରି ଅବହେଳିତ ହୋଇ ରହିନଥାନ୍ତି। ଆଉ କାହାର ହାତରେ ରହିଛି ସେହି ଅନୁରାଗ ଓ ଶ୍ରଦ୍ଧା ଯିଏ ମୋତେ ଦେଇ ପାରିବ ସଂପୂର୍ଣ୍ଣ ସୁସ୍ଥତା ଓ ମୋତେ ପ୍ରଦର୍ଶିତ କରିପାରିବ ପୂର୍ଣ୍ଣାଙ୍ଗ ରୂପରେ ପରିଦର୍ଶକ ମାନଙ୍କ ଆଗରେ? ଯେଉଁ କୋର୍ଟ ଖଣ୍ଡିକ ଏତେ ଯତ୍ନର ସହିତ ସଜ୍ଜିତ ହୋଇ ରହିଛି ତାହା କଣ କବି ପ୍ରତିଦିନ ପିନ୍ଧୁଥିଲେ ? ଶୀତ ମାସରେ କିମ୍ବା କୌଣସି ସଭାସମିତିରେ ଯୋଗ ଦେବାପାଇଁ ଯାଉଥିଲେ ଯେତେବେଳେ ସୁଦୂର କଟକ ବା ବାଲେଶ୍ୱର ସେତେବେଳେ ହିଁ ଏହି କୋର୍ଟ ଖଣ୍ଡିକ ବ୍ୟବହାର କରୁଥିଲେ । ମୋର ଯେଉଁ କ୍ଷୋଭ ରହିଛି ତାହାକୁ ପ୍ରକଟ କରି ଦେଉଛି ବୋଲି କୋର୍ଟ ଖଣ୍ଡିକ ପ୍ରତି ମୋର ଶ୍ରଦ୍ଧାନାହିଁ ଏକଥା କେହି ଯେପରି ନ ଭାବନ୍ତି। ଯେଉଁ ଚିତ୍ରଶିଳ୍ପୀମାନେ ଗଙ୍ଗାଧରଙ୍କୁ ଚିତ୍ରିତ କଲେ ତାଙ୍କ ତୂଳୀ ଓ ରଙ୍ଗ ସାହାଯ୍ୟରେ ସେମାନେ ସମସ୍ତେ ଗଙ୍ଗାଧରଙ୍କୁ ସୌନ୍ଦର୍ଯ୍ୟମୟ କରିବାପାଇଁ ପିନ୍ଧାଇ ଦେଇଛନ୍ତି କୋର୍ଟ। ଏପରିକି ସେହି କୋର୍ଟଟି ଯେତିକି ମୂଲ୍ୟବାନ ନୁହେଁ ତାଠାରୁ ଅଧିକ ଆକର୍ଷଣୀୟ କରି କୋର୍ଟଟିର ପ୍ରକୃତ ରଙ୍ଗକୁ ବି ବଦଳାଇ ଦେଇଛନ୍ତି। ଏ ରୂପରେ ଗଙ୍ଗାଧର ବାସ୍ତବିକ ଦେଖାଯାଆନ୍ତି ଅପୂର୍ବ। ଚିତ୍ରଶିଳ୍ପୀ ମାନଙ୍କ ଏହି କଳାତ୍ମକ ଅଭିରୁଚିକୁ ମୁଁ ସମ୍ମାନ ନଜଣାଇ ରହିପାରୁନାହିଁ। କବି ମଧ୍ୟ ଯେତେଥର ନିଜର ଫଟୋଗ୍ରାଫ ଉତ୍ତୋଳନ କରିଛନ୍ତି ସେଇ କୋର୍ଟଟିକୁ ପରିଧାନ କରିଛନ୍ତି। ମନେମନେ କବିଙ୍କୁ ମଧ୍ୟ ପଚାରେ ମୁଁ, ହେ ମୋର ଭାଗ୍ୟବିଧାତା ଆପଣ ଥରୁଟିଏ ହେଲେ ଧଳା କମିଜ ଖଣ୍ଡିକ ପିନ୍ଧି ଫୋଟୋ ଉଠାଇଥାନ୍ତେ!! ମୋତେ ପ୍ରତିଦିନ ପରିଧାନ କରୁଥିବା ସତ୍ତ୍ୱେ ଆପଣଙ୍କ ପରି ସମ୍ବେଦନଶୀଳ ଆତ୍ମା କିପରି ମୋତେ ଆପଣଙ୍କ ବାତ୍ସଲ୍ୟ ସ୍ନେହରୁ ବଂଚିତ କରି ରଖିଲେ? ଭାବିଲେ ମୋତେ ପ୍ରକୃତରେ କାନ୍ଦମାଡ଼େ। ମୋରତ କଥା କହିବାର ଶକ୍ତି ନାହିଁ ମଣିଷ ମାନଙ୍କ ପରି। କିପରି କରିଥାନ୍ତି ଅଳି ଆପଣଙ୍କ ନିକଟରେ। ଆପଣ ପ୍ରକୃତି କବି ଭାବରେ ବିଖ୍ୟାତ। ଗଛଲତା, ବଣ ପାହାଡ଼, ନଦୀ ନିର୍ଝର, ହସ୍ତୀ ହେଉକି ସାମାନ୍ୟ ପକ୍ଷୀ, ସମସ୍ତଙ୍କ ହୃଦୟର ବାର୍ତ୍ତା, ବ୍ୟଥା, ବକ୍ତବ୍ୟ ଶୁଣିପାରୁଥିଲେ ଆପଣ । ଆଉ ମୋତେଥରେ ପିନ୍ଧି ଫୋଟଟିଏ ନେଲେନାହିଁ କାହିଁକି? ଫୋଟୋ ନେଲେନାହିଁ ବୋଲି ଯେ ମୋ ପ୍ରତି ଆପଣ ସ୍ନେହଶୀଳ ନଥିଲେ, ଏକଥା କହିପାରିବି କିପରି? ପ୍ରତିଦିନତ ଆପଣଙ୍କ ସ୍ନେହ-ସ୍ପର୍ଶରେ ମୁଁ ପୁଲକିତ ହୋଇଛି। ଆପଣଙ୍କ ଅନୁପସ୍ଥିତିରେ ଆପଣଙ୍କୁ ଆଚ୍ଛାଦିତ କରି ରଖିଥିବାର ଫୋଟଟିଏ ଦେଖିଥିଲେ ମୋ ଆତ୍ମାରେ ସରିଯାଉଥାନ୍ତା ଅମୃତମୟ ଆପଣଙ୍କ ସ୍ନେହନୁରାଗ।

ସେଥିପାଇଁ ଚିତ୍ରଶିଳ୍ପୀମାନେ ଆପଣ ଧଳା କମିଜ ପିନ୍ଧିଥିବା ଅତି ସୁନ୍ଦର ଚିତ୍ରାଙ୍କନ ଯେ କରାଯାଇପାରେ ତାହା ଏପର୍ଯ୍ୟନ୍ତ ଭାବି ପାରିନାହାନ୍ତି। ମଣୀନ୍ଦ୍ର ମ୍ୟୁଜିୟମ ଭିତରେ ମୋତେ ଯେମିତି ଲୁଚାଇ ରଖିଛି ଚିତ୍ରଶିଳ୍ପୀମାନେ ସେହିପରି କବିଙ୍କ କୋର୍ଟ ଭିତରେ ପିନ୍ଧିଥିବା ଧଳାକମିଜର କିୟଦଂଶକୁ ମାତ୍ର ପ୍ରଦର୍ଶନ କରି ଦେଇପାରିଛନ୍ତି। ଗଙ୍ଗାଧରଙ୍କ ଧଳାକମିଜ ପରିହିତ ଏକ ଚିତ୍ର ପ୍ରସ୍ତୁତ କରିବାପାଇଁ ଚିତ୍ରଶିଳ୍ପୀମାନେ ଆଗେଇ ଆସିଲେ ସ୍ୱଭାବ କବିଙ୍କ ସ୍ୱାଭାବିକ ରୂପାୟନ ହୋଇପାରନ୍ତା ଅତି ଚିତ୍ତାକାର୍ଷକ ଭାବରେ। କୋର୍ଟ ପରିଧାନ କରିଥିବା ଗଙ୍ଗାଧର ଯେପରି ସୁନ୍ଦର, କମିଜ ପରିହିତ ଗଙ୍ଗାଧର ମଧ୍ୟ ଦେଖାଯିବେ କିଭଳି ଜ୍ୟୋତିର୍ମୟ ତାହା ଓଡ଼ିଶାବାସୀ ଦେଖିବାର ସୁଯୋଗ ଲାଭ କରନ୍ତେ। ଏଥିରେ ମୋର ଗୌରବ ନୁହେଁ, ଗଙ୍ଗାଧରଙ୍କ ଗୌରବୋଜ୍ୱଳ ବ୍ୟକ୍ତିତ୍ୱର ମହାନତା ଅନୁଭବ କରିପାରିବେ ସମସ୍ତେ।

♥ ଭିଜିଟିଂ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୮ ଅଗଷ୍ଟ ୨୦୨୪



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

ଚେତନାର ଦର୍ପଣ - ୩୮

# ପରୋପକାର



♥ ଲଳିତ ମୋହନ ମିଶ୍ର

ଯେଉଁ କାର୍ଯ୍ୟ ଦ୍ୱାରା ନିଜର ତଥା ଅନ୍ୟମାନଙ୍କର କ୍ଷତି ହୁଏ ତାହା ପାପ, ଏବଂ ଯେଉଁ କାର୍ଯ୍ୟ ଦ୍ୱାରା ସମସ୍ତଙ୍କର ଲାଭଦାୟକ ତାହା ପୁଣ୍ୟ । ଯଦି ଅନ୍ୟମାନଙ୍କ ପାଇଁ ଭଲ ନୁହେଁ , ତେବେ ନିଜ ପାଇଁ ମଧ୍ୟ କୌଣସି ଭଲ ହେବ ନାହିଁ । ଯାହା ଅନ୍ୟକୁ ଭଲ ଫଳ ଦେବ ତାହା ନିଜକୁ କ୍ଷତି ପହଞ୍ଚାଇବ ନାହିଁ । ପ୍ରତ୍ୟେକ ମନୁଷ୍ୟ ଏହି ନୀତିକୁ ଜୀବନରେ ଗ୍ରହଣ କରିବା ଉଚିତ୍ । ଆମ ଭଲ କର୍ମର ଫଳ ହେଉଛି ପୁଣ୍ୟ, ଯେଉଁ କାରଣରୁ ଆମେ ସୁଖ ଅନୁଭବ କରିଥାଉ । ଖରାପ କର୍ମର ଫଳ ପାପ, ଯାହା ଆମକୁ ଦୁଃଖର କାରଣ ହୋଇଥାଏ । ଅଜାଣତରେ ଆମେ ବେଳେବେଳେ ଭୁଲ କରିଥାଉ ଏବଂ ସେଥିପାଇଁ କ୍ଷମା ପ୍ରାର୍ଥନା କରିଥାଉ । କିନ୍ତୁ ଖରାପ କାମ କରିବା ପାପ । କର୍ମର ନୀତି ହେଉଛି ପ୍ରତ୍ୟେକ ସକାରାତ୍ମକ କାର୍ଯ୍ୟ ପୁଣ୍ୟ ଏବଂ ନକାରାତ୍ମକ କାର୍ଯ୍ୟ ପାପ । ସେହି ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହାର ପରିଣାମ ଭୋଗ କରିବାକୁ ପଡ଼ିଥାଏ। ପାଦରୁ କଣ୍ଟାକୁ କଣ୍ଟା ମାଧ୍ୟମରେ ହିଁ ବାହାର କରାଯାଇଥାଏ । ଉଭୟଙ୍କ ମଧ୍ୟରେ ପାର୍ଥକ୍ୟ ହେଉଛି ଗୋଟିଏ କଣ୍ଟା ଯନ୍ତ୍ରଣା ଦେଇଥାଏ ଏବଂ ଅନ୍ୟଟି କଣ୍ଟାଟି ସେହି ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ମନୁଷ୍ୟର କାର୍ଯ୍ୟ ମଧ୍ୟ ଠିକ୍ ସେହି କଣ୍ଟା ଭଳି । ଆପଣ ଅନ୍ୟକୁ ଯନ୍ତ୍ରଣା ଦେଇ କାର୍ଯ୍ୟ କରିବେ ନା, ଆରାମ ଦେଇ କାର୍ଯ୍ୟ କରିବେ... ତାହା ଆପଣ ହିଁ ସ୍ଥିର କରିବେ । ଯଦି ଆମ କଥା ଓ କାମରେ କିଏ ସନ୍ତୁଷ୍ଟ ତେବେ ଆମେ କୌଣସି ନା କୌଣସି ଉପାୟରେ ଏହାର ଫଳ ପାଇଥାଉ। ଠିକ୍ ସେହିପରି ଯଦି ଆମ କାରଣରୁ କାହାର କ୍ଷତି ହୁଏ, ତା'ର ଦଣ୍ଡ ଆମକୁ ଭୋଗ କରିବାକୁ ପଡିଥାଏ। ଜଣେ ଧନୀ ବ୍ୟକ୍ତି ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ମନ୍ଦିରରେ ଘିଅ ଦୀପ ଜଳାଉଥାଏ । ଜଣେ ଗରିବ ବ୍ୟକ୍ତି ପ୍ରତିଦିନ ସନ୍ଧ୍ୟାରେ ତେଲ ଦୀପ ଜଳାଇ ଅନ୍ଧାର ରାସ୍ତାରେ ରଖୁଥାଏ । ଉଭୟଙ୍କ ଦ୍ୱାରା କର୍ମ ସମାନ ହେଲେ ମଧ୍ୟ, ଉଭୟଙ୍କ ଚିନ୍ତନ ଆକାଶ ପାତାଳର ଫରକ । ମନ୍ଦିରରେ ଦୀପ ଜଳୁଥିଲା ସତ କିନ୍ତୁ ଧନୀ ବ୍ୟକ୍ତିଙ୍କ କର୍ମରୁ କେହି ଉପକୃତ ହେଉ ନଥିଲେ । ଗରିବ ଲୋକଟି ଅନ୍ଧାର ରାସ୍ତାରେ ଦୀପ ରଖି ଅନେକଙ୍କୁ ଉପକୃତ କରୁଥିଲା । ପଥଚାରୀମାନେ ଗରିବ ଲୋକଟି ପାଇଁ ପ୍ରାର୍ଥନା କରିଥିବେ । ଅର୍ଥାତ୍ ଗରିବ ମନୁଷ୍ୟର କର୍ମ... ଏକ ଲକ୍ଷ୍ୟ ସହ ଜଡ଼ିତ । ମନୁଷ୍ୟ କର୍ମର ମହତ୍ତ୍ୱ ତା'ର ଉପଯୋଗିତାରେ ରହିଛି। ଭକ୍ତି, ନିଷ୍ଠା ଓ ଲକ୍ଷ୍ୟ ପାଇଁ କରାଯାଇଥିବା କାର୍ଯ୍ୟ ଶ୍ରେଷ୍ଠତା ଆଣିଥାଏ ଏବଂ ମନସା କାର୍ଯ୍ୟ ହେଉଛି ଭଗବାନଙ୍କ ଆରାଧନା । ଜୀବନରେ ସବୁଠାରୁ ବଡ଼ ପାପ ହେଉଛି ଅନ୍ୟକୁ ଆଘାତ ଦେବା ଏବଂ ପୁଣ୍ୟ ହେଉଛି ପରୋପକାର ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ପିତା ମାତାଙ୍କ ସ୍ଥାନ ବୃଦ୍ଧାଶ୍ରମରେ ନୁହେଁ

ରବିନାରାୟଣ ପଟ୍ଟନାୟକ

ଚାକିରି ଜୀବନ ଯେତେବେଳେ ଯାଏଁ ଥାଏ ଜଣେ ବିଭିନ୍ନ ଲୋକଙ୍କ ସହିତ କଥାବାର୍ତ୍ତା କରେ ଯାହା ଫଳରେ କି ନିଜ ମନ କଥା ବଣ୍ଟି ପାରିଥାଏ ପରେ କିନ୍ତୁ ସେଇ ମଣିଷ ଯେତେବେଳେ ବୟସର ଶେଷ ସମୟରେ ପହଞ୍ଚେ ସେଇ ସମୟରେ ନିଜେ ନିଜର ଦୁଃଖ ମନ ଭିତରେ ରଖିବା ଛଡ଼ା ଆଉ କିଛି ଉପାୟ ନାହିଁ । ବର୍ତ୍ତମାନ ସମୟରେ ସବୁଠୁ ମହତ୍ତ୍ୱପୂର୍ଣ୍ଣ ଜିନିଷ ଯଦି ମଣିଷ ଜୀବନରେ ଥାଏ ତା ହେଲେ ସେଇଟା ସମୟ । ଆଜି ଦିନରେ କାହା ପାଖରେ ସମୟ ନାହିଁ । କିନ୍ତୁ ସବୁଠୁ କଷ୍ଟ ସେତେବେଳେ ଲାଗେ ଯେତେବେଳେ ଜଣଙ୍କର ବୃଦ୍ଧ ବାପା ମାଆଙ୍କ ପାଇଁ ମଧ୍ୟ ସମୟ ଦେବାକୁ ମଧ୍ୟ ସମୟର ଅଭାବ ଥାଏ । ଜଣେ ପିତା ମାତା ତାଙ୍କ ଜୀବନ ସାରା ବହୁତ୍ ପରିଶ୍ରମ କରିଥାନ୍ତି ଏହି ଆଶା ନେଇକି କି ଶେଷ ସମୟରେ ତାଙ୍କ ପିଲାମାନେ ତାଙ୍କ ପାଖରେ ରହିବେ ତାଙ୍କ ସହିତ ଟିକେ ସୁଖ ଦୁଃଖ ଭଲରେ କଥା ହେବେ କିନ୍ତୁ ତାଙ୍କର ଏହି ଆଶା ଆଶାରେ ହିଁ ରହିଯାଉଛି । ଯେତେବେଳେ ପିଲାମାନେ ଏହାକୁ ଅନୁଭବ କରୁଛନ୍ତି ସେତେବେଳକୁ ବହୁତ୍ ଡେରି ହେଇଯାଉଛି ଯାହା ଫଳରେ କି ସେମାନେ ଫଟୋ ଭିତରୁ ନିଜ ବାପା ମା'ଙ୍କୁ ଖୋଜୁଛନ୍ତି ଯାହାରକି ଆଉ କିଛି ମୂଲ୍ୟ ନଥାଏ ।

ଆଜିର ସମାଜ ଏକ ପ୍ରତିଯୋଗିତା ଭିତରେ ଧାଇଁଛି । କାହା ପାଇଁ ଆଜି କାହାର ସମୟ ନାହିଁ। ବୃଦ୍ଧ ବାପା ମା ଚାହିଁଥିବେ କାମରୁ ଆସିଲା ପରେ ମୋ ସହିତ କିପରି ମୋ ପିଲାମାନେ ଟିକେ ସୁଖ ଦୁଃଖ ହେବେ । କିନ୍ତୁ ପିଲାମାନେ ବିଭିନ୍ନ ପ୍ରକାର ବାହାନା କରି ତାଙ୍କୁ ଅଣଦେଖା କରୁଛନ୍ତି । ଯେତେବେଳେ ବାପା ମା କିଛି କଥା କହୁଛନ୍ତି, 'ତମେ ଦୁନିଆଁ ବିଷୟରେ କିଛି ଜାଣିନ' ଏହି ଉତ୍ତର ଦେଉଛନ୍ତି ପିଲାମାନେ । ଭାବୁନାହାନ୍ତି ସେମାନେ ବି ଦିନେ ଏହି ଦିନ ଦେଇକି ଗତି କରିବେ । ବାପା ମାଙ୍କ ଭଲ ପାଇବା ବିନା ସର୍ତ୍ତ ଓ ବିନା ସ୍ୱାର୍ଥରେ ଥାଏ ପିଲା ମାନଙ୍କ ପ୍ରତି, ଏହା ବୁଝିବାକୁ ଯେମିତି କେହି ପ୍ରସ୍ତୁତ ନୁହନ୍ତି । ଆଜି ସମୟରେ ଜଣେ ବୃଦ୍ଧ ମଣିଷ ନିଜ ଭାବନା କାହା ସହିତ ବାଣ୍ଟି ମଧ୍ୟ ପାରୁନାହାନ୍ତି । ନିଜ ଭାବନାକୁ ନିଜ ଅନ୍ତର ମଧ୍ୟରେ ରଖୁଛନ୍ତି । ଏହା ତାଙ୍କୁ ବହୁତ ଭାବରେ ମାନସିକ ଚାପ ଦଉଛି ।

ବାପା ମାଆଙ୍କୁ ଯେତେ ହେଇପାରିବ ସେତେ ଭଲ ପାଇବା ଦେବା ଉଚିତ୍ । କାରଣ ଯେଉଁ ସମୟରେ ଜଣେ ପିଲା ବଡ଼ ହୁଏ ସେଇ ସମୟରେ ବାପା ମା ବୁଢା ହୁଅନ୍ତି ଏଇଟା ସମସ୍ତେ ମନେ ରଖିବା ଉଚିତ୍ ବହୁତ୍ କ୍ଷେତ୍ରରେ ଏମିତି ଦେଖା ହେଉଛି ବୃଦ୍ଧ ପିତା ମାତାଙ୍କୁ ବୃଦ୍ଧାଶ୍ରମରେ ଛାଡି ଦେଇଆସୁଛନ୍ତି । ଯୋଉମାନେ ନିଜ ପିଲାଙ୍କୁ ପାଠ ପଢେଇ ମଣିଷ କରୁଛନ୍ତି ସେମାନେ ପର ହେଇକି ବୃଦ୍ଧାଶ୍ରମରେ ଶେଷ ଜୀବନ କାଟୁଛନ୍ତି । ସେତେବେଳେ ବାପା ମା' ନୁହନ୍ତି ଅନ୍ୟମାନେ ତାଙ୍କର ନିଜର ହେଉଛନ୍ତି । ବାପା ମା'ଙ୍କୁ ଛାଡିକି ଆସିକି ବାହାରେ ଗର୍ବର ସହ କହୁଛନ୍ତି ଆମ ପାଖରେ ସମୟ ନାହିଁ ସେଇଠି ସେମାନେ ଖୁସିରେ ରୁହନ୍ତୁ । ଭୁଲି ଯାଉଛନ୍ତି ସେ ମଧ୍ୟ ଆଗକୁ ବୃଦ୍ଧ ହେବେ ବୋଲି ।

ଜଣେ ବୃଦ୍ଧ ବାପା ଗୋଟେ ବୃଦ୍ଧାଶ୍ରମରେ ରହୁଥିଲେ । ତାଙ୍କ ଜୀବନର ଶେଷ ଦିନରେ ସେ ଚାହିଁଲେ ତାଙ୍କ ନାତିକୁ ଦେଖା କରିବାକୁ । ଅନିଚ୍ଛା ସତ୍ତ୍ୱେ ପୁଅ ଓ ନାତି ସେଇ ବୃଦ୍ଧାଶ୍ରମକୁ ଆସିଲେ ଦେଖା କରିବାକୁ । ଯେତେବେଳ ନାତି ଜେଜେ ବାପାଙ୍କ ପାଖରେ ବସିଲା ନାତିକୁ ଧରିକି ଜେଜେବାପା କାନ୍ଦି କାନ୍ଦି କହିଲେ ତୁ ଯେତେବେଳେ ତୋ ବାପାକୁ ଏଇଠିକୁ ପଠେଇବୁ ଗୋଟେ ପଙ୍ଖା ଦେଇକି ପଠେଇବୁ କାରଣ ମୁଁ ଏଠି ବିନା ପଙ୍ଖାରେ ମୋ ଜୀବନର ଶେଷ ସମୟ ଭାରି କଷ୍ଟରେ କାଟିଛି । ଛୋଟ ଜିନିଷ ବୁଝିବାକୁ ପଡ଼ିବ ଆଜି ନିଜ ବାପା ମାଆଙ୍କ ପାଇଁ ପିଲାମାନେ ଯାହା କରିଥିବେ ଭବିଷ୍ୟତରେ ସେଇଟା ପାଇବାକୁ ପ୍ରସ୍ତୁତ ହେଇକି ରହିବା ଉଚିତ୍ ।

♥ ପଟିଆ, ଭୁବନେଶ୍ୱର
ମୋ: ୯୯୩୮୧୧୩୨୨୬

## ଦାନ ...

ମାଷ୍ଟ୍ର ଆପଣା ଗୁରୁଦକ୍ଷିଣା ପରି କାମରେ ଆସୁଥିଲା। ଦେବ ପୂଜାରେ ପ୍ରସାଦ ବଣ୍ଟନ ଏମିତି ବହୁ ସ୍ଥାନରେ ଏବେ ରହିଛି। ସତ୍ୟନାରାୟଣ ପୂଜାରେ ଭୋଗ ପ୍ରସାଦ ଶିରିଣି ଅଟା କଦଳୀ ଚକଟା ଶ୍ରୋତାଙ୍କୁ ପୂଜା ଶେଷରେ ବଣ୍ଟନ ହୁଏ ଓ ଘରଛନ୍ଦା ଦିଆଯାଏ। ବିବାହ, ବ୍ରତ, ପୁତ୍ରର ଏକୋଇଶା, ଗୃହ ପ୍ରବେଶ, ଅଷ୍ଟପ୍ରହର ଆଦି ନାମ କାର୍ଯ୍ୟରେ ଲୋକଙ୍କୁ ଦିଆଯାଉଛି। କାହାରି ମୃତାହରେ ପଣଶ, ବ୍ରାହ୍ମଣ ଭୋଜନ, ପ୍ରୀତି ଭୋଜନ ବନ୍ଧୁ ପରିଜନ କୁଟୁମ୍ବଜନଙ୍କୁ ଭୋଜନ ସହିତ କିଛି ଗରିବ ଲୋକଙ୍କୁ ଭୋଜନ ଦିଆଯାଏ। ଗୃହସ୍ଥ ଘରେ ଶ୍ରାଦ୍ଧ ବିବାହ ବ୍ରତ ପିଲାଜନ୍ମ, ମରାଘର ଭୋଜନରେ ଧୋବା, ଭଣ୍ଡାରୀ, ଶଙ୍ଖୁଆ ଆଦିଙ୍କୁ ରୋଷଶାଳାର ଅନ୍ନବ୍ୟଞ୍ଜନ ସ୍ୱତନ୍ତ୍ର ଭାବରେ ପ୍ରଦାନ କରାଯାଏ। ଏମିତି ଆମର ଶ୍ରୀକ୍ଷେତ୍ରରେ ମହାପ୍ରସାଦ ନିଜେ ଭୋଜନ ସହିତ କିଛି ଅଭ୍ୟାଗତ ବିପ୍ରଭୋଜନ ଅନେକ କରାନ୍ତି। ପ୍ରିୟଜନ ଦେଖାହେଲେ ତାଙ୍କୁ ମଧ୍ୟ ମହାପ୍ରସାଦ ସେବନରେ ଭାଗୀ କରାଯାଏ। ଏସବୁ ଦାନ କଲେ ମନରେ ନିଶ୍ଚେ ଶାନ୍ତି ଆସେ ସ୍ୱାତ୍ତ୍ୱିକ ପ୍ରବୃତ୍ତି ଜାଗ୍ରତ ହୁଏ। ଏହାଦ୍ୱାରା ଅନେକ ପ୍ରକାର ଭାବନା ପ୍ରଶମିତ ହୁଏ। ଦୈବୀକୃପା ମିଳିଥାଏ। କେବଳ ଆମ ଧର୍ମ ନୁହେଁ ସବୁ ଧର୍ମରେ ଏପରି ବ୍ୟବସ୍ଥା ଅଛି। ଗୁରୁଦ୍ୱାରରେ ଏପରି ବ୍ୟବସ୍ଥା ଅଛି। ଅମୃତସର ଶିଖ ମନ୍ଦିରରେ ବଡ଼ ଭଣ୍ଡାରା ଲଙ୍ଗର ହେଉଛି। ଇସଲାମ ଧର୍ମରେ ଦିକାତ ଅଛି। ଏସବୁ ସେହି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଦାନ। 'ଦାନ' ଉପରେ ପ୍ରାଧାନ୍ୟ ମସିଗଲେ ବି ଏହା ବିଲୁପ୍ତ ନୁହଁ।

♥ ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
(ମୋ) ୯୪୩୭୦୩୧୨୫୩

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

(୩୭)
କଲେଜ ଜୀବନ

୧୯୭୨ ମସିହାରେ ତତ୍କାଳୀନ ପରିଚାଳନା ସମିତି ଜଳେଶ୍ୱର ନୂଆବଜାରଠାରେ +୨ ବିଜ୍ଞାନ ଓ +୨ କମର୍ସ ଶ୍ରେଣୀ ଖୋଲିବାର ସିଦ୍ଧାନ୍ତ ନେଲେ । ବୋଧହୁଏ ଉଦ୍ଦେଶ୍ୟ ଥଲା ପ୍ର.ସାହୁଙ୍କୁ ସେଠାରେ ଭାଇସ୍ ପ୍ରିନସିପାଲରୂପେ ଅବସ୍ଥାପିତକରି ପ୍ର. ଭଞ୍ଜ ଓ ପ୍ର.ସାହୁଙ୍କ ମଧ୍ୟରେ ଅଧ୍ୟକ୍ଷ ପଦନେଇ ଲାଗିରହିଥିବା ବିବାଦର ସମାଧାନ କରିବା। ଯାହେଉ, ସିଦ୍ଧାନ୍ତ ଅନୁଯାୟୀ ନୂଆବଜାର ପୂର୍ବକୁ ଓ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଦକ୍ଷିଣରେ ବଦାନ୍ୟ ବ୍ୟକ୍ତିମାନଙ୍କଠୁଁ ଦାନ ସୂତ୍ରରେ ଓ କେତେଜଣଙ୍କଠୁ ଜମି କ୍ରୟକରି ସେଠାରେ ଅଫିସ, ଶ୍ରେଣୀଗୃହ ଓ ନିର୍ମାଣ ସାମଗ୍ରୀ ମହଜୁଦକରି ରଖିବାପାଇଁ ଷ୍ଟୋର ରୁମ ନିର୍ମାଣ କଲେ।

ଅର୍ଥନୀତି ବିଭାଗରେ କାମର ଚାପ କମିଲାନି, ବରଂ ବଢ଼ିଲା ।

ସେଇ ୧୯୭୧ ମସିହାରେ ଅର୍ଥନୀତି, ଓଡିଆ, ରାଜନୀତି ବଜ୍ଞାନ ଓ ଇତିହାସ ବିଭାଗରେ ଅନର୍ସ ଶ୍ରେଣୀ ଖୋଲିଲା। ଅଧ୍ୟାପକଙ୍କ ଅଭାବ ସହିତ ସମସ୍ତଙ୍କ ନିମନ୍ତେ ଶ୍ରେଣୀଗୃହର ଅଭାବ ବିରାଟ ପ୍ରତିବନ୍ଧକ ହୋଇ ଛିଡାହେଲା । ତେଣୁ , ଅଧ୍ୟକ୍ଷ ଡ.ଭଞ୍ଜ ଅଧ୍ୟାପକମାନଙ୍କ ସହିତ ଆଲୋଚନାକରି ସକାଳ ୮ଟାରୁ ପଢାପଢି ଆରମ୍ଭ କଲେ ।

ମୁଁ ଅଧିକାଂଶ ଦିନ ଭାତ ଖାଇ ପାରେନା। ଗାଆଁରୁ ଆସିବାଦିନ ଭୋର ୬ଟାରୁ ବହାରିବାକୁ ପଡେ । କାରଣ, ସାଇକେଲରେ ଘରୁ ଆସି ସୁବର୍ଣ୍ଣରେଖା ନଦୀ ନୌକାରେ ପାରି ହୋଇ କଲେଜରେ ଘ୭ଟା ୪୫ମି.ରେ ପହଞ୍ଚିବା ଅତି କଷ୍ଟକର ବ୍ୟାପାର ଥିଲା ।

ଘରୁ ଆଣିଥିବା ଜଳଖିଆରେ ଚଳାଇଦିଏ । (ସେତେବେଳେ କଲେଜ କ୍ୟାଣ୍ଟିନ ବା କଲେଜ ଆଖ ପାଖରେ ହୋଟେଲ ନ ଥାଏ ।)

ଅର୍ଥନୀତି ବିଭାଗର ଅସୁବିଧା ସଂପର୍କରେ ପୂର୍ବରୁ ଆଲୋଚନା କରିଛି । ଆମେ ମାତ୍ର ଦୁଇଜଣ ଅଧ୍ୟାପକ, -ପ୍ର. ସାହୁ ଓ ମୁଁ। ଅନର୍ସ ଖୋଲିଥିବା ଅନ୍ୟ ୩ଟି ବିଭାଗରେ ବି ସେଇ ସମସ୍ୟା ଦେଖାଦେଲା। ପରିଚାଳନା ସମିତିକୁ ଅବଗତ କରାଇଲୁ ଆମ ସମସ୍ୟା। ପରିଚାଳନା ସମିତି ନିର୍ଦ୍ଧାରିତ ପଦ୍ଧତି ଅବଲମ୍ବନକରି ଆମ ବିଭାଗରେ ଶ୍ରୀ ପ୍ରଫୁଲ୍ଲ କୁମାର ପାଠୀ, ରାଜନୀତି ବିଜ୍ଞାନରେ ଶ୍ରୀ ବିକ୍ରମ କେଶରୀ ମହାନ୍ତି, ଇତିହାସରେ ଶ୍ରୀ କମଲେଶ କର ଏବଂ ଓଡିଆରେ ଶ୍ରୀ ଗୌରୀଶଙ୍କର ଜେନାଙ୍କୁ ୧୯୭୨ ମସିହାର ଆଦ୍ୟଭାଗରେ ଅଧ୍ୟାପକ ଭାବରେ ନିଯୁକ୍ତି ଦେଲେ ।

୧୯୭୨ ମସିହାରେ ତତ୍କାଳୀନ ପରିଚାଳନା ସମିତି ଜଳେଶ୍ୱର ନୂଆବଜାରଠାରେ +୨ ବିଜ୍ଞାନ ଓ +୨ କମର୍ସ ଶ୍ରେଣୀ ଖୋଲିବାର ସିଦ୍ଧାନ୍ତ ନେଲେ । ବୋଧହୁଏ ଉଦ୍ଦେଶ୍ୟ ଥଲା ପ୍ର.ସାହୁଙ୍କୁ ସେଠାରେ ଭାଇସ୍ ପ୍ରିନସିପାଲରୂପେ ଅବସ୍ଥାପିତକରି ପ୍ର. ଭଞ୍ଜ ଓ ପ୍ର.ସାହୁଙ୍କ ମଧ୍ୟରେ ଅଧ୍ୟକ୍ଷ ପଦନେଇ ଲାଗିରହିଥିବା ବିବାଦର ସମାଧାନ କରିବା । ଯାହେଉ, ସିଦ୍ଧାନ୍ତ ଅନୁଯାୟୀ ନୂଆବଜାର ପୂର୍ବକୁ ଓ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଦକ୍ଷିଣରେ ବଦାନ୍ୟ ବ୍ୟକ୍ତିମାନଙ୍କଠୁଁ ଦାନ ସୂତ୍ରରେ ଓ କେତେଜଣଙ୍କଠୁ ଜମି କ୍ରୟକରି ସେଠାରେ ଅଫିସ, ଶ୍ରେଣୀଗୃହ ଓ ନିର୍ମାଣ ସାମଗ୍ରୀ ମହଜୁଦକରି ରଖିବାପାଇଁ ଷ୍ଟୋର ରୁମ ନିର୍ମାଣ କଲେ । ଛାତ୍ରଛାତ୍ରୀ ଭର୍ତ୍ତିହେଲେ ଓ ଅଧ୍ୟାପକ ନିଯୁକ୍ତି ପାଇଲେ ଏବଂ ବିଜ୍ଞାନାଗାର ଉପକରଣମାନ କ୍ରୟ କରାଗଲା । ଯଥାବିଧି ଶିକ୍ଷାଦାନ ଆରମ୍ଭ ହେଲା ।

ତାହାରି ପରେ ଆରମ୍ଭହେଲା ବିରାଟ ସମସ୍ୟା । ଗୁଜବ ପ୍ରଚାରିତ ହେଲାଯେ ପରିଚାଳନା ସମିତି ଓ ପ୍ର.ଚିତ୍ତ ସାହୁ ଉତ୍ତର ବାଲେଶ୍ୱର କଲେଜକୁ ଧାନସିମୁଳିଆରୁ ଜଳେଶ୍ୱରକୁ ଉଠାଇ ନେବା ନିମନ୍ତେ ଚକ୍ରାନ୍ତ କରୁଛନ୍ତି ।

ତାପରର ଘଟଣାକ୍ରମ ଯେମିତି ଅବର୍ଣ୍ଣନୀୟ, ସେମିତି ଦୁଃଖ ଦାୟକ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ସମ୍ପର୍କର ପର୍ବ ରାକ୍ଷୀ ପୂର୍ଣ୍ଣିମା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ରାକ୍ଷୀ ପୂର୍ଣ୍ଣିମ ବା ଗହ୍ମା ପୂର୍ଣ୍ଣିମା ମୁଖ୍ୟତଃ ଏକ ହିନ୍ଦୁ ପର୍ବ ଯାହା ଭାରତରେ ଓ ଭାରତବାସୀଙ୍କ ଦ୍ୱାରା ପାଳନ କରାଯାଏ। ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ଼ କରିଥାଏ। ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ ତାର ଭଉଣୀକୁ ରକ୍ଷା କରିବାର ସଙ୍କଳ୍ପ ନେଇଥାଏ। ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ। ଏହି ଦିନ ଝୁଲଣ ଯାତ୍ରା ଶେଷ ହୋଇଥାଏ । ତେଣୁ ଏହାକୁ ଝୁଲଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଶ୍ରାବଣ ମାସ ଶେଷରେ ହଳଧର ବଳରାମଙ୍କ ଜନ୍ମୋତ୍ସବ ପାଳନ ଅବସରରେ ପୂର୍ଣ୍ଣିମା ଦିନ ସମସ୍ତେ ନିଜ ନିଜ ଗୃହରେ ବଳଭଦ୍ରଙ୍କ ପୂଜା କରନ୍ତି । ତାଙ୍କର ଆୟୁଧ ହଳ-ଲଙ୍ଗଳ ସହ ବଳଦଙ୍କୁ ପୂଜା କରାଯାଏ । ତେଣୁ ଏହି ପର୍ବକୁ କୁହାଯାଏ ବଳଦେବ ଜୟନ୍ତୀ । କେତେକ ଅଞ୍ଚଳରେ ଧନୀ-ଦରିଦ୍ର ନିର୍ବିଶେଷରେ ଗ୍ରାମବାସୀମାନେ ଏକାଠ ପୂଜା କରିବାର ବିଧି ଅଛି । ଗାଁର ଶେଷ ମୁଣ୍ଡରେ ଗହ୍ମାବେଦି ନିକଟରେ ବଳଦେବଙ୍କର ଆକୃତି ବିଶିଷ୍ଟ ମାଟିର ବିରାଟ ସ୍ତୂପ ତିଆରି କରି ସେଠାରେ ବଳଦେବ ପୂଜା ଓ ଭୋଗ ଅର୍ପଣ କରାଯାଏ। ଆଉ କେତେକ ଗାଁରେ ଗୋଟିଏ ବଡ଼ ବଳଦ ଆକାରର ମାଟି ସ୍ତୂପ କରି ଭୋଗ ସାରିବା ପରେ ଏକ ଅଣ୍ଡିରା ବାଛୁରୀକୁ ସ୍ତୂପ ଉପରେ ଡିଆଁଇ ଦିଅନ୍ତି । ଏହାକୁ କହନ୍ତି ଗହ୍ମା ଡିଆଁ । ଏହି ଦିନ ଗୋ-ପୂଜା ମଧ୍ୟ କରାଯାଏ । ପ୍ରାଚୀନ ବୈଦିକ ସାହିତ୍ୟରେ ଶ୍ରାବଣ ପୂର୍ଣ୍ଣିମା ତିଥି 'ଉପକର୍ମ' ବା ବେଦାଭ୍ୟାସ ପାଇଁ ଉଦ୍ଦିଷ୍ଟ। ତେବେ ଏହାର ସ୍ମାରକୀ ସ୍ୱରୂପ ସାରା ଭାରତବର୍ଷରେ 'ସଂସ୍କୃତ ଦିବସ' ପାଳନ କରାଯାଉଛି । ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଘଟଣା। ପୁରାଣରେ ଅସୁର ରାଜା ବଳି ଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏଁ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି। ଶ୍ରୀକୃଷ୍ଣ ଅତ୍ୟାଚାରୀ ଶିଶୁପାଳକୁ ବଧ କରିବା ବେଳେ ତାଙ୍କର ଅଙ୍ଗୁଳି କଟିଯାଇଥିଲା। ସେଥିରୁ ରକ୍ତ ବାହାରିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀ ଚିରି ସେଥିରେ ଗୁଡ଼ାଇ ଦେଇଥିଲେ, ଫଳରେ ରକ୍ତ ବନ୍ଦ ହୋଇଯାଇଥିଲା। ଦ୍ରୌପଦୀଙ୍କ ମଧ୍ୟରେ



ଶ୍ରୀକୃଷ୍ଣଙ୍କ ଭଉଣୀର ସ୍ନେହ ପାଇଥିଲେ। ଯେତେବେଳେ କୁରୁସଭାରେ ଦ୍ରୌପଦୀଙ୍କୁ କୌରବମାନେ ବିବସନା କରିବାକୁ ଉଦ୍ୟତ ହେଲେ ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ର ଦାନ କରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ। ଇତିହାସରେ ମଧ୍ୟ ରହିଛି ରକ୍ଷାବନ୍ଧନ। ଯଦିଓ ଏହାପଛରେ ରହିଛି ରାଜନୈତିକ ଅଭିସନ୍ଧି, ତେବେ ବି ରାକ୍ଷୀ ବାନ୍ଧିଥିବା ଭଉଣୀର ସମ୍ମାନ ରକ୍ଷା ପାଇଁ ଭାଇ ପଛଘୁଞ୍ଚା ଦେଇନାହିଁ। ପ୍ରଥମ ଘଟଣାଟି ହେଲା ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ତଳର। ମାସିଡ଼ୋନିଆର ସମ୍ରାଟ ଆଲେକଜାଣ୍ଡର ଭାରତ ଉପରେ ବିଜୟ ଲାଭ ପାଇଁ ଅଗ୍ରସର ହେଉଥିବାବେଳେ ରାଜା ପୁରୁଙ୍କ ସମ୍ମୁଖୀନ ହୋଇଥିଲେ। ପ୍ରଥମ ଥର ପୁରୁଙ୍କଠାରୁ ଆଲେକଜାଣ୍ଡର ପରାସ୍ତ ହେଲେ, ସେତେବେଳେ ଆଲେକଜାଣ୍ଡରଙ୍କ ପତ୍ନୀ ପୁରୁଙ୍କ ନିକଟରୁ ଏକ ରାକ୍ଷୀ ପ୍ରେରଣ କରିଥିଲେ। ପୁରୁ ତାଙ୍କୁ ନିଜର ଭଉଣୀ ଭାବେ ଗ୍ରହଣ କରିଥିଲେ। ଅନ୍ୟ ଘଟଣାଟି ହେଲା ରାଣୀ କର୍ଣ୍ଣାବତୀ ଓ ସମ୍ରାଟ ହୁମାୟୁନଙ୍କୁ ନେଇ। ମଧ୍ୟ ଯୁଗର ରାଜପୁତ ଯୋଦ୍ଧାମାନେ ପରାକ୍ରମୀ ଥିଲେ। ସେମାନେ କୌଣସି ଆକ୍ରମଣକାରୀ ସହ ପ୍ରାଣ ଦେଇ ଲଢୁଥିଲେ। ଏମିତି ଏକ ଯୁଦ୍ଧରେ ଚିତୋରର ରାଣୀ କର୍ଣ୍ଣାବତୀ ସ୍ୱାମୀଙ୍କୁ ହରାଇବାପରେ ଯେତେବେଳେ ଅନୁଭବ କଲେ ଯେ ସୁଲତାନ ବାହାଦୂରଶାହାଙ୍କୁ ପ୍ରତିହତ କରାଯାଇପାରିବ ନାହିଁ। ସେତେବେଳେ ସେ ଉପାୟଟିଏ ଚିନ୍ତାକଲେ। ମୋଗଲ ସମ୍ରାଟ ହୁମାୟୁନଙ୍କ ନିକଟକୁ ଏକ ରାକ୍ଷୀ ପଠେଇ ଦେଲେ। ହୁମାୟୁନ ମଧ୍ୟ ଏହାକୁ ଭଉଣୀର ସ୍ନେହ ମନେ କରି ଚିତୋରର ସୁରକ୍ଷା ପାଇଁ ତୁରନ୍ତ ତାଙ୍କର ସୈନ୍ୟବାହିନୀ ପଠେଇ ଦେଇଥିଲେ।

ଏହି ଦିନ ମହାଆଡ଼ମ୍ବରରେ ପାଳିତ ହୁଏ ରକ୍ଷା ବନ୍ଧନ ଉତ୍ସବ । ଭାଇ ହାତରେ ରାଖି ବାନ୍ଧେ ଭଉଣୀ । ଓଡ଼ିଶାରେ କେତେକ ଅଞ୍ଚଳରେ ବ୍ରାହ୍ମଣମାନେ ଯଜମାନଙ୍କୁ ରାକ୍ଷୀ ସହ ପଇତା ପିନ୍ଧାନ୍ତି । ବିପଦରୁ ରକ୍ଷା ପାଇଁ ଅଭିମନ୍ତ୍ରିତ ରାଖି ବାଳକ ଶ୍ରୀକୃଷ୍ଣଙ୍କ ହାତରେ ବାନ୍ଧିଥିଲେ ଗୋପୀମାନେ । ପୁଣି ଇନ୍ଦ୍ରଙ୍କ ହାତରେ ବାନ୍ଧିଥିଲେ ତାଙ୍କ ପତ୍ନୀ । ପ୍ରଭୁ ବଳରାମଙ୍କର ମାୟାବୀ ଅସୁର ସହ ଯୁଦ୍ଧ ବେଳେ ସମସ୍ତେ କାନ୍ଧରେ ପଇତା ପକାଇ ନିଜର ଜୀବନ ରକ୍ଷା କରିଥିବାରୁ ଏହି ଦିନ ବ୍ରାହ୍ମଣମାନେ ଅନ୍ୟ ସମସ୍ତଙ୍କୁ ପଇତା ସହ ରାଖି ପିନ୍ଧାଇବାର ପ୍ରଥା ଚଳିଆସୁଛି । ଶ୍ରାବଣ ପୂର୍ଣ୍ଣିମା ଦିନ ଭଉଣୀ ତାର ଭାଇ ହାତରେ ରାକ୍ଷୀ ବନ୍ଧିବାର ଯେଉଁ ପରମ୍ପରା ବହୁ ପ୍ରାଚୀନ କାଳରୁ ଗଢ଼ି ଆସୁଛି, ତାହା ସର୍ବସୁଖ ଓ ମଙ୍ଗଳ କାମନାର ଏକ ଦୃଢ଼ ସନ୍ତକ । ପ୍ରକୃତରେ ରକ୍ଷାବନ୍ଧନ ହେଉଛି ଭାଇ ଓ ଭଉଣୀର ପବିତ୍ର ସ୍ନେହ, ଶ୍ରଦ୍ଧା ଓ ପ୍ରେମର ନିଦର୍ଶନ ସ୍ୱରୂପ । ଏଇ ଗହ୍ମାପୂର୍ଣ୍ଣିମା ଦିନ ଭାଇ ହାତରେ ଭଉଣୀ ପବିତ୍ର ରାକ୍ଷୀ ବାନ୍ଧି ଭାଇର ଶୁଭମନାସି ଦୀର୍ଘଦିନ ଓ ସର୍ବ ସଫଳତା କାମନା କରିଥାଏ । ପ୍ରତିବଦଳରେ ଭାଇ ମଧ୍ୟ ଭଉଣୀକୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତା ପ୍ରଦାନ ସହ ସର୍ବଦୁଃଖରୁ ରକ୍ଷା କରିବା ନିମିତ୍ତ ବଚନବଦ୍ଧ ରହେ । ଘରର ସମସ୍ତଙ୍କ ମଙ୍ଗଳ ଓ ସୁଖଶାନ୍ତି ପାଇଁ ମଧ୍ୟ ଏହି ପବିତ୍ର ଡୋରିକୁ ଘର ସମ୍ମୁଖ ଦ୍ୱାରରେ ବାନ୍ଧି ଦିଆଯାଏ ।

ବର୍ତ୍ତମାନର ଯୁଗପୁରୁଷୋତ୍ତମ କଲ୍‌କୀ ବିଗ୍ରହ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ତାଙ୍କ ସାନ ଭଉଣୀ ମଧ୍ୟ ରାକ୍ଷୀ ବାନ୍ଧି ଦେଉଥିଲେ। କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ତୁମେ ମୋତେ ରାକ୍ଷୀ ବାନ୍ଧିଲ, ମୁଁ ଭାଇ ହିସାବରେ ତୁମକୁ ରକ୍ଷା କରିବି। ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଏକ କୃଷିଭିତ୍ତିକ ପର୍ବ । ଏହି ପବିତ୍ର ଦିନରେ ଭଗବାନ ଶ୍ରୀକୃଷ୍ଣଙ୍କ ବଡ଼ ଭାଇ ପ୍ରଭୁ ବଳରାମ ଜନ୍ମ ନେଇଥିଲେ । ଭାରତ ଏକ କୃଷି ପ୍ରଧାନ ଦେଶ ଏବଂ ଆମ କୃଷକର ଦେବତା ହେଲେ ପ୍ରଭୁ ବଳରାମ । ସେଥିପାଇଁ ସେ ତାଙ୍କ ହସ୍ତରେ କୃଷିର ସନ୍ତକ ଲଙ୍ଗଳକୁ ଅସ୍ତ୍ରରୂପେ ଧାରଣ କରିଥାନ୍ତି । ପ୍ରତ୍ୟେକ ଓଡ଼ିଆ ପରିବାର ଏହି ପବିତ୍ର ପୂର୍ଣ୍ଣମୀ ଦିନ ସେମାନଙ୍କ ଗୋରୁଗାଈ ମାନଙ୍କୁ ଗାଧୋଇ ଦେଇ ତାଙ୍କ ମସ୍ତକରେ ସିନ୍ଦୁର , ଚନ୍ଦନ ଫୁଲ ଆଦି ଲଗାଇ ବନ୍ଦାପନା କରିବା ସହ ରାକ୍ଷୀ ବନ୍ଧନ କରିଥାନ୍ତି । ଘରେ ଘରେ ସେ ଦିନ ପିଠାପଣା କରି ଖାଆନ୍ତି ଏବଂ ଗୋରୁଙ୍କୁ ମଧ୍ୟ ଖାଇବାକୁ ଦିଅନ୍ତି । ବର୍ଷାକଳୀନ ରାଧାକୃଷ୍ଣଙ୍କ ପବିତ୍ର ଝୁଲଣ ଯାତ୍ରା ଦିନ ଶେଷ କରାଯାଇଥାଏ । ଆମ ଦେଶରେ ଏହି ପବିତ୍ର ପରମ୍ପରାକୁ ଉଦ୍‌ଜୀବିତ କରି ରଖିବା ନିମିତ୍ତ ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିଟିକୁ ପ୍ରତ୍ୟେକ ପରିବାର ଅତି ଶ୍ରଦ୍ଧା ଓ ଅନନ୍ଦ ଉଲ୍ଲାସର ସହିତ ପାଳନ କରି ଆସୁଛନ୍ତି ।

♥ ସହ-ପ୍ରତିରତ୍ତିକ ଓ
ପ୍ରଫେସର, ହେପାଟୋଲୋଜି
ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
(ମୋ) ୯୪୩୭୦୫୧୯୫୭

# ନୀଳରକ୍ତ କଙ୍କଡା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚର ନୂତନ କର୍ମକର୍ତ୍ତା ଚୟନ ଓ ରାକ୍ଷୀ ପୂର୍ଣ୍ଣିମାରେ ଦୁବଲାଗଡି ବେଳାଭୂମିରେ ନୀଳରକ୍ତ କଙ୍କଡା ପାଇଁ ରକ୍ଷା ବନ୍ଧନ ଉତ୍ସବ




ବାଲେଶ୍ୱର, ୧୭/୮ (ନି.ପ୍ର): ନୀଳରକ୍ତ କଙ୍କଡା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚର ପୂର୍ବତନ ସଭାପତି ଲକ୍ଷ୍ମୀଧର ବେହେରାଙ୍କ ତିରୋଧାନ ପରେ ପଦୁଆପଦାସ୍ଥ ଲିଫ୍ଟ ଇରିଗେସନ ୟୁନିୟନ ଅଫିସ ପରିସରରେ ଆଜି ତା ୧୪/୮/୨୦୨୪ ରିଖ ସନ୍ଧ୍ୟାରେ ଏକ ସାଧାରଣ ବୈଠକ ବସିଥିଲା ମଞ୍ଚର ଉପସଭାପତି ତଥା ବରିଷ୍ଠ ଶ୍ରମିକ ନେତା ଗୌରାଙ୍ଗ ପାଣିଗ୍ରାହି ଙ୍କ ସଭାପତିତ୍ୱରେ। ମଞ୍ଚକୁ ସୁସଂଗଠିତ କରି ଆଗାମୀ ଦିନରେ ବିଶ୍ୱର ବିରଳ ଓ ବିସ୍ମୟ ନୀଳରକ୍ତ କଙ୍କଡା ପାଇଁ ବାଲେଶ୍ୱରରେ ଏକ ବିଶ୍ୱସ୍ତରୀୟ ଗବେଷଣାଗାର ଓ ଅଭୟାରଣ୍ୟ ସୃଷ୍ଟି କରିବା ପାଇଁ ଏକ ଜନ ଆନ୍ଦୋଳନର ଆବଶ୍ୟକତା କରି ଏକ ସାଧାରଣ ବୈଠକ ବସିଥିଲା। ସାଂଗଠନିକ ଅଭିବୃଦ୍ଧି ପାଇଁ ସର୍ବସମ୍ମତିକ୍ରମେ ଖାଲିପଡିଥିବା ସଭାପତି ପଦରେ ଶିଳ୍ପୀ କେଶୁଦାସଙ୍କୁ ସଭାପତି ରୂପରେ ଚୟନ କରାଯାଇଥିବା ବେଳେ ଗୌରାଙ୍ଗ ପାଣିଗ୍ରାହି ଓ ମନୋଜ କୁମାର ନାୟକ - ଉପସଭାପତି, ଡ଼ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ- ସଂପାଦକ, ସୁଧାକର ସେଠୀ, ପ୍ରବୀର କମିଳା- ସହ ସଂପାଦକ, ଉପାସନା ପଟ୍ଟନାୟକ- ସଂଗଠନ ସଂପାଦକ, ଗଗନ କୁମାର ସେଠୀ- କୋଷାଧକ୍ଷ ଭାବରେ ମନୋନୀତ ହୋଇଛନ୍ତି। କବି ଅଭୟ ଦାସ, ଅନ୍ତର୍ଯାମୀ ପ୍ରଧାନ, ବିଶ୍ୱଜିତ ଘୋଷ, ଗୋବିନ୍ଦ ପ୍ରସାଦ ଦାସ, ଆୟୁବ ଖାଁ, ସୁଶାନ୍ତ ଦାସ, ସୁଶାନ୍ତ ଡେରା, ଶ୍ୟାମସୁନ୍ଦର ଜେନା, ଦେବାଶିଷ ପତି, ଶରତ ଦଳେଇ ପ୍ରମୁଖ ସକ୍ରିୟ ସଦସ୍ୟ ଭାବରେ ମନୋନୀତ ହୋଇଛନ୍ତି ।ଆଗାମୀ ଦିନରେ ବିଭିନ୍ନ ବର୍ଗର ଗରିଷ୍ଠ ଓ ବରିଷ୍ଠ ବ୍ୟକ୍ତିଙ୍କୁ ଉପଦେଷ୍ଟା ଭାବରେ ମଞ୍ଚ ରେ ସାମିଲ କରି ସାଂଗଠକୁ ସଂଗଠିତ କରାଯାଇ ନୂତନ କାର୍ଯ୍ୟ ପନ୍ଥା ମାନ ଗ୍ରହଣ କରାଯିବ ବୋଲି ସ୍ଥିର କରାଯାଇଛି। । ପବିତ୍ର ରାକ୍ଷୀ ପୂର୍ଣିମା ଅବସରରେ ବିଗତ ବର୍ଷ ପରି ଚଳିତ ବର୍ଷ ମଧ ଦୁବଲାଗଡିରେ ନୀଳରକ୍ତ କଙ୍କଡା ସୁରକ୍ଷା ପାଇଁ ବେଳାଭୂମି ସଫେଇ, ଚିତ୍ରାଙ୍କନ ପ୍ରତିଯୋଗିତା ଓ ରକ୍ଷା ବନ୍ଧନ ଉତ୍ସବ ଯଥାବିଧି ପାଳନ ପାଇଁ ସ୍ଥିର କରାଯାଇଛି। ଏଥିରେ ସ୍ଥାନୀୟ ଯୁବ ସଂଗଠନ , ସ୍କୁଲ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ପ୍ରକୃତି ପ୍ରେମୀଙ୍କୁ ସାମିଲ କରାଯିବା ପାଇଁ ସ୍ଥିର ହେଲା । ଆଗାମୀ ଦିନରେ ବିଶାଳ ଜନ ଆନ୍ଦୋଳନ ପାଇଁ ପ୍ରସ୍ତୁତ କରାଯାଉଛି। ଶେଷରେ ସଭାପତିଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଯାଇଥିଲା।

# ବାଲିଅନ୍ତା ପ୍ରେସ କ୍ଲବ୍‌ର ୫ମ ବାର୍ଷିକ ଉତ୍ସବ



ବାଲକାଟି , ୧୭/୮ (ନି.ପ୍ର): ବାଲିଅନ୍ତା ପ୍ରେସ କ୍ଲବ୍ ର ୫ମ ବାର୍ଷିକ ଉତ୍ସବ ବାଲକାଟି ନିକଟସ୍ଥ ଶ୍ରୀ କନଭେନସନ ସଭାଗୃହ ଠାରେ ସନ୍ଧ୍ୟା ୬ଘଣ୍ଟା ସମୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସୋମନାଥ ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗ ଦେବାକୁ ପ୍ରତିଶ୍ରୁତି ଦେଇ ନଆସିବାରୁ ତାଙ୍କ ସ୍ଥାନରେ ପୂର୍ବତନ ମନ୍ତ୍ରୀ ଡ୍ ଅରବିନ୍ଦ ଢ଼ାଲି ଯୋଗଦେଇଥିଲେ।ମୁଖ୍ୟ ବକ୍ତା ଭାବରେ ଉତ୍କଳ ସାମ୍ବାଦିକ ସଂଘ ର ସଭାପତି ବିଭୂତି ଭୂଷଣ କର ଓ ଅନ୍ୟାନ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜନେତା ସନ୍ତୋଷ ମହାନ୍ତି,ରଶ୍ମି ମହାପାତ୍ର,ପୋଲିସ ଆସିଷ୍ଟାଣ୍ଟ କମାନଡ଼ାଣ୍ଟ ଲଳିତେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇ ଆଜିର ସମାଜରେ ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ମାନଙ୍କର ସୁରକ୍ଷା ଓ ନିରାପତ୍ତା ପାଇଁ ଦୃଢ଼ ଆଇନିଗତ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମାଜ ପ୍ରତି ସେମାନଙ୍କ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ମରଣୋତ୍ତର ଭାବରେ ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ ସ୍ୱର୍ଗତ ସତ୍ୟପ୍ରିୟ ମହାନ୍ତି ଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କର ସୁପୁତ୍ର ସନ୍ତୋଷ ମହାନ୍ତି ଓ ନାତି ସୁବ୍ରତ ମହାନ୍ତି ଏହି ସମ୍ମାନ ପତ୍ର ଗ୍ରହଣ କରିଥିଲେ।ବିଶିଷ୍ଟ ସାମ୍ବାଦିକ ବଙ୍କିମ ନାୟକ,ପୂର୍ବତନ ଅଧକ୍ଷ ତଥା କବି,ଚଳଚ୍ଚିତ୍ର ସଂଳାପ ଲେଖକ ଡ୍ ରଜନୀ ରଞ୍ଜନ ଦାଶ,ମାଟ୍ରିକ ପରୀକ୍ଷା ରେ ବ୍ଲକ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ନମିତା ସାହୁ ପ୍ରମୁଖଙ୍କୁ ମାନପତ୍ର ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସ୍ୱସ୍ତିକା ନାମରେ ସ୍ମରଣିକା କୁ ଅତିଥି ମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଓ ମହିଳା ଯୋଗ ଦେଇଥିଲେ।କ୍ଲବ୍ ର ଅନ୍ୟତମ ଉପଦେଷ୍ଟା ଡ୍ ରଜନୀ ରଞ୍ଜନ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।କ୍ଲବ୍ ର କର୍ମକର୍ତ୍ତା,ଉପଦେଷ୍ଟା ଓ ସଭ୍ୟ ମାନେ କାର୍ଯ୍ୟକ୍ରମ ସଫଳତାରେ ସହଯୋଗ କରିଥିଲେ।

# ପ୍ରତିମା ସେବା ସଦନରେ ୭୮ତମ ସ୍ୱାଧୀନତା ଦିବସ ପାଳିତ



ବାଲେଶ୍ୱର, ୧୭/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ତେଲେଙ୍ଗା ସାହି ସ୍ଥିତ ପ୍ରତିମା ସେବା ସଦନରେ ୭୮ ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ଏହି ସ୍ୱାଧୀନତା ଦିବସରେ ଶ୍ରୀମତୀ ବସନ୍ତଲତା ପଟ୍ଟନାୟକ ସଭାପତିତ୍ୱ କରି ପତାକା ଉତ୍ତୋଳନ କରିଥିଲେ । କାଯ୍ୟ କାରି ସଭାପତି ଚନ୍ଦ୍ରାୟ ହେମ୍ବ୍ରମ ସହଯୋଗ କରିଥିଲେ , ମୁଖ୍ୟ ଅତିଥି ସରୋଜିନୀ ନାୟକ ଅଂଶଗ୍ରହଣ କରି ପ୍ରଥମେ ଜାତୀୟ ସଙ୍ଗୀତ ଗାନ କରିଥିଲେ । ଏହି ଦିବସରେ ସମସ୍ତେ ଭାରତର ସ୍ୱାଧୀନତା ଦିବସରେ ଉଦ୍ଦେଶ୍ୟ ଏବଂ ଏହାର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ । ଏହି ଉତ୍ସବରେ ଭବାନୀ ଶଙ୍କର ପାଣି ,ମନୋଜ କୁମାର ଜେନା , ଦର୍ଶନ ଦାସ , ଗୌତମ ବିଶ୍ୱାଳ , ବିଷ୍ଣୁ ହାଁସଦା , ପ୍ରବିନ ଦାସ , ଜୟଦେବ ଜେନା , ଚନ୍ଦ୍ରାଏ ହାଁସଦା , ଦର୍ଶନ ଦାସ , ପ୍ରୀୟସୁ ମହାରଣା , ମୁକୁନ୍ଦ ପାତ୍ର ବହୁ ଗୁଣି ଜ୍ଞାନୀ ଲୋକ ଉପସ୍ଥିତ ଥିଲେ।

# ୱାର୍ଡ଼ ନଂ ୪୫ ବୁଲି ସମସ୍ୟା ବୁଝିଲେ ବିଧାୟକ

ଭୁବନେଶ୍ୱର, ୧୭/୮ (ନି.ପ୍ର): ଏକାମ୍ର ବିଧାୟକ ବାବୁ ସିଂ ଶନିବାର ୱାର୍ଡ଼ ନଂ ୪୫ ର ବିଭିନ୍ନ ଅଂଚଳ ପରିଦର୍ଶନ କରି ଲୋକଙ୍କ ବିଭିନ୍ନ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ ପାଇଁ ପ୍ରୟାସ ଆରମ୍ଭ କରିଥିଲେ ଓ ଏହା ପରେ ବୃକ୍ଷ ରୋପଣ କରିଥିଲେ। ସବୁ ସମସ୍ୟା ସମ୍ପର୍କରେ ସମୀକ୍ଷା କରିବା ପରେ ବିଧାୟକ ଶ୍ରୀ ସିଂ ଖୁବ୍ ଜଲ୍‌ଦି ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବାବୁ ସିଂ କହିଛନ୍ତି ଯେ,ନିର୍ବାଚନରେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ ଆଉ ଏବେ ଲୋକଙ୍କ ପାଇଁ କାମ କରୁଛୁ। ଭୋଟର ଆମକୁ ଜନ ପ୍ରତିନିଧୀ ଭାବେ ନିର୍ବାଚିତ କଲା ପରେ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ପ୍ରାଥମିକତା ଦେଉଛୁ।

# ମିଥିବାଇ କ୍ଷିତିଜ ବାଲଭିକ୍ସ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ



ମୁମ୍ବାଇ, ୧୭/୮ (ନି.ପ୍ର): ପ୍ରେମ ଏବଂ ଏକତାର ଗଭୀର ଅଙ୍ଗଭଙ୍ଗୀରେ, ଭାରତର ଅନ୍ୟତମ ପ୍ରସିଦ୍ଧ ମିଥିବାଇ କ୍ଷିତିଜ । କଲେଜ ଉତ୍ସବ, ବାଲଭିକ୍ସ ବିଦ୍ୟାଳୟର ପିଲାମାନଙ୍କ ସହିତ ଏହି ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା । ଚଳିତ ବର୍ଷ ଲୋକପ୍ରିୟ ଅଭିନେତ୍ରୀ ରାକୁଲଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମକୁ ଆହୁରି ସ୍ୱତନ୍ତ୍ର କରାଯାଇଥିଲା ସ୍ୱାଧୀନତା ଆତ୍ମାକୁ ସମ୍ମାନ ଜଣାଇବାରେ ଛାତ୍ର ତଥା କ୍ଷିତିଜ ଦଳରେ ଯୋଗ ଦେଇଥିବା ପ୍ରୀତ ସିଂ। ଏହି କାର୍ଯ୍ୟକ୍ରମ ୧୫ ଅଗଷ୍ଟ ୨୦୨୪ ରେ ବାଲଭିକାସ୍ ବିଦ୍ୟାଳୟରେ ଉତ୍ସର୍ଗୀକୃତ ଏକ ଅଗ୍ରଣୀ ଅନୁଷ୍ଠାନରେ ହୋଇଥିଲା । ସ୍ ବଭ ତନ୍ତ୍ର ଦକ୍ଷ ପିଲାମାନଙ୍କର ଶିକ୍ଷା ଏବଂ ସଶକ୍ତିକରଣ ପାଇଁ । ଦିନ ଆରମ୍ଭ ହେଲା ଗର୍ବ ଏବଂ ଏକତାର ପ୍ରତୀକ ରାକୁଲ ପ୍ରୀତ ସିଂଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ । ଆମ ଜାତିର ପତାକା ଉତ୍ତୋଳନ କରିବା ପରେ, ସାଂସ୍କୃତିକ କାର୍ଯ୍ୟକଳାପ ଏବଂ ପାରସ୍ପରିକ କାର୍ଯ୍ୟକଳାପ । ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ପିଲାମାନେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ ଏବଂ ଏଥିରେ ଆନନ୍ଦ ପ୍ରକାଶ କରିଥିଲେ । ଦେଶର ସ୍ୱାଧୀନତା ପାଳନ ଏହି ଘଟଣା ବିଷୟରେ ପ୍ରତିଫଳନ କରି ରାକୁଲ ପ୍ରୀତ ସିଂ କହିଛନ୍ତି, "ମୁଁ ଏହାର ଅଂଶ ହୋଇଥିବାରୁ ଗର୍ବିତ ଅନୁଭବ କଲି ସୁନ୍ଦର ଉତ୍ସବ ସ୍ୱାଧୀନତା ଦିବସ ହେଉଛି ଆମ ଦେଶର ଯାତ୍ରା ମନେ ରଖିବାର ସମୟ, ଏବଂ ଆମକୁ ଦେଖାଇଥିବା ଏହି ଅଦ୍ଭୁତ ପିଲାମାନଙ୍କ ଅପେକ୍ଷା ଏହାକୁ ପାଳନ କରିବାର କ ଭରସ୍ପସ୍ପରକ୍ସ ଣସି ଭଲ ଉପାୟ ନଥିଲା । ଶକ୍ତି ଏବଂ ସ୍ଥିରତାର ପ୍ରକୃତ ଅର୍ଥ । ମୁଁ ସେମାନଙ୍କୁ ଏବଂ କ୍ଷିତିଜ୍ ଦଳରେ ଯୋଗଦେବାକୁ ଉତ୍ସାହିତ ଥିଲି । ସୁଖ ଏବଂ ଦେଶପ୍ରେମ ବିସ୍ତାର କରିବା। " ଏହି କାର୍ଯ୍ୟକ୍ରମର ଏକ ମୁଖ୍ୟ ଆକର୍ଷଣ ଥିଲା ପିଲାମାନଙ୍କୁ ଡାଏରୀ ଏବଂ କଲମ ବଣ୍ଟନ । ମିଥିବାଇ କ୍ଷିତିଜ୍ ଦଳ । ଏହି ଉପହାରଗୁଡ଼ିକ, ଯଦିଓ ସରଳ, ମହତ୍ ଙ୍କରବଭସଭଶ ପୂର୍ଣ୍ଣ ଅର୍ଥ ବହନ କରେ । ଶିକ୍ଷା, ସୃଜନଶୀଳତା ଏବଂ ଆଗରେ ଥିବା ଅସୀମ ସମ୍ଭାବନାଗୁଡିକର ପ୍ରତୀକ । ଏହି ଯୁବକ ମନ କ୍ଷତୀ ଦଳ କେବଳ ଉତ୍ସବ ଉପରେ ନୁହେଁ ବରଂ ସଶକ୍ତିକରଣ ଉପରେ ମଧ ଧ୍ୟାନ ଦେଇଥିଲେ ପିଲାମାନେ, ଏହି ଅଙ୍ଗଭଙ୍ଗୀ ସହିତ ସେମାନଙ୍କର ଶିକ୍ଷଣକୁ ଉତ୍ସାହିତ କରିବା ପାଇଁ ଏକ ପଦକ୍ଷେପ ଭାବରେ କାର୍ଯ୍ୟ କରନ୍ତି ।

# ବେତନଟୀ ମହାବିଦ୍ୟାଳୟର ୪୭ତମ ପ୍ରତିଷ୍ଠା ଦିବସ ପାଳିତ




ବେତନଟୀ , ୧୭/୮ (ନି.ପ୍ର): ଆଜି ବେତନଟୀ ମହାବିଦ୍ୟାଳୟର ୪୭ତମ ପ୍ରତିଷ୍ଠା ଦିବସ ପରିଚାଳନା କମିଟିର ସଭାପତି ଅଲେଖ କୁମାର ବିଶ୍ୱାଳଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଶ୍ରୀରାମ ଚନ୍ଦ୍ର ଦେଓ ବିଶ୍ୱ ବିଦ୍ୟାଳୟ ବାରିପଦାର ପରୀକ୍ଷା ନିୟନ୍ତ୍ରକ ଡ଼କ୍ଟର ସୁବ୍ରତ କୁମାର ରାଣା, ସମ୍ମାନିତ ଅତିଥି ଭାବରେ ଏଡଭୋକେଟ ପ୍ରଦ୍ୟୁମ୍ନ କୁମାର ପରିଡ଼ା, ପ୍ରାକ୍ତନ ଅଧକ୍ଷ ଡ଼କ୍ଟର ଶ୍ୟାମ ସୁନ୍ଦର ଦାଶ, ଡ଼କ୍ଟର ପ୍ରକାଶ ଚନ୍ଦ୍ର ମହାପାତ୍ର, ଡ଼କ୍ଟର ଯୋଗେନ୍ଦ୍ର ନାଥ ପଣ୍ଡା,ବାଲେଶ୍ୱର ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପରିଡା,ସ୍ଥାନୀୟ ବିଧାୟକ ପ୍ରତିନିଧି ରତିକାନ୍ତ ମହାନ୍ତ । ସ୍ୱାଗତ ଭାଷଣ ପ୍ରଦାନ ବେତନଟୀ କଲେଜ ଅଧ୍ୟାପକ ମନୋରଞ୍ଜନ ମହାନ୍ତ । ଏହି ଅବସରରେ ସ୍ୱର୍ଗତ ପ୍ରସନ୍ନ ଦାଶଙ୍କ ଦ୍ୱାରା ପ୍ରତିଷ୍ଠିତ 'କୃଷ୍ଣ ପ୍ରୀୟା ଟ୍ରଷ୍ଟ' ଏବଂ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ 'ସାବିତ୍ରୀ ଏଜୁକେଶନ ଟ୍ରଷ୍ଟ' ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ବର୍ତ୍ତମାନ କୃଷ୍ଣଚନ୍ଦ୍ର ଶିକ୍ଷାନିକେତନର ବରିଷ୍ଠ ଶିକ୍ଷକ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ଦ୍ୱାରା ରଚିତ ଏବଂ ଝୁମର ରାଣୀ ବିନ୍ଦୁ ମତୀ ମହାନ୍ତଙ୍କ କଣ୍ଠଦାନରେ ନିର୍ମିତ 'ମା ପାଇଁ ଗଛ ଟିଏର ' ଝୁମର ସଂଗୀତ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା ଏବଂ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଏଡଭୋକେଟ ପ୍ରଦ୍ୟୁମ୍ନ କୁମାର ପରିଡା, ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ପରିଡାଙ୍କର ସୁ ପୁତ୍ର ପ୍ରଦୀପ କୁମାର ପରିଡା ଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅଧ୍ୟାପକ ଶ୍ରୀନିବାସ ଭଞ୍ଜ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ନୂଆ ବିଧାୟକଙ୍କୁ ରିଜିଜୁଙ୍କ ...

ଏବଂ ଗୃହରେ ବିଭିନ୍ନ ପ୍ରସଙ୍ଗରେ ବିତର୍କରେ ଯୋଗଦାନ ସଂପର୍କରେ ମଧ କହିଥିଲେ ମୁଖ୍ୟମନ୍ତ୍ରୀ। ସେପଟେ ବିଧାନସଭା ରୁଲସ୍ ଏବଂ ପ୍ରୋସିଡିଂ ବିଷୟରେ ବିଧାୟକଙ୍କ କ୍ଲାସ ନେଇଥିଲେ ବାଚସ୍ପତି ସୁରମା ପାଢୀ । ଏପଟେ ଜ୍ଞାନସଂସ୍କାର କାର୍ଯ୍ୟକ୍ରମକୁ ନେଇ ରାଜନୀତି ବି ତେଜିଛି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କର ଗୋଟିଏ ଗୋଟିଏ ସେସନ ଥିଲେ ମଧ କେହି ଯୋଗ ଦେଇନାହାନ୍ତି। କଂଗ୍ରେସ ମଧ କାର୍ଯ୍ୟକ୍ରମକୁ ବୟକଟ୍ କରିଛି। ବିଜେଡି କହିଛି ଉଦଘାଟକ ଓ ଉଦଯାପନୀ ଦିବସରେ ଅତିଥିଙ୍କୁ ନେଇ ପ୍ରଶ୍ନ ଉଠାଇଥିଲୁ । ସରକାର ଲକ୍ଷ୍ୟ ବିଚ୍ୟୁତ ହେବାରୁ ବିଜେଡି ବିଧାୟକ ଯୋଗ ଦେଲେ ନାହିଁ । ଅନ୍ୟପଟେ କଂଗ୍ରେସ କହିଛି କେନ୍ଦ୍ରମନ୍ତ୍ରୀ, ବିଧାନସଭା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବାରୁ ପ୍ରଶିକ୍ଷଣ ଶିବିରର ମର୍ଯ୍ୟାଦା ହାନି ହୋଇଛି। ଜବାବରେ ବିଜେପି କହିଛି କାର୍ଯ୍ୟକ୍ରମକୁ ଅଯଥା ରାଜନୈତିକ ରଙ୍ଗ ଦିଆଯାଉଛି। ଏହା ସହ ବିଜେଡିର ଶଙ୍ଖ ଭବନ ପ୍ରଶିକ୍ଷିଣ ଶିବିରକୁ କଟାକ୍ଷ, କରି କହିଛି, ସ୍କୁଲରେ ପାଠ ନ ପଢି ଟ୍ୟୁସନରେ ସାର୍ଟିଫିକେଟ୍ ନେବାକୁ ଚେଷ୍ଟା କରୁଛନ୍ତି । ସେଠି କିଏ ଟ୍ୟୁସନ୍ କରୁଛନ୍ତି, ସମସ୍ତେ ଜାଣନ୍ତି । ଚଳିତ ଥର ରେକର୍ଡ ସଂଖ୍ୟକ ୮୪ ଜଣ ନୂଆ ବିଧାୟକ ଅଛନ୍ତି । ବିଜେପିର ପ୍ରାୟ ସମସ୍ତ ୫୪ ଜଣ ବିଧାୟକ ଉପସ୍ଥିତ ଥିବା ବେଳେ ବିଜେଡିର ୧୮ ଏବଂ କଂଗ୍ରେସର ୯ ନୂଆ ବିଧାୟକ ଏଥିରେ ଯୋଗ ଦେଇନାହାନ୍ତି ।

### ଡାକ୍ତର ଦୁଷ୍କର୍ମ ...

ଆସୋସିଏସନ, ଦିଲ୍ଲୀ ସରକାରୀ ମେଡିକାଲ କଲେଜ, ହସ୍ପିଟାଲ ରେସିଡେଂଟ ଡାକ୍ତର ଆସୋସିଏସନ ପ୍ରତିନିଧିମାନେ ସ୍ୱାସ୍ଥ୍ୟମନ୍ତ୍ରାଳୟକୁ ଭେଟିଛନ୍ତି । ସେପଟେ ଧର୍ମଘଟ ବନ୍ଦ କରି କାମକୁ ଫେରିବାକୁ ଅପିଲ କରିଛି ସ୍ୱାସ୍ଥ୍ୟମନ୍ତ୍ରାଳୟ । ସୁରକ୍ଷା ପାଇଁ କମିଟି ଗଠନ ପାଇଁ ପ୍ରତିଶ୍ରୁତି ମଧ ଦେଇଛି ।

### ବିଜୁଳି ମାରି...

ଢେଙ୍କାନାଳ ଜିଲ୍ଲାରେ ଏହି ଘଟଣାଗୁଡ଼ିକ ଘଟିଛି। ଆଉ ଅଧିକାଂଶ ବିଲରେ କାମ କରୁଥିବା ବେଳେ ହିଁ ବିଜୁଳି ମାରିଛି। ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ସିଙ୍ଗାରାପୁରା ଗାଁ ବିଲରେ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଉଛନ୍ତି ଲକ୍ଷ୍ମଣ ମୁର୍ମୁ ଓ ତାଙ୍କ ସ୍ତ୍ରୀ ସାକର ମୁର୍ମୁ। ସେମାନେ ବିଲରେ କାମ କରୁଥିବା ବେଳେ ବିଜୁଳି ମାରିଥିଲା। ଭଦ୍ରକ ଜିଲ୍ଲା ଆଗରପଡ଼ା ଥାନା ସାହୁପଡ଼ାରେ ଜଣଙ୍କର ମୃତ୍ୟୁ ଘଟିଛି। ତାଙ୍କ ନାଁ ଅମର ସେଠୀ (୨୯)। ସେହିଭଳି ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ନାଁ ଚକ୍ରଧର ଦାସ (୫୮)। ଉଭୟରେ ବିଲରେ କାମ କରୁଥିବା ବେଳେ ବିଜୁଳି ମାରିଥିଲା। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ବିଜୟନଗର ପଞ୍ଚାୟତ ଗୋବିନ୍ଦପୁର ଗାଁରେ ବଜ୍ରାଘାତରେ ହେମନ୍ତ ବାରିକଙ୍କ ମୃତ୍ୟୁ ଘଟିଥିବା ବେଳେ କାଣ୍ଡଗରଡ଼ି ପଞ୍ଚାୟତର ହିମାଂଶୁ ବାରିକ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। କେନ୍ଦ୍ରାପଡ଼ା ରାଜକନିକା ଥାନା ଗୁଆଳି ଗାଁରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେହିପରି ଗଞ୍ଜାମ ଜିଲ୍ଲା ଭଞ୍ଜନଗର ତାରାସିଂ ଥାନା ତୋଲଡ଼ି ଗାଁରେ ଜଣେ ବ୍ୟକ୍ତିଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଧୁରୁଡ଼ିଆମ୍ବ ଗାଁରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। କଟକ ଜିଲ୍ଲା ଟାଙ୍ଗୀର ଜରିପଡ଼ା ପଞ୍ଚାୟତ ଟିକରା ଗାଁରେ ମଧ ବଜ୍ରପାତରେ ଜଣଙ୍କର ମୃତ୍ୟୁ ଘଟିଛି। ବଜ୍ରପାତରେ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଓଡ଼ିଶୋ ଗାଁରେ ହରି ବେହେରା ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ କେନ୍ଦୁଝର ଜିଲ୍ଲା ତେଲକୋଇର ଗୁଡ଼ିକଂସରେ ୨ ଜଣ ମହିଳା ଓ ଜଣେ ଶିଶୁ ଆହତ ହୋଇଛନ୍ତି। ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ତର୍ଗତ ଅସନଝର ପଞ୍ଚାୟତ ସୁନାଚରା ଗ୍ରାମରେ ଧାନ ବିଲରେ କାମ କରୁଥିବା ସମୟରେ ବଜ୍ରାଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ସୁକାନ୍ତି ଯେନା। ବରଗଡ଼ ଜିଲ୍ଲା ବରପାଲି ବ୍ଲକ ମୁନୁପାଲି ଗାଁ ନିକଟ ମୁନୁବନ୍ଧରେ କୃଷି ଭିତ୍ତିକ ଉତ୍ସବ ପାଇଁ ପୂଜାର୍ଚ୍ଚନା ଚାଲିଥିଲା ବେଳେ ବିଜୁଳି ମାରିବାରୁ ୧୨ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବରପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଜି ବ୍ରଜପାତରେ ମୃତଙ୍କ ପାଇଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ୯ ଜଣଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଏବଂ ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହତମାନଙ୍କ ଆଶୁଆରୋଗ୍ୟ କାମନା କରିବା ସହ ସେମାନଙ୍କର ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି କହିଛନ୍ତି।

### ଖୁସି ଖବର: ରାସନକାର୍ଡ ....

କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି। ହିତାଧିକାରୀମାନେ ଚାଉଳ ସହ ଗହମ ପାଇବେ। ଗତ ବିଜେଡି ସରକାର ୨୦୨୦-୨୧ ମସିହାରୁ ରାଜ୍ୟରେ ହିତାଧିକାରୀଙ୍କୁ ସାଧାରଣବଣ୍ଟନ ବ୍ୟବସ୍ଥାରେ ଗହମ ଦେବା ବନ୍ଦ କରି ଦେଇଥିଲେ। ନିର୍ଦ୍ଧାରିତ ଗହମ କୋଟା ଖର୍ଚ୍ଚ କରିବାରେ ବିଫଳ ତତ୍‌କାଳିନୀ ବିଜେଡି ସରକାର ରାଜ୍ୟର ହିତାଧିକାରୀଙ୍କୁ କେବଳ ଚାଉଳ ଦେବା ପାଇଁ ସେତେବଳେ ନିଷ୍ପତ୍ତି ନେଇଥିଲେ।

### ପଶ୍ଚିମ ଓଡ଼ିଶା ବିକାଶ ...

ଆଜି ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ପଶ୍ଚିମଓଡ଼ିଶା ବିକାଶ ପରିଷଦ ଅଧକ୍ଷ ଶ୍ରୀ ତ୍ରିପାଠୀଙ୍କ ଇସ୍ତଫାକୁ ଆଜି ଅପରାହ୍ନରୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଗତ ଜୁନ ୧୨ତାରିଖରୁ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିଥିଲେ ମଧ ଶ୍ରୀ ତ୍ରିପାଠୀ ତାଙ୍କ ପଦରୁ ଇସ୍ତଫା ଦେଇନଥିଲେ । ଏବେ ପ୍ରାୟ ୪ମାସ ପରେ ସେ ଏହି ପଦରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କ ଇଚ୍ଛାରେ ଇସ୍ତଫା ଦେଇଛନ୍ତି ନା ସରକାରଙ୍କ ଚାପରେ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଛି ତାହା ଜଣାପଡ଼ିନି । ଅବଶ୍ୟ ବିଜେଡି ସରକାରଙ୍କ ଦ୍ୱାରା ରାଜନୀତିକ ପଦପଦବୀରେ ନିଯୁକ୍ତ ବ୍ୟକ୍ତିମାନେ ଜୁନ୍ ଓ ଜୁଲାଇ ମାସରେ ନିଜର ପଦରୁ ଇସ୍ତଫା ଦେଇଥିଲେ । ମାତ୍ର ଶ୍ରୀ ତ୍ରିପାଠୀ ଏହି ପଦବୀକୁ ବଜାୟ ରଖିଥିଲେ । ଶ୍ରୀ ତ୍ରିପାଠୀଙ୍କର ରାଜ୍ୟ ମୁଖ୍ୟ ସଚିବ ଭାବେ ୨୦୨୦ ଡିସେମ୍ବର ୩୧ତାରିଖରେ ଅବସର ନେବା ପୂର୍ବରୁ ତାଙ୍କୁ ପଶ୍ଚିମଓଡ଼ିଶା ବିକାଶ ପରିଷଦର ଅଧକ୍ଷ ପଦରେ ବିଜେଡି ସରକାର ଥଇଥାନ ପାଇଁ ନିର୍ଦ୍ଦେଶନାମା ଜାରି କରିସାରିଥିଲେ । ସେ ବିଜେଡି ସରକାରଙ୍କ ଫେଭରାଇଟ୍ ଆଇଏଏସ୍ ଭାବେ ପରିଚିତ ଥିଲେ ।

### ନିର୍ବାଚନ ପୂର୍ବରୁ ମହାବିକାଶ...

ଏଥିମଧ୍ୟରୁ କଂଗ୍ରେସ ସର୍ବାଧିକ ୧୩ ଆସନ ଜିତିଛି । ସ୍ୱାଭାବିକ ଭାବେ କଂଗ୍ରେସ ବଡଭାଇ ବୋଲି ନିଜକୁ ଭାବି ଲୋକସଭା ନିର୍ବାଚନ ପ୍ରଦର୍ଶନ ଆଧାରରେ ଅଧିକ ବିଧାନସଭା ଆସନରେ ଲଢ଼ିବାକୁ ଚାହୁଁଛି । କଂଗ୍ରେସର ପୂର୍ବ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ ଚୌହ୍ୱାନ ଓ ପ୍ରଦେଶ ମୁଖ୍ୟ ନାନା ପାଟୋଲେଙ୍କ ଭଳି ପ୍ରମୁଖ କଂଗ୍ରେସ ନେତାଥିଲେ ମଧ ଉଦ୍ଧବଙ୍କ ବ୍ୟକ୍ତିତ୍ୱ ଟକ୍କର ଦେବାଭଳି ସ୍ଥିତିରେ ନାହିଁ ।ତେବେ ଏହାର ଫାଇଦା ଶିବସେନା ନେବାକୁ ଚାହୁଁଛି । ଶିବସେନା ମତରେ ଉଦ୍ଧବଙ୍କ ଅଢେଇବର୍ଷର ଭଲ ଶାସନ ଓ ତାଙ୍କ ନେତୃତ୍ୱ ଯୋଗୁଁ ଏମଭିଏ ଲୋକସଭାରେ ଭଲ ପ୍ରଦର୍ଶନ କରିପାରିଛି । ତେଣୁ ପରୋକ୍ଷରେ ଉଦ୍ଧବଙ୍କୁ ଏମଭିଏର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବାକୁ ଶିବସେନା ଚାହୁଁଛି । ଏଭଳି ସ୍ଥିତି କଂଗ୍ରେସ ହାଇକମାଣ୍ଡ ଓ ଏନସିପି ସୁପ୍ରିମୋ ଶରଦ ପାୱାରଙ୍କ ମ ଉପରେ ସବୁ କିଛି ନିର୍ଭର କରିବ ।

# ଉତ୍ତର ଓଡ଼ିଶା ବିକାଶ ପରିଷଦ ୭୮ ତମ ସ୍ୱାଧିନତା ଦିବସ ପାଳିତ



ବାଲେଶ୍ୱର, ୧୭/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଗୋପାଳ ଗାଁ ର ପୂର୍ବତନ ବିଧାୟକ ଗୋପ ନାରାୟଣ ଦାସ ବାସ ଭବନରେ ୭୮ ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ତର ଓଡ଼ିଶା ବିକାଶ ପରିଷଦ ର ସଭାପତି ବିଭୁପ୍ରଦ ଦାସ ସଭାପତିତ୍ୱ କରି ପତାକା ଉତ୍ତୋଳନ କରିଥିଲେ। ଓ ସମସ୍ତ ସଭ୍ୟ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏପରିକି ସ୍ୱାଧିନତା ଦିବସ ପାଳନ ର ଉଦ୍ଦେଶ୍ୟ ଏବଂ ଏହାର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ, ଏହି ଦିବସରେ, ବୈଲଚନ ଦାସ , ଧ୍ରୁବ ଜଟାନିଆ, କମଳା କାନ୍ତ ନାୟକ , ଉତ୍ତର ଓଡ଼ିଶା ବିକାଶ କିପରି ହେବ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଏହା ଯେପରି ଓଡ଼ିଶା ର ଏକ ନମ୍ବର ଅନୁଷ୍ଠାନ ଭାବରେ ଲୋକସେବା କରିପାରିବ ବୋଲି ମତ ଦେଇଥିଲେ। ଏହି ସ୍ୱାଧିନତା ଦିବସ ଉତ୍ସବରେ ଅବନୀ କୁମାର ଦାସ ,ମାସନ୍ତ୍ ବାବୁ , ଅମୂଲ୍ୟ କୁମାର ସେଠୀ , ପଦ୍ମ ଲୋଚନ ଦତ୍ତ , ମନୋଜ କୁମାର ଖଟୁଆ ,ବସନ୍ତ ପ୍ରଧାନ , ରମାକାନ୍ତ , ଅଜୟ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ବେହେରା ରତିକାନ୍ତ ଦାସ , ରାଜ କିଶୋର ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ରବିବାର, ୧୮ ଅଗଷ୍ଟ , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଲେଖକ ଦମ୍ପତିଙ୍କ 'ଛଳପୁରୁଷ' ଓ 'ଆଦିମ ଇଶ୍ୱରୀ' ଲୋକାର୍ପିତ



ଭଦ୍ରକ, ୧୭/୮ (ନି.ପ୍ର): ଛଳପୁରୁଷଙ୍କ ଐଶ୍ୱରୀୟ ପ୍ରେରଣାରେ ଲେଖାଯାଉଥିବା କବିତା ହୃଦୟକୁ ଛୁଏଁ । ସୃଜନର ଆଦିମ ଇଶ୍ୱରୀ ନାୟିକା ସାଜି ଲେଖକଟିଙ୍କୁ କେବେ ପୁଣି ଗଳ୍ପଟିଏ ଲେଖିବାକୁ ବାଧ କରିଥାନ୍ତି । ନୂଆ ବହିର ନିଆରା ବାସ୍ନା ପାଠକ ତଥା ସଭିଙ୍କ ତନୁମନକୁ ଶିହରିତ କରିଥାଏ ବୋଲି ପ୍ରାଚୀନଗରସ୍ଥିତ ପ୍ରେମନଗର ଠାରେ 'ପ୍ରେମପୃଥିବୀ' ଆୟୋଜିତ ଅପାରଂପରିକ ସାରସ୍ୱତ ବନ୍ଧୁମିଳନ ଓ ନୂଆବହିର ବାସ୍ନା କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ଏହି ଅବସରରେ କବିତା-କଥାର ଯୁଗଳବନ୍ଦୀ ସୁଚିତ୍ରା ପାଣିଗ୍ରାହୀଙ୍କ ଅଗ୍ରଦୂତ ପ୍ରକାଶିତ କବିତା ସଂକଳନ 'ଛଳପୁରୁଷ' ଏବଂ ନବଲିପି ପ୍ରକାଶଧାରା ପ୍ରକାଶିତ ପବିତ୍ର ପାଣିଗ୍ରାହୀଙ୍କ ଗଳ୍ପପୁସ୍ତକ 'ଆଦିମ ଇଶ୍ୱରୀ' ପାଠକାର୍ପିତ ହୋଇଥିଲା । 'ଶିବାନୀ'ର ସଂପାଦକ ପୂର୍ଣ୍ଣଚନ୍ଦ୍ର ବହଳୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବନ୍ଧୁମିଳନରେ କୈଳାଶ ଚନ୍ଦ୍ର ପଣ୍ଡା ସ୍ୱାଗତ ସମ୍ଭାଷଣ, କିଶୋର ପାଣିଗ୍ରାହୀ ଓ ଡ. ମମତା ସାହୁ ପୁସ୍ତକ ସମ୍ପର୍କରେ ସୂଚନା ଏବଂ ସୁଚିତ୍ରା ପାଣିଗ୍ରାହୀ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ବରେଣ୍ୟ ଅତିଥି ଶୈଳେନ୍ଦ୍ର ମହାପାତ୍ର, ଡ. ବ୍ରଜମୋହନ ମିଶ୍ର, ହୃଦାନନ୍ଦ ପାଣିଗ୍ରାହୀ, ବାସୁଦେବ ବାରିକ, ଅଜୟ ନାୟକ ଓ ଅଶୋକ କୁମାର ଜେନା ପ୍ରମୁଖ ଲେଖକ ଦମ୍ପତିଙ୍କୁ ଆର୍ଶିବଚନରେ ଶୁଭେଚ୍ଛା ଜଣାଇଥିଲେ । ପ୍ରାରମ୍ଭରେ ବୈକୁଣ୍ଠନାଥ ବିଶ୍ୱାଳ ଆଦ୍ୟ ସୂଚନା ରଖିଥିଲା ବେଳେ 'ଶୁଭପଲ୍ଲବ'ର ସମ୍ପାଦକ ସଂଗ୍ରାମ କେଶରୀ ସେନାପତି କାର୍ଯ୍ୟକ୍ରମର ଶେଷସ୍ପର୍ଶ ଦେଇଥିଲେ । ଅନ୍ତର୍ଯାମି ମହାରଣା, ପତିପତାବନ ପାଣି ଓ ଅବିନାଶ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସାହାଯ୍ୟ କରିଥିଲେ । ଏହି ଭିନ୍ନରୁଚିର କାର୍ଯ୍ୟକ୍ରମରେ ଭଦ୍ରକର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଓ ସାମ୍ବାଦିକ ଯୋଗ ଦେଇଥିଲେ ।

# ପ୍ରତିଶ୍ରୁତି ପ୍ରତିଷ୍ଠାନର ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ ଓ ସାରସ୍ୱତ ସମାରୋହ




ବାରିପଦା , ୧୭/୮ (ନି.ପ୍ର): ମୟୂରଭଞ୍ଜ ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପ୍ରତିଷ୍ଠାନ ପକ୍ଷରୁ ସ୍ୱାଧୀନତାର ୭୮ତମ ବର୍ଷ ପାଳନ ଅବସରରେ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ (ସଦ୍‌ଭାବନା ସଭା ଗୃହ) ଠାରେ ଏକ ବହୁଭାଷୀ କବି ସମ୍ମିଳନୀ ତଥା ସାରସ୍ୱତ ଆଲୋଚନା ଚକ୍ର ପ୍ରତିଷ୍ଠାନର ସଭାପତି ଡା. ପାର୍ଥ ସାରଥୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଂଗୀତ ଶିଳ୍ପୀ ସୁଶ୍ରୀ ଭାରତୀ ବେବର୍ଚ୍ଚା ଆବାହ ସଂଗୀତ, ବନ୍ଦେ ମାରତମ୍ ତଥା ଭଜନ ପରିବେଷଣ କରିବା ପରେ ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ କବିତା ଲେଖିବାର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରି କବିତା ହେଉଛି କବିର ଜୀବନ ସେଥିରୁ ସେ ଅନିର୍ବଚନୀୟ ଆନନ୍ଦଲାଭ କରେ ଏହାର ଛନ୍ଦେ ଛନ୍ଦେ ଗଢି ଉଠେ ଜୀବନର ସାମ୍ୟ ସଂଗୀତ । ବିଶ୍ୱର ରହସ୍ୟ ହୁଏ ଉନ୍ମୋଚିତ ଓ ବିଶ୍ୱାତୀତ ଅଲୌକିକ ସତ୍ତା ହୁଏ ପ୍ରକାଶିତ ବୋଲି କହିଥିଲେ । ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷାଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କବିତା ମାଧମରେ ତାଙ୍କର ଅଭିଭାଷଣ ପ୍ରଦାନ କରି ଉପସ୍ଥିତ ଶ୍ରୋତାଙ୍କୁ ମବମୁଗ୍ଧ କରିଥିଲେ । ମୁଖ୍ୟବକ୍ତା ଭାବେ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରାଧାପକ ଡ. ବିଚିତ୍ରନାଥ ସାହୁ ଆଧୁନିକ ଓଡ଼ିଆ ସାହିତ୍ୟରେ କବିତାର ସ୍ଥାନ ସମ୍ପର୍କରେ ଦୀର୍ଘ ଆଲୋଚନା କରିଥିଲେ । ପରେ କବୟିତ୍ରୀ ସୁଧାମୟୀ ଦାସ ଓ ପାର୍ବତୀ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଓଡ଼ିଆ, ଇଂରାଜୀ, ହିନ୍ଦୀ, ସାନ୍ତାଳୀ , ହୋ, ମୁଣ୍ଡାରୀ ପ୍ରଭୃତି ବିଭିନ୍ନ ଭାଷାରେ କବି କବୟିତ୍ରୀମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତ୍ତି କରିଥିଲେ । କବି ସର୍ବଶ୍ରୀ ପ୍ରଦୀପ କୁମାର ନାୟକ, ସାମ୍ବାଦିକ ଦୀପକ କୁମାର ନାୟକ, ଦୋଳଗୋବିନ୍ଦ ମହାନ୍ତ, ସତ୍ୟବ୍ରତ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସେଠୀ, ପ୍ରିୟନାଥ ପାଣି, ଡ. ଶଶୀଧର ବିଶ୍ୱାଳ, ସେକ୍ ଜିକ୍ ରୁଲ୍ଲା, ହରିହର ଦାସ, ଡାକ୍ତର ଦୀପଙ୍କର ମିଶ୍ର, ଜୟନ୍ତ କୁମାର ଦ୍ୱାରୀ, ଡ. ସଂଜୀବ କୁମାର ପାଣିଗ୍ରାହୀ, ଗୋପାଳ ଚନ୍ଦ୍ର ସାଓ, ଜ୍ୟୋତିନ୍ଦ୍ର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମାଝୀ, ନରେନ୍ଦ୍ର ମୋହନ ସେନାପତି, ସୁରେଶ କୁମାର ପାଣିଗ୍ରାହୀ, ପର୍ଶୁରାମ ସାହୁ, ନିରୋଦ ସୁନ୍ଦର ଜେନା, ଡାକ୍ତର କୁମାର ବାବୁଲି, ଅଧାପକ ରାଜେନ୍ଦ୍ର ସାମଲ ତଥା କବୟିତ୍ରୀ ଡ. ମନ୍ଦାକିନୀ ସାହୁ, ବୀଣାପାଣି ଦାଶ, ପ୍ରିତୀସୁଧା ତ୍ରିପାଠୀ, ବିଜୟଲକ୍ଷ୍ମୀ ମହାନ୍ତି, ଗୀତାରାଣୀ ସାହୁ, ମିନତୀ ଦାସ, ସ୍ନେହଲତା ନାୟକ, ବୀଣାପାଣି ପଣ୍ଡା, ଭାସ୍ୱତୀ ପଣ୍ଡା, ପୁଷ୍ପଲତା ସାହୁ, ଭଗବତୀ ଦାଶ, ସବିତାରାଣୀ ସିଟ୍, ଭାନୁମତି ସିଂହ, ଅପର୍ଣ୍ଣା ସିଂହ, ମଙ୍ଗତ ମୁର୍ମୁ ପ୍ରମୁଖ ବହୁ କବି କବୟିତ୍ରୀ କବିତା ପାଠ କରିଥିଲେ । ସଭାପତି ଡା. ଜେନା ପଠିତ ସମସ୍ତ କବିତା ଗୁଡିକର ସମୀକ୍ଷା କରି ଆଧୁନିକ କବିତା ବାସ୍ତବିକ ଜୀବନ ଓ ଜଗତର କଥା କହେ ବୋଲି ଉଲ୍ଲେଖ କରିଥିଲେ । ପ୍ରଥମେ କବି ଅଜିତ କୁମାର ପାଣିଗ୍ରାହୀ ଅତିଥିମାନଙ୍କୁ ମଚାକୁ ଆମବଣ କରିଥିବା ବେଳେ କବି ଗୋପାଳ ଚନ୍ଦ୍ର ସାଓ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପଦ୍ମନାଭ ସାହୁ, ଡା. କୈଳାସ ଚନ୍ଦ୍ର ମହାନ୍ତି, ଅଜିତ କୁମାର କବାଟ, ଶରତ ଚନ୍ଦ୍ର ନାୟକ, ନରୋଚାମ ପାଣିଗ୍ରାହୀ, ସାମ୍ବାଦିକ ସୁକାନ୍ତ ଜୀଉ, ମେଜର ରବୀନ୍ଦ୍ର ନାଥ ପରିଡା, କୈବଲ୍ୟ ପ୍ରସାଦ ମହାପାତ୍ର, ଡ. ଭକ୍ତହରି ମହାନ୍ତ, ଇଂ ସତିଶ ଚନ୍ଦ୍ର ବେହେରା, ଦୋଳଗୋବିନ୍ଦ ଦାଶ, ନନ୍ଦଲାଲ ସିଂ, କାର୍ତ୍ତିକ ସେଠୀ, ରୋହିଦାସ ସିଂ, ଗତିକୃଷ୍ଣ ମହାନ୍ତ, ଅଭିମନ୍ୟୁ ମିଶ୍ର, ନରସିଂହ ବାରିକ ପ୍ରମୁଖ ବହୁ ବିଶିଷ୍ଟ ସାରସ୍ୱତ ସାଧକ ଉପସ୍ଥିତ ଥିଲେ ।

# ଗଣ୍ଡିବେଡ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତାଙ୍କ ପରଲୋକ



ଖଇରା୧୭।୮ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡସ୍ଥିତ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ର ପ୍ରତିଷ୍ଠାତା ତଥା ଆଧ୍ୟାତ୍ମବାଦୀ ମଣିଷ ଦିବାକର ରାଉଳ(୮୧) ଙ୍କର ଶନିବାର ଅପରାହ୍ନରେ ପରଲୋକ ହୋଇ ଯାଇଛି । ଲିଭର ସମସ୍ୟା ଯୋଗୁଁ ସେ କିଛି ଦିନ ଅସୁସ୍ଥ ଥିଲେ ଏବଂ ଭୁବନେଶ୍ୱର ସ୍ଥିତ ପଳାଶୁଣି ଠାରେ ପୁଅ ପାଖେ ରହି ଚିକିତ୍ସିତ ହେଉଥିଲେ । ଗଣ୍ଡିବେଡ ତଥା ଆଖପାଖ ଅଞ୍ଚଳର ସମସ୍ତ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟରେ ତାଙ୍କର ପ୍ରତକ୍ଷ ଓ ପରୋକ୍ଷ ସହଯୋଗ ରହୁଥିଲା । ଜିବନର ସଞ୍ଚିତ ଅର୍ଥରେ ସେ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ସହ ଜିବନର ଶେଷ ପାହାଚ ପର୍ଯ୍ୟନ୍ତ ଧର୍ମକାର୍ଯ୍ୟ ପାଇଁ ମଧ୍ୟ ବିନିଯୋଗ କରି ଆସୁଥିଲେ । ତାଙ୍କ ଏଭଳି ଆମସ୍ମିକ ମୃତ୍ୟୁରେ ଗଣ୍ଡିବେଡ ଆଞ୍ଚଳୀକ ଉନ୍ନୟନ ପରିଷଦ,ଗଣ୍ଡିବେଡ ବଣିକ ସଂଘ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି ।

# ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷଙ୍କ ଦୁଇ ଦିନିଆ ବାଲେଶ୍ୱର ଗସ୍ତ

ବାଲେଶ୍ୱର, ୧୭/୮ (ନି.ପ୍ର): ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଇଂ ଅବନୀକାନ୍ତ ସାହୁ ଦୁଇ ଦିନିଆ ବାଲେଶ୍ୱର ଗସ୍ତ କରି ଆଜି ଘ୧୧ଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ଜନହିତକର ଯୋଜନାର ସମୀକ୍ଷା କରିଛନ୍ତି । ବସ୍ତା, ରେମୁଣା ଏବଂ ସୋର ଅଂଚଳର ବିଭିନ୍ନ କାର୍ଯ୍ୟଳୟ ପରିଦର୍ଶନ ସମୟରେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟା ଶ୍ରୀମତୀ ସଂଯୁକ୍ତା ସହଯୋଗ କରିଛନ୍ତି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ମଞ୍ଚାସୀନ ଓଡ଼ିଶା ରାଜ୍ୟ ଆୟୋଗ ଅଧକ୍ଷ ଇଂ ଶ୍ରୀଯୁକ୍ତ ଅବନୀକାନ୍ତ ସାହୁ, ସଦସ୍ୟା ଶ୍ରୀମତୀ ସଂଯୁକ୍ତା ମହାନ୍ତି, ବାଲେଶ୍ୱର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଉପସ୍ଥିତ ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯୋଗାଣ ଅଧିକାରୀଙ୍କୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ନାୟକ ସ୍ୱାଗତ କରିଥିଲେ । ପରେ ପରେ ବାଲେଶ୍ୱର ଜିଲ୍ଲାର ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟମାନଙ୍କରେ ଚାଲୁଥିବା ମଧ୍ୟାହ୍ନ ଭୋଜନ ସଂପର୍କରେ ଜିଲ୍ଲା ଶିକ୍ଷାଧିକାରୀ ମମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକ, ଗ୍ରାମ ପଂଚାୟତ, ପୌରାଞ୍ଚଳ , ଏନ୍‌ଏସିର ହିତାଧିକାରୀଙ୍କ ରେସନ୍ କାର୍ଡ଼ ସଂପର୍କରେ ଯେ କୌଣସି ସମସ୍ୟାର ଆଶୁ ସମାଧାନ ନିମନ୍ତେ ଜିଲ୍ଲାରେ ଏକ ଟୋଲ ଫ୍ରି ନମ୍ବର ବ୍ୟବସ୍ଥା ଏବଂ ଏହି ପରିପ୍ରେକ୍ଷୀରେ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ସହିତ ସମନ୍ୱୟ ରକ୍ଷା ନିମନ୍ତେ ଓଡ଼ିଶା ଖାଦ୍ୟ ଆୟୋଗ ଅଧକ୍ଷ ଶ୍ରୀଯୁକ୍ତ ସାହୁ ଗୁରୁତ୍ୱାରୋପ କରିଥିଲେ । ଏହି ସମୀକ୍ଷା ବୈଠକରେ ମୁଖ୍ୟ ଖାଉଟି ଯୋଗାଣ ଅଧିକାରୀ ଶ୍ରୀଯୁକ୍ତ ନିରଞ୍ଜନ ବେହେରା, ଅତିରିକ୍ତ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ସୌରଭ ଚକ୍ରବର୍ତ୍ତୀ, ବି.ଡି.ଓ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ନିରଞ୍ଜନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଲରେ କାମ କରୁଥିଲେ: ବଜ୍ରପାତରେ ଚାଲିଗଲା ଦମ୍ପତିଙ୍କ ଜୀବନ

ବେତନଟୀ, ୧୭/୮ (ନି.ପ୍ର): ବିଲରେ କାମ କରୁଥିବାବେଳେ ବଜ୍ରପାତରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି । ବେତନଟୀ ବ୍ଲକ ଅଧୀନ ମେର୍ଦା ଉପକଣ୍ଠ ସିଙ୍ଗାରପୁରା ଗାଁରେ ଶନିବାର ଏଭଳି ଘଟଣା ଘଟିଛି । ମୃତ ଦମ୍ପତି ହେଲେ ସିଙ୍ଗାରପୁରା ଗାଁର ଲଚ୍ଛମନ ମୁର୍ମୁ ଓ ତାଙ୍କ ପତ୍ନୀ ସାକର ମୁର୍ମୁ । ସୂଚନା ମୁତାବକ ଲଚ୍ଛମନ ଓ ସାକର ବିଲରେ ଧାନତଳି କାମ କରୁଥିଲେ । ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା । ବଜ୍ରପାତରେ ଲଚ୍ଛମନ ଓ ସାକର ଅଚେତ ହୋଇଯାଇଥିଲେ । ପାଖରେ କାମ କରୁଥିବା ଲୋକମାନେ ଲଚ୍ଛମନଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ । ଖବର ପାଇ ପୁଅ ଧୀରା ମୁର୍ମୁ ଗାଁ ଲୋକଙ୍କ ସହାୟତାରେ ବାପା, ମା'ଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଉଭୟଙ୍କୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ ବେତନଟୀ ଡାକ୍ତରଖାନା ପକ୍ଷରୁ ବୈଶିଙ୍ଗା ପୋଲିସକୁ ଖବର ଦିଆଯାଇଥିଲା । ବୈଶିଙ୍ଗା ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ଖୁଆଡ ପିଏଚ୍‌ସିରେ ଜନ ଆରୋଗ୍ୟ ବୈଠକ

ଜଳେଶ୍ୱର ବ୍ଲକ , ୧୭/୮ (ନି.ପ୍ର): କେତେକ ପଂଚାୟତକୁ ନେଇ ଜଳେଶ୍ୱର ବ୍ଲକରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟ କରୁଛି । ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ଆରୋଗ୍ୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲାପରିଷଦ ସଦସ୍ୟା ତୁଳସୀ କିସ୍କୁ ଅଧ୍ୟକ୍ଷତା କରି ପୂର୍ବ ବୈଠକର ହୋଇଥିବା ଆଲୋଚନା ସଂପର୍କରେ ଅବଗତ କରାଇଥିଲେ । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ସମସ୍ୟାଥିବା ବେଳେ ବିଶେଷ କରି ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତି ଓ ରୋଗୀଙ୍କ ବସିବା ସ୍ଥାନ ଇତ୍ୟାଦି ନେଇ ଏକ ଯୋଜନା ପ୍ରସ୍ତୁତି ହୋଇଥିଲା । ଆଦିବାସୀ ଅଧ୍ୟୁସୀତ ଏହି ଅଂଚଳବାସୀ ଏପରି ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବାରୁ ଅଧିକ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ସଂପର୍କରେ ଆଲୋଚନା ହୋଇଥିଲା । ଆଲୋଚନାରେ ହାତୀଗଡ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅଜୟ ସାହୁ, ଡା. ସ୍ୱେତା ମହାନ୍ତି, ଡା. ସରୋଜ ମହାନ୍ତି, ପିଏଚ୍‌ଇଓ ଫକୀର ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଇଫକୋର ପ୍ରବନ୍ଧ ନିର୍ଦ୍ଦେଶକ ଡ଼ଃ ଉଦୟ ଶଙ୍କର ଅଓ୍ୱସ୍ଥିଙ୍କ ଓଡ଼ିଶା ଗ୍ରସ୍ତ ଅବସରରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଶିଳ୍ପ ମନ୍ତ୍ରୀଙ୍କ ସହିତ ସାକ୍ଷାତ



ପାରାଦ୍ୱୀପ , ୧୭/୮ (ନି.ପ୍ର): ବିଶ୍ୱର ସର୍ବ ବୃହତ୍ତମ ସମବାୟ ସଂସ୍ଥା ଇଫକୋର ପ୍ରବନ୍ଧ ନିର୍ଦ୍ଦେଶକ ଡ଼ଃ ଉଦୟ ଶଙ୍କର ଅଓ୍ୱସ୍ଥି ଓଡ଼ିଶା ଗ୍ରସ୍ତରେ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି , ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ( ଆଇ.ଏ.ଏସ୍ ), ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଏକ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ । ସାକ୍ଷାତ ସମୟରେ ଡ଼ା ଅଓ୍ୱସ୍ଥିଙ୍କ ସହିତ ଉପସ୍ଥିତ ଥିଲେ ଇଫକୋ ପାରାଦୀପ ୟୁନିଟର ନିର୍ଦ୍ଦେଶକ ତଥା ୟୁନିଟ୍ ମୁଖ୍ୟ ଶ୍ରୀଯୁକ୍ତ କେ.ଜେ.ପଟେଲ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ହୋଇଥିବା ଆଲୋଚନାରେ ଡକ୍ଟର ଅଓ୍ୱସ୍ଥି ଇଫକୋ ସାର କାରଖାନାର ଓଡିଶାର କୃଷି କ୍ଷେତ୍ରରେ ଅବଦାନ ଉପରେ ଗୁରୁତ୍ୱାରୋପ କରି ଇଫକୋ ନାନୋ ତରଳ ସାର, ଡିଏପି ଏବଂ ୟୁରିଆ ସାର ଉତ୍ପାଦନ ଉପରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ କରିଥିଲେ । ସେ ଭାରତର ଖାଦ୍ୟ ନିରାପତ୍ତାରେ ପାରାଦୀପ ୟୁନିଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମଧ ଆଲୋକପାତ କରିଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଅହୁଜାଙ୍କ ସହ ଡକ୍ଟର ଅଓ୍ୱସ୍ଥିଙ୍କ ବୈଠକରେ ଇଫକୋ ର ନୂତନ ପୁଞ୍ଜି ବିନିଯୋଗ ଏବଂ ଓଡ଼ିଶାରେ ଚାଲିଥିବା ପ୍ରକଳ୍ପ ସହିତ ପାରାଦୀପରେ ସଲଫୁରିକ୍ ଏସିଡ୍ ପ୍ଲାଣ୍ଟ, ନାନୋ ଫର୍ଟିଲାଇଜର୍ ପ୍ଲାଣ୍ଟ ଏବଂ ନଦୀ ଭିତ୍ତିକ ବନ୍ଦର ଜେଟି ନିର୍ମାଣ ଉପରେ ଗୁରୁତ୍ୱ ଦର୍ଶାଇଥିଲେ । କଟକ ଏବଂ ପାରାଦୀପ ମଧ୍ୟରେ ଯାତାୟାତ ସୁବିଧା ସୁଦୃଢ କରିବା ପାଇଁ ସେ ଏକ ନୂତନ ମେଟ୍ରୋ ରେଳର ବିକାଶ ପାଇଁ ମଧ ପ୍ରସ୍ତାବ ଦେଇଥିଲେ । ଏଥିସହ, ସ୍ଥାନୀୟ ଅଞ୍ଚଳର ବାସିନ୍ଦା ମାନଙ୍କ ସ୍ୱାସ୍ଥ୍ୟ ସେବା ବୃଦ୍ଧି ପାଇଁ ପାରାଦୀପରେ ଏକ ଆଧୁନିକ ଡାକ୍ତରଖାନା ତଥା ସୁପର ସ୍ପେସିଆଲିଟି ହସ୍ପିଟାଲ ର ପ୍ରତିଷ୍ଠା ସହ ଶିକ୍ଷାନୁଷ୍ଠାନ ର ଆର୍ଥିକ ଅନୁଦାନ ପ୍ରାପ୍ତ ତଥା ପରିଚାଳିତ ହେଉଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ମାନଙ୍କୁ ନିଯୋଜିତ କରିବା ପ୍ରମୁଖ ବିଷୟ ଉପରେ ଆଲୋଚନା କରିଥିଲେ । ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ସହ ତାଙ୍କର ସାକ୍ଷାତକାରରେ ଡକ୍ଟର ଅଓ୍ୱସ୍ଥି ଅଭିନନ୍ଦନ ଜଣାଇବା ସହ ରାଜ୍ୟ ର ଶିଳ୍ପ ମନ୍ତ୍ରୀ ତଥା ପାରାଦୀପ ବିଧାୟକ ଭାବରେ ଶ୍ରୀ ସମ୍ପଦ ସ୍ୱାଇଁ ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଇଫକୋ ପାରାଦୀପ ୟୁନିଟରେ ଚାଲିଥିବା ପ୍ରକଳ୍ପ ଏବଂ ଶିଳ୍ପ ଅନୁଦାନ ପ୍ରାପ୍ତ ସୁପର ସ୍ପେସିଆଲିଟି ହସ୍ପିଟାଲ ଏବଂ ପ୍ରସ୍ତାବିତ ନୂତନ ମେଟ୍ରୋ ରେଳ ପ୍ରକଳ୍ପ ପରି ଅଞ୍ଚଳବାସୀ ଙ୍କ ପାଇଁ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସର ରେ ଡକ୍ଟର ଅଓ୍ୱସ୍ଥି କୃତଜ୍ଞତା ଜଣାଇ କହିଛନ୍ତି,ଯେ 'ମାନ୍ୟବର ମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରୀ ତଥା ମୁଖ୍ୟ ଶାସନ ସଚିବ ଇଫକୋ ର ସମୟୋଚିତ ଉଦ୍ୟମ ତଥା ଆଗାମୀ ପ୍ରକଳ୍ପ ଗୁଡିକରେ ସରକାର ଆଗ୍ରହ ପ୍ରକାଶ କରିଥିବାରୁ ସେଥିପାଇଁ ଆମେ ସରକାରଙ୍କ ପାଖରେ କୃତଜ୍ଞ । ଏହି ପଦକ୍ଷେପଗୁଡିକ ନିଶ୍ଚିତ କରିବାକୁ ଆମର ପ୍ରତିବଦ୍ଧତା ସହିତ ସମାନ ସାର ଉପଲବ୍ଧତା ଏବଂ ଦେଶର ବିକାଶରେ ଯୋଗଦାନ ସହିତ ଦେଶରେ କୃଷକଙ୍କ ସଶକ୍ତିକରଣ ମାଧ୍ୟମରେ ଇଫକୋ ତାର ଜାତୀୟ ପ୍ରଗତିରେ ଉତ୍ସର୍ଗୀକୃତତାକୁ ଦର୍ଶାଉଛି । ଯାହାକି ଜନମାନସ ରେ ଇଫକୋ ତାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଅନ୍ୟ ଶିଳ୍ପାନୁଷ୍ଠାନ ମାନଙ୍କ ପ୍ରତି ଏକ ବିରଳ ଉଦାହରଣ ପାଲଟିଯାଇଛି ।

# ପୁନଶ୍ଚ ପୃଥିବୀ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ




ବାସୁଦେବପୁର, ୧୭/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତରେ ଜୟ ପୁର ଶିବ ମନ୍ଦିର ପରିସରରେ ପୁନଶ୍ଚ ପୃଥିବୀ ପକ୍ଷରୁ ଏକ ବୃକ୍ଷ ରୋପଣ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟ କ୍ରମକୁ ଉଦଘାଟନ କରିଥିଲେ ଏବଂ ବୃକ୍ଷ ରୋପଣ କରି ପରିବେଶ ସୁରକ୍ଷା କରିବା ପାଇଁ ଲୋକ ମାନଙ୍କୁ ବୁଝାଇଥିଲେ । ନରସିଂହପୁର ପଞ୍ଚାୟତ ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ଇଂଜିନିୟର ଭାଗିରଥି ମହାପାତ୍ର, ଶିକ୍ଷାବିତ୍ ଉପେନ୍ଦ୍ର ପ୍ରସାଦ ପାଢୀ, କାର୍ତ୍ତିକ ଖିଲାର, ସମ୍ବାଦର ଭଦ୍ରକ ଜିଲ୍ଲା ପ୍ରତିନିଧି ମଳୟ ବାବୁ, ବାସୁଦେବପୁର ପ୍ରେସ କ୍ଲବ ସଭାପତି ରମାକାନ୍ତ ବାରିକ, ସମାଜସେବୀ ରଞ୍ଜନ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସତ୍ୟ ସୁନ୍ଦର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ବାସୁଦେବପୁର ଯୁବ କଂଗ୍ରେସର ସଦସ୍ୟ ଦିପକ ନାୟକ, ରମେଶ ଚନ୍ଦ୍ର ଚଣ୍ଡ ଓ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କଲେ ନୀଳଗିରିର କୁନି ଛାତ୍ରୀ ଦେବାଂଶୀ



ନୀଳଗିରି, ୧୭/୮ (ନି.ପ୍ର): ନୀଳଗିରି ଇଂଲିଶ ମିଡିୟମ ସ୍କୁଲର ପଞ୍ଚମଶ୍ରେଣୀ ଛାତ୍ରୀ ଦେବାଂଶୀ ବେହେରା ଉପଖଣ୍ଡ ସ୍ତରୀୟ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲେ । ପରେ ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି । ଏହି ପରିପ୍ରେକ୍ଷୀରେ ୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ତାଙ୍କୁ ପୁରସ୍କୃତ କରାଯାଇଥିଲା । ଅନୁରୂପ ଭାବେ ନୀଳଗିରି ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ଦେବାଂଶୀ ବାଲିଗୋହିରି ଅଞ୍ଚଳର ସରୋଜ ବେହେରା ଓ ସସ୍ମିତା ଦାସଙ୍କ ଏକମାତ୍ର କନ୍ୟା । ତାଙ୍କର ଏଭଳି କୃତିତ୍ୱ ପାଇଁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଗୋଠପୁରାର ବେଶ୍ରା ପରିବାର



ଉଦଳା , ୧୭/୮ (ନି.ପ୍ର): କପ୍ତିପଦା ବ୍ଲକର ପେଡ଼ାଗଡ଼ି ପଂଚାୟତ ଅନ୍ତର୍ଗତ ଗୋଠପୁରା ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ବାସ କରୁଥିବା ବାହାଦୁର ବେଶ୍ରା ଓ ତାଙ୍କର ସହଧର୍ମିଣୀ ମିତା ବେଶ୍ରା ଦିନମଜୁରିଆ ଭାବରେ କାମ କରି ନିଜ ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଏହି ଦମ୍ପତିଙ୍କର ୨ଜଣ କନ୍ୟା ସନ୍ତାନ ଥିବା ବେଳେ ପରିବାରର ମୋଟ ଲୋକ ସଂଖ୍ୟା ୪ ଜଣ ଅଟନ୍ତି । ତେବେ ଏହି ପରିବାରଟି ସରକାର ଯୋଗାଇ ଦେଉଥିବା ଖାଦ୍ୟ ସୁରକ୍ଷା ଯୋଜନାରେ ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ପରିବାରର ସମସ୍ତଙ୍କର ଆଧାର କାର୍ଡ଼ ଥିବା ବେଳେ ଚାଉଳ ପାଇଁ ବାରମ୍ବାର ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିନଥିବାର କଥା ଜଣାଇଛନ୍ତି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁ ନଥିବା ଏହିଭଳି ଏକ ଗରିବ ପରିବାରକୁ ତୁରନ୍ତ ଚାଉଳ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ବାଲେଶ୍ୱର ଜିଲ୍ଲା ସଂସ୍କୃତ ମଣ୍ଡଳର ନୂତନ କର୍ମକର୍ତ୍ତା ନିର୍ବାଚିତ

ବାଲେଶ୍ୱର, ୧୭/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଂସ୍କୃତ ମଣ୍ଡଳର ନିର୍ବାଚନୀ ସାଧାରଣ ସଭା ରମେଶ ଚନ୍ଦ୍ର ପ୍ରଧାନଙ୍କ ଶ୍ରୀରାମଚନ୍ଦ୍ର ସଂସ୍କୃତ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସରକାର ବିଦ୍ୟାଳୟମାନଙ୍କରେ ପଦବୀ ପୂରଣ କରୁନଥିବାରୁ ବହୁ ସଂସ୍କୃତ ଅନୁଷ୍ଠାନ ବନ୍ଦ ହୋଇଗଲାଣି ଓ ଆଉ ଦୁଇବର୍ଷ ମଧରେ ସବୁ ଅନୁଷ୍ଠାନ ବନ୍ଦ ହୋଇଯାଇପାରେ । ସରକାରଙ୍କ ଠାରେ ଶୂନ୍ୟ ପଦବୀ ପୂରଣ ଓ ନୂଆ ଅନୁଷ୍ଠାନ ପାଇଁ ଅନୁଦାନ ଦାବି କରାଯାଇଥିଲା । ନୂତନ କର୍ମକର୍ତ୍ତା ଭାବେ ରମେଶ ଚନ୍ଦ୍ର ପ୍ରଧାନ ସଭାପତି, ଚନ୍ଦ୍ର ଦୃଷ୍ଟି ଉପସଭାପତି, ମନ୍ମଥ କୁମାର ମିଶ୍ର ସଂପାଦକ, ଗୋବିନ୍ଦ ଚନ୍ଦ୍ର ଦାସ ସହ ସମ୍ପାଦକ, ସୁରେନ୍ଦ୍ର ବେହେରା କୋଷାଧକ୍ଷ ସମେତ ୧୧ ଜଣ କାଯ୍ୟକାରୀ ସଦସ୍ୟ ତିନିବର୍ଷ ପାଇଁ ନିର୍ବାଚିତ ହୋଇଥିଲେ । କମଳାକାନ୍ତ ଦାଶ, ନାରାୟଣ ଦାଶ, ରବିନାରାୟଣ ମିଶ୍ର ଓ ରବୀନ୍ଦ୍ରନାଥ ଶତପଥୀଙ୍କୁ ପରାମର୍ଶଦାତା ଭାବେ ଗ୍ରହଣ କରାଯାଇଥିଲା । ସୁରେନ୍ଦ୍ର ନାଥ ଜେନା ଧନ୍ୟବାଦ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo